


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

• VOLUME- 43 • ISSUE-100 • MONDAY • 6 OCTOBER 2025 • PAGE-12 • ₹ 6.00 | PANIKOILI | • ବର୍ଷ-୪୩ • ସଂଖ୍ୟା-୧୦୦ • ସୋମବାର • ୬ ଅକ୍ଟୋବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


# କଟକ ଅଶାନ୍ତ

**କର୍ଫ୍ୟୁ ଜାରି**

## ପୁଲିସ-ଶୋଭାଯାତ୍ରାକାରୀ ଖଣ୍ଡଯୁଦ୍ଧ ■ ଲାଠିଚାର୍ଜ, ଟିୟର୍-ଗ୍ୟାସ୍ ମାଡ଼



### ଡିସିପିଙ୍କ ସମେତ ଜଣେ ଏଡିସିପି, ୩ ଏସିପି ଓ ୨ ଆଇଆଇସି ଗୁରୁତର

### ମଲ୍‌ରେ ଭଙ୍ଗାରୁଜା; ୧୦ କ୍ୟାବିନ୍, ଅଟୋ ଜାଳିଦେଲେ ବିକ୍ଷୋଭକାରୀ

### ୨୪ ଘଣ୍ଟା ଇଣ୍ଟର୍‌ନେଟ୍ ସେବା ବନ୍ଦ, ସୋସିଆଲ୍ ମିଡିଆ ଉପରେ କଟକଣା

■ **କଟକ, ୫ ।୧୦ (ସମିସ):** ଦୁର୍ଗାପୂଜା ଭସାଣି ଗୋଷ୍ଠୀ ସଂଘର୍ଷ ପ୍ରତିବାଦରେ ଆସନ୍ତାକାଲି କଟକ ବନ୍ଦ ଡକରା ଦେଇଥିବା ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)ର କର୍ମୀ ଓ ପୁଲିସ୍ ମଧ୍ୟରେ ଆଜି ଖଣ୍ଡଯୁଦ୍ଧ ଲାଗି କଟକ ସହର ଅଶାନ୍ତ ହୋଇପଡ଼ିଛି। ଆସନ୍ତାକାଲିର ବନ୍ଦକୁ ସଫଳ କରିବା ପାଇଁ ନିବେଦନ କରି ଭିଏଚ୍‌ପିର ଏକ ଶୋଭାଯାତ୍ରାକାରୀ ଦଳ ସହର ପରିକ୍ରମା କରୁଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇବା ପରେ ଏହି ସ୍ଥିତି ଉପୁଜିଛି। ପୁଲିସ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ଉତ୍ତ୍ୟକ୍ତ ଶୋଭାଯାତ୍ରାକାରୀମାନେ ଦରଘାବଜାର ଅଞ୍ଚଳରେ ଥିବା ଏକ ବ୍ୟବସାୟ ପ୍ରତିଷ୍ଠାନରେ ଭଙ୍ଗାରୁଜା କରିବା ସହ ଗୋଟିଏ ଅଟୋ ରିକ୍ସା ଏବଂ ୧୦ଟି ଉଠା କ୍ୟାବିନ୍‌ରେ ନିଆଁ ଲଗାଇ ଦେଇଛନ୍ତି। ଏହି ସମୟରେ ଭିନ୍ନ ଏକ ଗୋଷ୍ଠୀ ପକ୍ଷରୁ ଶୋଭାଯାତ୍ରାକାରୀଙ୍କ ଉପରକୁ କାଚ ବୋତଲ ଓ ଢେଲାପଥର ମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଓ ଶୋଭାଯାତ୍ରାକାରୀଙ୍କ ସହ ସଂଘର୍ଷରେ ୪ ଜଣ ଅଧିକାରୀଙ୍କ ସମେତ ୨୫ରୁ ଅଧିକ ପୁଲିସ କର୍ମଚାରୀ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଖବର ପାଇ ପୁଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସହରର ଉତ୍ତେଜନାମୂଳକ ସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ୩୬ ଘଣ୍ଟା ପାଇଁ କଟକର କେତେକ ସମ୍ବେଦନଶୀଳ ଅଞ୍ଚଳରେ କର୍ଫ୍ୟୁ ଜାରି କରାଯାଇଥିବା ପୁଲିସ କମିଶନର ଏସ୍ ଦେବଦତ୍ତ ସିଂହ ସୂଚନା ଦେଇଛନ୍ତି।


ଡିସିପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିଶନର ଶ୍ରୀ ସିଂ ସୂଚନା ଦେଇ କହିଛନ୍ତି, କଟକ ୟୁପିଡିର ୧୩ଟି ଥାନା ଅଞ୍ଚଳରେ ଏହି ସାନ୍ଧ୍ୟ ଆଇନ ଲାଗୁ ▶ପୃଷ୍ଠା-୭

## ବିଶୃଙ୍ଖଳା କଲେ କଠୋର କାର୍ଯ୍ୟାନୁଷ୍ଠାନ



■ **ଭୁବନେଶ୍ୱର, ୫।୧୦ (ସମିସ):** କଟକ ଗୋଷ୍ଠୀ ବିବାଦ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ଶାନ୍ତି ବଜାୟ ରଖିବା ପାଇଁ ନିବେଦନ କରିଛନ୍ତି। ହଜାରେ ବର୍ଷର କଟକ ସହରରେ କିଛିଦିନ ଧରି କେତେକ ବିଶୃଙ୍ଖଳାକାରୀଙ୍କ ଯୋଗୁଁ ଶାନ୍ତି ଭଙ୍ଗ ହୋଇଛି ଓ ସାଧାରଣ ଲୋକଙ୍କ ଜୀବନଯାତ୍ରାରେ ବ୍ୟାଘାତ ସୃଷ୍ଟି ହେଉଛି। ବିଶୃଙ୍ଖଳାକାରୀଙ୍କ ଉପରେ ନଜର ରଖାଯାଇଛି। ଆଇନ୍ ଅନୁଯାୟୀ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଶାନ୍ତି ରକ୍ଷା ପାଇଁ ନବୀନଙ୍କ ଅନୁରୋଧ



■ **ଭୁବନେଶ୍ୱର, ୫।୧୦ (ସମିସ):** ଭାଇଚାରାର ସହର କଟକରେ ସମ୍ପ୍ରତି ସୃଷ୍ଟି ହୋଇଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଏକ ଶାନ୍ତିପ୍ରିୟ ରାଜ୍ୟ ଭାବରେ ଓଡ଼ିଶାର ସୁନାମ ରହିଛି। ଓଡ଼ିଶାବାସୀ, କଟକବାସୀ ସର୍ବଦା ଶାନ୍ତି ଓ ସଦ୍‌ଭାବ ଚାହାନ୍ତି। ତେଣୁ କଟକସହରରେ ଶାନ୍ତି ବଜାୟ ରଖିବା ପାଇଁ ସେ ସମସ୍ତ ସହରବାସୀଙ୍କୁ ଅନୁରୋଧ କରିଛନ୍ତି।

**ପୁଲିସ ଚାକିରି ବେପାର**

# ଜାଲିଆତି ଚେର ଗଭୀର

## ବାଲେଶ୍ୱରରୁ ଧରାପଡ଼ିଲେ ଦଲାଲ ଅରବିନ୍ଦ

■ **ଭୁବନେଶ୍ୱର, ୫।୧୦ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରିର ଚେର ବହୁ ଗଭୀରକୁ ଲମ୍ବିଛି। ଏହା ପଛରେ ପଞ୍ଚସପ୍ଟ ମୁଖ୍ୟ ଶଙ୍କର ପୃଷ୍ଟି ଓ ତାର ସହଯୋଗୀ ମୁନ୍ନା ମହାନ୍ତି ପ୍ରମୁଖ ଥିବା କୁହାଯାଉଥିଲେ ହେଁ ବାସ୍ତବରେ ଏମାନେ କେବଳ ଚେସ୍‌ବୋର୍ଡର ଗୋଟି ବୋଲି ସୂଚନା ମିଳିଛି । ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଆଜି ବାଲେଶ୍ୱରରୁ ଚାକିରି ବେପାର ସିଣ୍ଡିକେଟ୍‌ର ଅନ୍ୟଜଣେ ସହଯୋଗୀ କୁହାଯାଉଥିବା ଅରବିନ୍ଦ ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଏହାପରେ ଗିରଫ ସଂଖ୍ୟା ୧୧୯କୁ ବୃଦ୍ଧି ପାଇଛି। ତାଙ୍କ ନିକଟରୁ ଅନେକ ଆପତ୍ତିଜନକ ନଥିପତ୍ର ଜବତ ହୋଇଥିବା କୁହାଯାଇଛି। ସେହିପରି ପଞ୍ଚସପ୍ଟ ମୁଖ୍ୟ ଶଙ୍କର ପୃଷ୍ଟି ଦ୍ୱାରା ଭୁବନେଶ୍ୱର ରଘୁନାଥପୁରରେ ଏକ ପରୀକ୍ଷାକେନ୍ଦ୍ରରେ ମଧ୍ୟ ଚଢ଼ଉ କରାଯାଇଛି। ଅନ୍ୟପକ୍ଷରେ ଏହି ସମଗ୍ର ଘଟଣା ପଛରେ କିଛି ବଡ଼ବଡ଼ିଆଙ୍କ ହାତ ଥିବା କ୍ରାଇମବ୍ରାଞ୍ଚ ହାତରେ ସୁରାକ ଲାଗିଛି। ସେହିପରି କ୍ରାଇମବ୍ରାଞ୍ଚର ଅନ୍ୟଏକ ଟିମ୍ ଗଞ୍ଜାମ ଜିଲ୍ଲା ପୋଲସରା ଅଞ୍ଚଳର ଗୁପ୍ତ ରଞ୍ଜନ ନାୟକଙ୍କୁ ପଚରା ଉଚରା କରାଯାଉଛି। ▶ପୃଷ୍ଠା-୭

### ରଘୁନାଥପୁରସ୍ଥିତ ଶ୍ରୀଲିଙ୍ଗରାଜ ଇନ୍‌ଫୋସେଲ୍‌ରେ ଚଢ଼ଉ

### କଳା ତାଲିକାଭୁକ୍ତ ସଂସ୍ଥାକୁ ପ୍ରଶ୍ନପତ୍ର ପ୍ରସ୍ତୁତି ଦାୟିତ୍ୱ

## ଶଙ୍କର ପୃଷ୍ଟିର ମହାରାଷ୍ଟ୍ର ଲିଙ୍କ୍

■ **ଭୁବନେଶ୍ୱର, ୫।୧୦ (ସମିସ):** ଏସଆଇ ପରୀକ୍ଷା ମହା ଦୁର୍ନୀତିର ଅନ୍ୟତମ ମୁଖ୍ୟ କାର୍ପଟଦାର ପଞ୍ଚସପ୍ଟ ମାଲିକ ଶଙ୍କର ପୃଷ୍ଟି ଫେରାର ହୋଇଯାଇଛି ବୋଲି କୁହାଯାଉଛି। ମାତ୍ର ଦୁଇଦିନ ତଳେ ଶଙ୍କର ପୃଷ୍ଟି ଓଡ଼ି-୦୭-ଏୟୁ-୯୭୭୭ ଗାଡ଼ିରେ ରାଜଧାନୀରେ ବୁଲୁଥିବା ସୂଚନା ମିଳିଛି। ଶଙ୍କର ପୃଷ୍ଟିର ଘର ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ନିକଟସ୍ଥ ବ୍ରାହ୍ମଣସାହି ଗ୍ରାମରେ। ବ୍ରହ୍ମପୁରରେ ମଧ୍ୟ ଶଙ୍କର ପୃଷ୍ଟିର ଘର ରହିଛି; କିନ୍ତୁ ସେହି ଘରେ ▶ପୃଷ୍ଠା-୭

## ସଂଶୟରେ ଓସିଏସ୍ ଓ ଆର୍‌ଆଇ ପରୀକ୍ଷାର୍ଥୀ

■ **ଭୁବନେଶ୍ୱର, ୫ ।୧୦ (ସମିସ):** ରାଜ୍ୟରେ ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ସାରା ଦେଶରେ ହଇଚଇ ସୃଷ୍ଟି କରିଛି। ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ପରିଚାଳିତ ପରୀକ୍ଷାରେ ଯାବତୀୟ ଅନିୟମିତତା ଓ କେଳେଙ୍କାରୀ ପଦାକୁ ଆସିବା ପରେ ମେଧାବୀମାନେ ନିରାଶ ହୋଇଛନ୍ତି। ଏହି ସମୟରେ ଆସନ୍ତା ୮ ତାରିଖରେ ଆରମ୍ଭ ହେବାକୁ ଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପରିଚାଳିତ ଆର୍‌ଆଇ, ଏଆର୍‌ଆଇ ଓ ଅମିନ ପରୀକ୍ଷା ଏବଂ ଆସନ୍ତା ୧୨ ତାରିଖରେ ହେବାକୁଥିବା ଓପିଏସ୍‌ସି ପରିଚାଳିତ ଓସିଏସ୍ ପରୀକ୍ଷାର ପରୀକ୍ଷାର୍ଥୀମାନେ ସଂଶୟ ମଧ୍ୟରେ ଗତି କରୁଛନ୍ତି। ବିଧାନସଭାର ଗତ ଶୀତ ଅଧିବେଶନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ଓପିଏସ୍‌ସି ଦ୍ୱାରା ପରିଚାଳିତ ପରୀକ୍ଷା ସମ୍ପର୍କରେ ପ୍ରଦାନ କରିଥିବା ନକରାତ୍ମକ ମନ୍ତବ୍ୟ ପ୍ରଦାନ କରିବା ସହ ନିଯୁକ୍ତି ଜାଲିଆତିର ସବୁ ଗଳାବାଟ ବନ୍ଦ କରିଥିବା ଦୃଢ଼ୋକ୍ତି ବାଢ଼ିଥିଲେ। ମାତ୍ର କେଇଟା ମାସ ଯାଇନାହିଁ, ଗୋଟିଏ ପରେ ଗୋଟିଏ ପରୀକ୍ଷାର ପ୍ରଶ୍ନ ▶ପୃଷ୍ଠା-୭







# ଇଂଲଣ୍ଡରେ ଏୟାର ଇଣ୍ଡିଆ ବିମାନର ଜରୁରୀ ଅବତରଣ

## ଆପେ ଖୋଲିଗଲା ଏମର୍ଜେନ୍ସି ଟର୍ବାଇନ




**ଅମୃତସର,୫ ।୧୦(ଏଜେନ୍ସି):** ପଞ୍ଜାବର ଅମୃତସରରୁ ଇଂଲଣ୍ଡର ବର୍ମିଂହାମ ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ-୧୧୭ (ବୋଇଂ ଡ୍ରିମ୍‌ଲାଇନର ୭୮୭-୮) ବର୍ମିଂହାମ ବିମାନବନ୍ଦରରେ ଜରୁରୀ ଅବତରଣ କରିଛି।

### ଅହମଦାବାଦରେ ଏହି ମଡେଲ ବିମାନର ଦୁର୍ଘଟଣା ହୋଇଥିଲା

ଏହି ବିମାନ ଶନିବାର ଅମୃତସରରୁ ଯାତ୍ରା ଆରମ୍ଭ କରି ପ୍ରାୟ ୧୦ ଘଣ୍ଟା ୪୫ ମିନିଟ୍ ପରେ ବର୍ମିଂହାମରେ ପହଞ୍ଚିଥିଲା। ଆଶ୍ଚର୍ଯ୍ୟଜନକ ଭାବେ ଅବତରଣ କରିବା ପୂର୍ବରୁ ବିମାନର ରାମ ଏୟାର ଟର୍ବାଇନ୍ (ଆରଏଟି) ଆପେ ଖୋଲି ଯାଇଥିଲା। ଫଳରେ ପାଇଲଟ ସତର୍କତା ଅବଲମ୍ବନ କରି ବିମାନର ଜରୁରୀକାଳୀନ ଅବତରଣ କରାଇଥିଲେ। ବର୍ମିଂହାମ୍‌ରେ ପହଞ୍ଚିବାର ଠିକ୍ ପୂର୍ବରୁ ଏହି ଘଟଣା ଘଟିଥିଲା। ତେବେ ସବୁ ଯାତ୍ରୀ ଓ କ୍ରୁ ମେମ୍ବର ସୁରକ୍ଷିତ ଅଛନ୍ତି ବୋଲି ଏୟାର ଇଣ୍ଡିଆ ତରଫରୁ କୁହାଯାଇଛି। ବିମାନର ସବୁ ଇଲେକଟ୍ରିକାଲ ଓ ହାଇଡ୍ରୋଲିକ ସିଷ୍ଟମ ସାମାନ୍ୟ ଭାବେ କାର୍ଯ୍ୟ କରୁଥିଲା ବୋଲି ଯାଞ୍ଚ ପରେ ଜଣାପଡିଛି। ବିମାନକୁ ସୁରକ୍ଷିତ ଭାବେ ଅବତରଣ କରାଯାଇଛି। ବିମାନ ଦିଲ୍ଲୀ ପ୍ରତ୍ୟାବର୍ତ୍ତନକୁ ବାତିଲ କରାଯାଇଛି ବୋଲି କୁହାଯାଇଛି। ଯାତ୍ରୀମାନଙ୍କୁ ଅନ୍ୟଏକ ବିମାନରେ ଭାରତ ପଠାଯାଇଛି। ଉଲ୍ଲେଖଥାଉ କି, ବୋଇଂ ଡ୍ରିମଲାଇନରର ଏହି ମଡେଲ ବିମାନ ଜୁନ୍ ୧୨ରେ ଅହମଦାବାଦ୍‌ରେ ଉଡ଼ାଣ କରିବାର କିଛି ମୁହୂର୍ତ୍ତ ପରେ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା। ଏଥିରେ ୨୭୦ ଜଣ ଲୋକ ମୃତ୍ୟୁବରଣ କରିଥିଲେ।

# ନ୍ୟାୟିକ ତଦନ୍ତ ନ ହେବା ଯାଏଁ ଜେଲ୍‌ରେ ରହିବି


ସୋନମ ୱାଙ୍ଗଚୁକ୍

**ନୂଆଦିଲ୍ଲୀ, ୫।୧୦ (ଏଜେନ୍ସି):** ଲଦାଖ ହିଂସା ମାମଲାରେ ଗିରଫ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କୁ ଯୋଧପୁର କେନ୍ଦ୍ରୀୟ ଜେଲ୍‌ରେ ରଖାଯାଇଛି। ସେ ଏହି ଜେଲ୍‌ରୁ ଏକ ଚିଠି ଲେଖି ହିଂସାରେ ୪ ଜଣଙ୍କ ମୃତ୍ୟୁ ମାମଲାର ସ୍ୱତନ୍ତ୍ର ନ୍ୟାୟିକ ତଦନ୍ତ ଦାବି କରିଛନ୍ତି। ନ୍ୟାୟିକ ତଦନ୍ତ ନ ହେବା ପର୍ଯ୍ୟନ୍ତ ସେ ଜେଲ୍‌ରେ ରହିବେ ବୋଲି ଉଲ୍ଲେଖ କରିଛନ୍ତି। ରବିବାର ଜାରି କରାଯାଇଥିବା ଏହି ଚିଠିରେ ସୋନମ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରିଛନ୍ତି। ସେ ଆହତ ଏବଂ ଗିରଫ ଲୋକଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରିଛନ୍ତି। ଶାନ୍ତି ଏବଂ ଏକତାକୁ ବଜାୟ ରଖି ଗାନ୍ଧୀଜୀଙ୍କ ଅହିଂସା ମାର୍ଗରେ ନିଜ ସଂଘର୍ଷକୁ ଆଗକୁ ବଢ଼ାଇବା ପାଇଁ ସେ ଲେହ ଏବଂ ଲଦାଖ ଲୋକଙ୍କୁ ଅନୁରୋଧ କରିଛନ୍ତି।

ଲେହ ଆପେକ୍ସ ବଡି (ଏଲଏବି)ର ଆଇନ ପରାମର୍ଶଦାତା ତଥା ଓକିଲ ମୁସ୍ତଫା ହାଜି ରବିବାର ଏହି ଚିଠି ଜାରି କରିଛନ୍ତି। ସେ ଏବଂ ସୋନମଙ୍କ ଭାଇ ତା ସେତନ ଦୋରଜେ ଲେ ଯୋଧପୁର ଜେଲ୍‌କୁ ଯାଇ ଶନିବାର ସାମାଜିକ କର୍ମୀଙ୍କୁ ଭେଟିଥିଲେ। ଗତ ୨୪ ତାରିଖରେ ହୋଇଥିବା ହିଂସାକୁ ଉସୁକାଇବା ମାମଲାରେ ରାଷ୍ଟ୍ରୀୟ ସୁରକ୍ଷା ଆଇନ (ଏନଏସଏ) ଅଧିନରେ ସୋନମଙ୍କୁ ଗତ ୨୬ ତାରିଖରେ ଗିରଫ କରାଯାଇଥିଲା। ତାଙ୍କ ମୁକ୍ତି ଦାବିରେ ହେବିୟସ କର୍ପସ (ବନ୍ଦୀ ପ୍ରତ୍ୟକ୍ଷୀକରଣ) ଆବେଦନ ଦାଏର କରାଯାଇଛି। ସୋମବାର ଏହି ମାମଲାର ଶୁଣାଣି ହେବ। ଚିଠିରେ ୱାଙ୍ଗଚୁକ କହିଛନ୍ତି ଯେ ସେ ଶାରୀରୀକ ଏବଂ ମାନସିକ ଭାବେ ସୁସ୍ଥ ଅଛନ୍ତି। ଶୁଭେଚ୍ଛୁଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ସେ ଏଲଏବି ଏବଂ କାର୍‌ଗିଲ ଡେମୋକ୍ରାଟିକ୍ସ ଆଲାଏନ୍ସ (କେଡିଏ)କୁ ସମ୍ପୂର୍ଣ୍ଣ ସମର୍ଥନ ଦେବୁ। ଲଦାଖକୁ ରାଜ୍ୟ ମାନ୍ୟତା ଏବଂ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ସାମିଲ କରିବା ଦାବି ନ୍ୟାୟ ସଙ୍ଗତ। ଲଦାଖ ପାଇଁ ଏଲଏବି ଯେଉଁ ପଦକ୍ଷେପ ନେବ ତାହାକୁ ସମ୍ପୂର୍ଣ୍ଣ ସମର୍ଥନ ଦିଆଯିବ। ଏହା ପୂର୍ବରୁ ସ୍ୱାମୀଙ୍କୁ ନିର୍ଦ୍ଦୋଷ ଦର୍ଶାଇ ସୋନମଙ୍କ ସ୍ତ୍ରୀ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ।

## ଗେଷ୍ଟ ହାଉସ ହେବ କେଜ୍ରିୱାଲଙ୍କ ଶୀଶ୍ ମହଲ

**ନୂଆଦିଲ୍ଲୀ,୫ ।୧୦(ଏଜେନ୍ସି):** ଦିଲ୍ଲୀ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ସରକାରୀ ବାସଭବନ ତଥା ସିଏମ୍ ହାଉସ ଏବେ ନୂଆ ରୂପ ନେବାକୁ ଯାଉଛି। ଏହି ସିଏମ୍ ହାଉସ୍‌କୁ ଶୀଶ୍ ମହଲ କୁହାଯାଉଥିଲା। ଏହାର ପୁନର୍ଗଠନ ପାଇଁ କେଜ୍ରିୱାଲ ୪୫ କୋଟି ଟଙ୍କା ଖର୍ଚ୍ଚ କରିଥିଲେ। ତେଣୁ ବିଜେପି ଏହାକୁ ଶୀଶ୍ ମହଲ ବୋଲି କହି ଚର୍ଚ୍ଚା ସୃଷ୍ଟି କରିଥିଲା। ଏବେ ଏହି ଶୀଶ୍ ମହଲ ଗେଷ୍ଟ ହାଉସ୍‌ର ରୂପ ନେବ। ଗେଷ୍ଟ ହାଉସ୍ ହେବା ପରେ ଏଠାରେ ପାର୍କିଂ ପାଇଁ ସ୍ଥାନ, ବୈଠକ ପ୍ରକୋଷ୍ଠ, ବେଟିଂ ହଲ, କାଫେଟେରିଆ ଅର୍ଥାତ ସେଲ୍ଫ ସର୍ଭିସ ରେଷ୍ଟୋରାଁ ଓ ଅନ୍ୟ ସୁବିଧା ସୁଯୋଗ ଉପଲବ୍ଧ ହେବ ବୋଲି କୁହାଯାଇଛି। ଅନ୍ୟ ଗେଷ୍ଟ ହାଉସ୍ ଭଳି ଏଠାରେ ମନ୍ତ୍ରୀ, ଅଧିକାରୀ ରହିବେ ଓ ଭଡ଼ା ବି ଦେବେ।

## ଆମେରିକାରେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୫%ରେ ସୀମିତ ରହିବ

**ୱାଶିଂଟନ, ୫ ।୧୦ (ଏଜେନ୍ସି):** ଆମେରିକାର ବିଶ୍ୱ ବିଦ୍ୟାଳୟରେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟାକୁ ସୀମିତ କରିବା ପାଇଁ ଟ୍ରମ୍ପ ସରକାର ଏବେ ନୂଆ ନିଷ୍ପତ୍ତି ନେଇଛନ୍ତି। ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୫%ରେ ସୀମିତ ରଖିବାକୁ ଦେଶର ୯ଟି ବଡ଼ ବିଶ୍ୱବିଦ୍ୟାଳୟକୁ ଚିଠି ଲେଖି ସରକାର ନିର୍ଦ୍ଦେଶ ଦେଇଛନ୍ତି। ଯଦି ସରକାରୀ ପାଣ୍ଠି ଆବଶ୍ୟକ ତେବେ ବିଦେଶୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୫%ରୁ ନ ବଢ଼ାଇବାକୁ ଚିଠିରେ ଦର୍ଶାଯାଇଛି। ବିଶ୍ୱବିଦ୍ୟାଳୟରେ କୌଣସି ଦେଶର ଛାତ୍ରଛାତ୍ରୀଙ୍କ ସଂଖ୍ୟା ୫%ରୁ ଅଧିକ ହେବ ନାହିଁ। ଏହି ନିୟମ ଲାଗୁହେଲେ ଭାରତକୁ ଜବରଦସ୍ତ ଝଟ୍‌କା ଲାଗିବ। ଆମେରିକା ବିଶ୍ୱବିଦ୍ୟାଳୟରେ ଭାରତ ଓ ଚୀନ୍‌ରୁ ଆସୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୩୫% ରହିଥାଏ। ତେଣୁ ୫% ସୀମା ଲାଗୁ ହେଲେ ଭାରତୀୟ ଛାତ୍ରାଛାତ୍ରୀମାନେ ଆମେରିକାରେ ପଢ଼ିବାରୁ ବଞ୍ଚିତ ହୋଇପାରନ୍ତି। ଖାସ୍ କରି ଶସ୍ତା ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ଚାହୁଁଥିବା ଛାତ୍ରଛାତ୍ରୀ ନାମ ଲେଖାଇବାରୁ ବଞ୍ଚିତ ହେବେ।

## ଆମେରିକା ସେନାରେ ଦାଢ଼ି, ଲମ୍ବା କେଶ ରଖିବା ମନା

**ୱାଶିଂଟନ,୫ ।୧୦(ଏଜେନ୍ସି):** ଆମେରିକା ସୈନ୍ୟ ବାହିନୀରେ ଦାଢ଼ି ଓ ଲମ୍ବା କେଶ ରଖିବାକୁ ବାରଣ କରାଯାଇଛି। ଆମେରିକା ପ୍ରତିରକ୍ଷା ସଚିବ ପିଟ୍ ହେଗ୍‌ସେଥ ଏହି ନୂଆ ନିୟମ ବିଷୟରେ ଘୋଷଣା କରିଛନ୍ତି। ଏହା ଅନୁସାରେ ଦାଢ଼ି, ଲମ୍ବା କେଶ ଓ ସ୍ୱତନ୍ତ୍ର କେଶ ବିନ୍ୟାସ ସହ ଗହଣା ଓ ପୋଷାକ ପ୍ରଦର୍ଶନ ଉପରେ ରୋକ ଲଗାଯାଇଛି। ଏହା ଉପରେ ସେନାରେ ଥିବା ଶିଖ୍ ସମ୍ପ୍ରଦାୟର ଯୁବକ ଅସନ୍ତୋଷ ଜାହିର କରିଛନ୍ତି। ଏହା ଦ୍ୱାରା ଶିଖ ସମ୍ପ୍ରଦାୟର ଧାର୍ମିକ ବିଶ୍ୱାସ ଓ ପରମ୍ପରା କ୍ଷୁର୍ଣ୍ଣ ହେବ ବୋଲି କୁହାଯାଇଛି।

# ଦାର୍ଜିଲିଂରେ ବର୍ଷା, ଭୂସ୍ଖଳନ ତାଣ୍ଡବ




**ଜ୍ୱ୦ ମୃତ, ଶତାଧିକ ଆହତ**

**ପୋଲ ଭାଙ୍ଗିଲା, ପର୍ଯ୍ୟଟନ ସ୍ଥଳ ବନ୍ଦ**

**ସିକିମ୍ ବାହ୍ୟଜଗତରୁ ବିଚ୍ଛିନ୍ନ**

**କୋଲକାତା,୫ ।୧୦(ଏଜେନ୍ସି):** ଦେଶରୁ ମୌସୁମୀ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ବିଭିନ୍ନ ରାଜ୍ୟରେ ବର୍ଷା ଜାରି ରହିଛି। ତେବେ ସବୁଠାରୁ ଭୟଙ୍କର ସ୍ଥିତି ଦେଖିବାକୁ ମିଳିଛି ପଶ୍ଚିମବଙ୍ଗର ପାର୍ବତ୍ୟ ଅଞ୍ଚଳରେ। ଗତକାଲିଠାରୁ ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁ ଅତିକମରେ ୪୦ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଶତାଧିକ ଆହତ ହୋଇଛନ୍ତି। ତେବେ ସରକାରୀ ଭାବେ ମୃତ୍ୟୁସଂଖ୍ୟା ୨୦ ବୋଲି କୁହାଯାଇଛି। ଭୂସ୍ଖଳନ ଓ ପୋଲ ଭୁଶୁଡ଼ିବା ଯୋଗୁଁ ହଜାରେରୁ ଅଧିକ ଲୋକ ବିଭିନ୍ନ ସ୍ଥାନରେ ଅଟକ ରହିଛନ୍ତି। ସେହିଭଳି ସିକିମ୍ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ପ୍ରବଳ ବର୍ଷା ହେବା କାରଣରୁ ଗତକାଲି ରାତିରେ ଦାର୍ଜିଲିଂର ୭ଟି ସ୍ଥାନରେ ଭୂସ୍ଖଳନ ହୋଇଛି। ମିରିକ୍- ସୁଖିଆ ପୋଖରୀ ରୋଡ୍ ନିକଟରେ ପାହାଡ଼ର ଏକ ଅଂଶ ଧସିଛି। ଫଳରେ ଅନେକ ଘର ଭାଙ୍ଗିଯାଇଛି ଓ ଏଥିରେ ୭ ଶିଶୁଙ୍କ ସମେତ ୨୦ ଜଣ ମୃତ୍ୟୁବରଣ କରିଛନ୍ତି। ମୃତ୍ୟୁ ସଂଖ୍ୟା ବୃଦ୍ଧିପାଇବାର ଆଶଙ୍କା ରହିଛି। ଭୂସ୍ଖଳନ ଯୋଗୁଁ ଉଦ୍ଧାରକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଆଖାପାଖରେ ବହୁ ଅଞ୍ଚଳ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଦାର୍ଜିଲିଂ ଜିଲ୍ଲାରେ ଦୁଇଟି ଲୁହା ନିର୍ମିତ ପୋଲ ଭାଙ୍ଗିଯାଇଛି। ପ୍ରବଳ ବର୍ଷା କାରଣରୁ ତିସ୍ତା ନଦୀରେ ବନ୍ୟା ଆସିଛି। ତିସ୍ତା ବଜାର ନିକଟରେ ବଲ୍ଲୁଖୋଲାରେ ପାଣି ପଶିଛି। ସିଲିଗୁଡି ସହ ସିକିମ ଓ କାଲିମପଙ୍ଗକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ଦାର୍ଜିଲିଂ ସହରର କେତେକ ଅଞ୍ଚଳ ସହ ସମ୍ପର୍କ ଛିନ୍ନ ହୋଇଛି। ଦୁର୍ଗାପୂଜା ପରେ କୋଲକାତା ଓ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକ ଦାର୍ଜିଲିଂ ଯାଇଥିଲା ବେଳେ ସେଠାରେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଫସି ରହିଛନ୍ତି। । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ଦାର୍ଜିଲିଂ ଗସ୍ତ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୂସ୍ଖଳନରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପାଇଁ ଶୋକ ବ୍ୟକ୍ତ କରିଛନ୍ତି।

କିଛି ଅପ୍ରୀତିକର ଘଟଣାକୁ ରୋକିବା ପାଇଁ ଗୋର୍ଖାଲାଣ୍ଡ ପ୍ରାଦେଶିକ ପ୍ରଶାସନ ଦାର୍ଜିଲିଂରେ ସବୁ ପର୍ଯ୍ୟଟନ ସ୍ଥଳକୁ ବନ୍ଦ କରିଛି। ଟାଇଗର ହିଲ ଓ ରକ୍ ଗାର୍ଡେନକୁ ମଧ୍ୟ ବନ୍ଦ କରିଦିଆଯାଇଛି। ସେହିପରି ଟଏ ଟ୍ରେନ୍ ଚଳାଚଳକୁ ମଧ୍ୟ ବନ୍ଦ କରିଦିଆଯାଇଛି। ପ୍ରବଳ ବର୍ଷା କାରଣରୁ ଦାର୍ଜିଲିଂ ସମେତ ଉତ୍ତର ବେଙ୍ଗଲ କ୍ଷତିଗ୍ରସ୍ତ ହୋଇଛି। ଜଲପାଇଗୁଡି, ସିଲିଗୁଡି ଓ କୁଚ ବେହାରରେ ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ପୂର୍ବରୁ ଉତ୍ତର ବେଙ୍ଗଲରେ ପ୍ରବଳ ବର୍ଷା ହେବ ବୋଲି ସ୍ଥାନୀୟ ପାଣିପାଗ କାର୍ଯ୍ୟାଳୟ ସତର୍କତା ଜାରି କରିଥିଲା। ସିକିମକୁ ମଧ୍ୟ ଦୁଇଥର ରେଡ୍ ଆଲର୍ଟ ଜାରି କରାଯାଇଥିଲା। ଏହି ଅଞ୍ଚଳରେ ୭ ତାରିଖ ପର୍ଯ୍ୟନ୍ତ ବର୍ଷା ଜାରି ରହିବ ଓ ବହୁ ଅଞ୍ଚଳରେ ବନ୍ୟା ଆସିବ ବୋଲି ସତର୍କତା ଜାରି କରାଯାଇଛି। ପଡୋଶୀ ନେପାଳରେ ମଧ୍ୟ ପ୍ରବଳ ବର୍ଷା କାରଣରୁ ଗତ ୪୮ ଘଣ୍ଟା ମଧ୍ୟରେ ୫୨ ଜଣ ମୃତ୍ୟୁବରଣ କରିଛନ୍ତି।

# ନେପାଳରେ ଭୟଙ୍କର ଭୂସ୍ଖଳନ, ୫୨ ମୃତ



**କାଠମାଣ୍ଡୁ, ୫।୧୦ (ଏଜେନ୍ସି):** ନେପାଳରେ ଶୁକ୍ରବାରଠାରୁ ଭୀଷଣ ବର୍ଷା ଜାରି ରହିଛି। ଏହା ଦେଶରେ ବିପର୍ଯ୍ୟୟ ସୃଷ୍ଟି କରିଛି। ବର୍ଷା ଯୋଗୁଁ ଅଚାନକ ବନ୍ୟା ମାଡି ଆସିଛି। ଅନେକ ସ୍ଥାନରେ ଭୟଙ୍କର ଭୂସ୍ଖଳନ ହୋଇଛି। ଏହା ଫଳରେ ଅନେକ ରାସ୍ତା ବନ୍ଦ ହୋଇ ଯାଇଛି। ପୋଲ ଭାସି ଯାଇଛି। ଶତାଧିକ ଘର ଭୁଶୁଡ଼ି ଯାଇଛି। ଏଥିରେ ଗତ ଦୁଇ ଦିନ ମଧ୍ୟରେ ୫୨ ଜଣ ପ୍ରାଣ ହରାଇଛନ୍ତି। ଶତାଧିକ ଆହତ ହୋଇଛନ୍ତି। ଅନେକ ଲୋକେ ଭାସି ଯାଇଛନ୍ତି। ଅବଶେଷ ତଳେ ଦବି ହୋଇ ରହିଛନ୍ତି। ଏବେ ୯ ଜଣ ନିଖୋଜ ଅଛନ୍ତି। ଏହି ବର୍ଷା ଜନିତ ଅଘଟଣରେ ପୂର୍ବ ନେପାଳର ଇଲାମ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। ଏଠାରେ ଭୂସ୍ଖଳନରେ ୩୭ ଜଣଙ୍କ ମୃତ୍ୟୁ ହୋଇଛି। ଉଦ୍ଧାରକାର୍ଯ୍ୟରେ ସେନା ମୁତୟନ କରାଯାଇଛି। ଫସିଥିବା ଲୋକଙ୍କୁ ହେଲିକପ୍ଟର ମାଧ୍ୟମରେ ସୁରକ୍ଷିତ ସ୍ଥାନକୁ ନିଆଯାଉଛି। ଇଲାମ ଜିଲ୍ଲା ଅଧିକାରୀ ସୁନିତା ନେପାଳ କହିଛନ୍ତି ଯେ ସାରା ରାତି ଭୟଙ୍କର ବର୍ଷା ହୋଇଥିଲା। ଏଥିପାଇଁ ଭୂସ୍ଖଳନ ହୋଇ ପ୍ରବଳ କ୍ଷୟକ୍ଷତି ଘଟିଥିଲା। ଅନେକ ଅଞ୍ଚଳରେ ରାସ୍ତା ଭାସି ଯାଇଥିବାରୁ ଏବଂ ଅବଶେଷ ଗଦା ହୋଇ ରହିଥିବାରୁ ଉଦ୍ଧାରକାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଛି। ଉଦ୍ଧାରକାରୀ ଦଳ ଚାଲି ଚାଲି ପ୍ରଭାବିତ କ୍ଷେତ୍ରରେ ପହଞ୍ଚିବାକୁ ପ୍ରୟାସ କରୁଛନ୍ତି। ରାଜଧାନୀ କାଠମାଣ୍ଡୁର ସ୍ଥିତି ମଧ୍ୟ ବିପଜ୍ଜନକ ରହିଛି। ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ଅନେକ ଘର ଏବଂ ବସ୍ତି ବୁଡି ଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ପଡୋଶୀ ପ୍ରଥମ ନୀତିରେ ଆବଶ୍ୟକ ପଡିଲେ ନେପାଳକୁ ଯଥାସମ୍ଭବ ସହାୟତା ଦିଆଯିବ ବୋଲି କହିଛନ୍ତି।

# 'ବିହାରରେ ଏସ୍‌ଆଇଆର ସଫଳ; ଏବେ ସାରା ଦେଶରେ ଲାଗୁ ହେବ'

**ପାଟନା, ୫।୧୦ (ଏଜେନ୍ସି):** ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ ତଥା ଏସ୍‌ଆଇଆର ପ୍ରକ୍ରିୟା ସମ୍ପୂର୍ଣ୍ଣ ସଫଳ ହୋଇଛି। ଭୋଟର ତାଲିକାରେ ଏହା ସବୁଠାରୁ ବଡ଼ ପଦକ୍ଷେପ ଥିଲା। ଚଳିତ ବର୍ଷ ଜୁନ୍ ୨୪ରେ ଏସଆଇଆର ଆରମ୍ଭ ହୋଇ ସଠିକ୍ ସମୟରେ ଶେଷ ହୋଇଥିଲା। ଏହି ସଫଳତା ପାଇଁ ଭୋଟରଙ୍କୁ ଧନ୍ୟବାଦ। ଏବେ ସାରା ଦେଶରେ ଏସ୍‌ଆଇଆର କରାଯିବ। ବିହାର ବିଧାନସଭା ନିର୍ବାଚନ ପ୍ରସ୍ତୁତିକୁ ନେଇ ରବିବାର ପାଟନାରେ ସାମ୍ବାଦିକ ସମ୍ମିଳନୀ କରି ଭାରତର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏହି ସୂଚନା ଦେଇଛନ୍ତି।



**ପୋଲିଂ ବୁଥ୍‌ର ଶହେ ପ୍ରତିଶତ ୱେବ୍‌କାଷ୍ଟିଂ କରାଯିବ**

**କୌଣସି ବୁଥ୍‌ରେ ୧୨୦୦ରୁ ଅଧିକ ଭୋଟର ରହିବେନି**

ସିଇସି କହିଛନ୍ତି ଯେ ଜନ ପ୍ରତିନିଧି ଆଇନ ଅନୁଯାୟୀ ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ଭୋଟର ତାଲିକା ଯାଞ୍ଚ କରାଯିବା ଉଚିତ। ନିର୍ବାଚନ ପରେ ଏସଆଇଆର ହୁଏ ନାହିଁ। ଏହା ନ୍ୟାୟ ସଙ୍ଗତ ନୁହେଁ। ବିହାରରେ ୯୦, ୨୧୭ ବୁଥ୍ ଲେଭୁଲ ଅଫିସର (ବିଏଲଓ) ବହୁତ ଭଲ କାମ କରିଛନ୍ତି। ସାରା ଦେଶରେ ହେବାକୁ ଥିବା ଏସ୍‌ଆଇଆର ପାଇଁ ବିହାର ବିଏଲଓ ଉଦାହରଣ ସୃଷ୍ଟି କରିବେ। ଏବେ ବୁଥ୍ ପର୍ଯ୍ୟନ୍ତ ମୋବାଇଲ ନେଇ ହେବ। ବୁଥ୍ ସେଣ୍ଟରର ୧୦୦ ମିଟର ଦୂରରେ ପୋଲିଂ ଏଜେଣ୍ଟ ବସିପାରିବେ। ବିହାର ନିର୍ବାଚନରେ ଇଭିଏମ ଉପରେ ପ୍ରାର୍ଥୀଙ୍କ କଲର ଫଟୋ ଲଗାଯିବ। ୱାନ ଷ୍ଟପ୍ ଡିଜିଟାଲ ପ୍ଲାଟଫର୍ମ ମଧ୍ୟ ବିହାରରେ ଲାଗୁ ହେବ। ବୁଥ୍‌ରୁ ଶହେ ମିଟର ଦୂରରୁ ପ୍ରାର୍ଥୀ ନିଜ ଏଜେଣ୍ଟଙ୍କୁ ଫୋନ କରିପାରିବେ। ପୋଲିଂ ବୁଥ୍‌ର ଶହେ ପ୍ରତିଶତ ୱେବ୍‌କାଷ୍ଟିଂ ମଧ୍ୟ କରାଯିବ। ଏହା ବ୍ୟତୀତ ଭୋଟର ଚିହ୍ନିବା ପାଇଁ ବିଏଲଓଙ୍କ ନିମନ୍ତେ ମଧ୍ୟ ଆଇଡି କାର୍ଡ ଦିଆଯିବ। ଏଥର ମତଦାନ କେନ୍ଦ୍ର ବାହାରେ ମୋବାଇଲ ଜମା କରି ଲୋକେ ଭୋଟ ଦେଇପାରିବେ।


ଏବେ ବିହାର ବ୍ୟତୀତ ଦେଶର ଅନ୍ୟ କୌଣସି ବୁଥ୍‌ରେ ୧୨୦୦ରୁ ଅଧିକ ଭୋଟର ରହିବେ ନାହିଁ ବୋଲି ସିଇସି ସୂଚନା ଦେଇଛନ୍ତି। ଯାହାର ଭୋଟର କାର୍ଡ ତଥ୍ୟରେ କୌଣସି ସଂଶୋଧନ ହୋଇନାହିଁ ତାଙ୍କୁ ୧୫ ଦିନ ଭିତରେ ଭୋଟର କାର୍ଡ ମିଳିଯିବ। ତଥ୍ୟ ପରିବର୍ତ୍ତନ ହୋଇ ନ ଥିଲେ ପୁରୁଣା ଭୋଟର କାର୍ଡ ଦେଖାଇ ଲୋକେ ଭୋଟ ଦେଇପାରିବେ।

# ଆମେରିକା ସଟ୍‌ଡାଉନ: ନୂଆଦିଲ୍ଲୀ, ମୁମ୍ବଇରେ ପ୍ରଭାବ

**ୱାଶିଂଟନ, ୫।୧୦ (ଏଜେନ୍ସି):** ହଠାତ୍ ମଧ୍ୟରାତ୍ରିରେ ଆମେରିକା ରାଜଧାନୀ ୱାଶିଂଟନର ଚଡ଼କ ପଡ଼ିଥିଲା। ଆମେରିକା ସରକାର ସଟ୍‌ଡାଉନ ହୋଇ ଯାଇଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନକୁ କାମ ବନ୍ଦ କରିବାକୁ ପଡ଼ିଥିଲା। ସିନେଟରେ ସାଧାରଣ ସହମତି ପ୍ରକାଶ ନ ପାଇବାରୁ ଏହି ସ୍ଥିତି ସୃଷ୍ଟି ହୋଇଥିଲା। ଅର୍ଥ ବିଲ୍‌କୁ ଅନୁମୋଦନ ଦେବାରେ ସାଂସଦମାନେ ବିଫଳ ହେବାରୁ ଲକ୍ଷାଧିକ କର୍ମଚାରୀଙ୍କ ଉପରେ ବିପଦ ପଡ଼ିଥିଲା। ଏହା ଏକ ଘରୋଇ ରାଜନୈତିକ ଅଚଳାବସ୍ଥା ପରି ମନେ ହୁଏ। ଏହା ବିଶ୍ୱର ବୃହତ ଅର୍ଥନୀତି ଆମେରିକାର ଅଣ୍ଟାକୁ ଭାଙ୍ଗିଦେଇଛି। ପ୍ରଶାସନର କିଛି ଅଂଶକୁ ଧ୍ୱସ୍ତ କରିଦେଇଛି। ୭ ଲକ୍ଷ ୫୦ ହଜାର କର୍ମଚାରୀଙ୍କୁ ଛୁଟିରେ ପଠାଇ ଦିଆଯାଇଛି। ଏମାନଙ୍କ ମଧ୍ୟରୁ ୩ ଲକ୍ଷଙ୍କ ଉପରେ ଛଟେଇର ଖଣ୍ଡା ଝୁଲୁଛି। ଅନେକ ଜରୁରୀକାଳୀନ ସେବା ମଧ୍ୟ ବନ୍ଦ ହୋଇଯାଇଛି। କେବଳ କ୍ୟାପିଟଲ ହିଲ୍ ନୁହେଁ, ସମଗ୍ର ଦେଶ ଏହି ଆର୍ଥିକ ଝଟ୍‌କାରେ ଥରି ଉଠିଛି। ଏହାକୁ ନେଇ ବିଶ୍ୱର ସବୁଠୁ ଶକ୍ତିଶାଳୀ ଦେଶ ଆମେରିକାରେ ସଙ୍କଟ ବଢ଼ିବାରେ ଲାଗିଛି। ଗଣତନ୍ତ୍ରକୁ ନେଇ ଡିଣ୍ଡିମ ପିଟୁଥିବା ଏହି ଦେଶ ୫ ଦିନ ହେଲା ସଟ୍‌ଡାଉନ ରହିଛି।

ବିଶ୍ୱ ବଜାର ଅନିଶ୍ଚିତତାକୁ ପସନ୍ଦ କରି ନ ଥାଏ। କିନ୍ତୁ ବିଶ୍ୱ ବାଣିଜ୍ୟର ମୁଖ୍ୟ କେନ୍ଦ୍ର ଆମେରିକାରେ ଏବେ ଅସ୍ଥିରତା ଲାଗି ରହିଛି। ଟ୍ରମ୍ପ ପ୍ରଶାସନ ଦେଇଥିବା ଶୁଳ୍କ ଏବଂ ନୀତିଗତ ଝଟ୍‌କା ମଧ୍ୟରେ ବିଶ୍ୱରେ ଛବିକୁ ଖରାପ କରୁଛି। ଏହି ସଟ୍‌ଡାଉନ ସକରାତ୍ମକ ସଙ୍କେତ ଦେଉ ନାହିଁ। ଗତ ୩୦ ଏବଂ ୧ ତାରିଖ ମଧ୍ୟରାତ୍ରିରେ ବିବାଦ ଯୋଗୁଁ ସିନେଟରେ ଅର୍ଥ ବିଲ୍‌କୁ ଅନୁମୋଦନ ମିଳି ନ ଥିଲା। ନୂଆ ନୀତିଗତ ଆଶ୍ୱସ୍ତି ବିନା ସରକାର ଚଳାଇବା ପାଇଁ ରିପବ୍ଲିକାନ ଦଳ ଏକ ସଙ୍କଳ୍ପ ଆଣିଥିଲା। ମାତ୍ର ସ୍ୱାସ୍ଥ୍ୟନୀତିରୁ ସବ୍‌ସିଡି ପ୍ରତ୍ୟାହାରକୁ ଡେମୋକ୍ରାଟ ଦଳ ବିରୋଧ କରିବାରୁ ବିଲ୍‌କୁ ଅନୁମତି ମିଳି ନ ଥିଲା। ଏଥିଯୋଗୁଁ ୨୭ ଟ୍ରିଲିୟନ ଡଲାରର ଅର୍ଥନୀତି ଅଚଳ ହୋଇ ଯାଇଥିଲା। ସରକାର ପରିଚାଳନା ପାଇଁ ବର୍ଷକୁ ଖର୍ଚ୍ଚ କରାଯାଉଥିବା ୬.୫ ଟ୍ରିଲିୟନ ଡଲାରକୁ ମଧ୍ୟ ଅଟକାଇ ଦିଆଯାଇଥିଲା। ଆମେରିକାରେ ସୃଷ୍ଟି ହୋଇଥିବା ଏହି ସଙ୍କଟର ପ୍ରଭାବ ନୂଆଦିଲ୍ଲୀ ଏବଂ ମୁମ୍ବଇ ଉପରେ ପଡ଼ିଛି। ନୀତି ନିର୍ମାତା ଏବଂ ଆର୍ଥିକ ବିଶେଷଜ୍ଞମାନେ ସ୍ଥିତି ଉପରେ ତୀକ୍ଷଣ ନଜର ରଖିଛନ୍ତି। କାରଣ ଟ୍ରମ୍ପ ଦେଇ ଶୁଳ୍କ ଏବଂ ନର୍ସିଂ ଟାରିଫର କ୍ଷତକୁ ଭାରତ ଭୁଲି ନାହିଁ। ଯଦି ଏହି ସଟ୍‌ଡାଉନର ଶୀଘ୍ର ସମାଧାନ ନ ହୁଏ ତେବେ ସ୍ଥିତି ବିକଟାଳ ହୋଇଯିବ। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତକୁ ୫୦ ବିଲିୟନ ଡଲାରର ଏଫଡିଆଇ ଆସିଥଇଲା। ଏହା ପୂର୍ବ ବର୍ଷ ତୁଳନାରେ ୧୩ ପ୍ରତିଶତ ଅଧିକ ଥିଲା। ଏଥିର ଅଧିକାଂଶ ଆମେରିକୀୟ କମ୍ପାନୀ ଏବଂ ଗ୍ଲୋବାଲ କ୍ୟାପାବିଲିଟି ସେଣ୍ଟର (ଜିସିସି)ରୁ ଆସିଥିଲା। ଶୁଳ୍କ ଯୋଗୁ ଆମେରିକା ସହ ସମ୍ବନ୍ଧ ପୂର୍ବରୁ ଖରାପ ରହିଛି। ରପ୍ତାନୀକାରୀଙ୍କ ଉପରେ ଚାପ ବଢି ଚାଲିଛି। ଫରେନ ଇନ୍‌ଷ୍ଟିଚ୍ୟୁସନାଲ ଇନଭେଷ୍ଟର୍ସ (ଏଫଆଇଆଇ) ଏବଂ ଫରେନ ପୋର୍ଟୋଫୋଲିଓ ଇନଭେଷ୍ଟର୍ସ (ଏଫପିଆଇ) ପାଣ୍ଠି ପ୍ରତ୍ୟାହାର କରିଚାଲିଛନ୍ତି।


# ଭାରତକୁ ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ଧମକ



**ଇସ୍‌ଲାମାବାଦ୍, ୫ ।୧୦(ଏଜେନ୍ସି):** ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଭାରତକୁ ଧମକ ଦେଇଛନ୍ତି। ଯଦି ପୁଣିଥରେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୁଏ ତେବେ ଭାରତକୁ ତା'ର ପରିଣାମ ଭୋଗିବାକୁ ହେବ।। ଭାରତ ନିଜ ଲଢୁଆ ବିମାନର ଧ୍ୱଂସାବଶେଷ ତଳେ ହିଁ ଦବିଯିବ ବୋଲି ସେ ଧମକାଇଛନ୍ତି। ଭାରତୀୟ ନେତୃତ୍ୱ ହରାଇଥିବା ନିଜର ବିଶ୍ୱସନୀୟତାକୁ ଫେରିପାଇବା ପାଇଁ ଜାଣିଶୁଣି ଉତ୍ତେଜକ ମନ୍ତବ୍ୟ ଦେଉଥିବା ସେ ଉଲ୍ଲେଖ କରିଛନ୍ତି। ଭାରତ ଜାଣିଶୁଣି ବିବାଦ ବଢ଼ାଉଛି ଓ ଦେଶରେ ଦେଖା ଦେଇଥିବା ବିଭିନ୍ନ ସମସ୍ୟାରୁ ନାଗରିକଙ୍କ ନଜର ହଟାଇବା ପାଇଁ ଭାରତ ଏଭଳି ପ୍ରହସନ କରୁଛି ବୋଲି ସେ କହିଛନ୍ତି। ପୂର୍ବରୁ ପାକିସ୍ତାନ ସେନା ଶନିବାର ଭାରତ ବିରୋଧୀ ମନ୍ତବ୍ୟ ଦେଇଥିଲା। ଯଦି ଦୁଇଦେଶ ମଧ୍ୟରେ ଯୁଦ୍ଧ ହୁଏ, ତେବେ ଧ୍ୱଂସର ବିଭୀଷିକା ସୃଷ୍ଟି ହେବ। ପୁଣିଥରେ ଶତ୍ରୁତାର ନୂଆ ଯୁଗ ଆରମ୍ଭ ହେଲେ ପାକିସ୍ତାନ ପଛକୁ ହଟିବ ନାହିଁ। ବିନା କୌଣସି ଦ୍ୱିଧାରେ ଆମେ ଭାରତକୁ କଡ଼ା ଜବାବ ଦେବୁ ବୋଲି ପାକିସ୍ତାନ ସେନା କହିଥିଲା। ଉଲ୍ଲେଖଥାଉ କି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା ପ୍ରମୁଖ ମାର୍ଶାଲ ଏପି ସିଂ ପାକିସ୍ତାନକୁ ସତର୍କ କରାଇ ବିଭିନ୍ନ ଧମକ ଦେଇଥିଲେ। ଗୌରବ ଓ ସମ୍ମାନ ଉପରେ ଆଞ୍ଚ ଆସିଲେ ଭାରତ କୌଣସି ବୁଝାମଣା କରିବ ନାହିଁ। ଦେଶର ଏକତା ଓ ଅଖଣ୍ଡତା ରକ୍ଷା ପାଇଁ ଯଦି ଆବଶ୍ୟକ ହୁଏ ତେବେ ଭାରତ କୌଣସି ସୀମାକୁ ପାର କରିପାରିବ ବୋଲି ରାଜନାଥ କହିଥିଲେ। ସେହିପରି ଅପରେସନ ସିନ୍ଦୂର ୧.୦ରେ ଭାରତ ଯେପରି ସଂଯମତା ରକ୍ଷା କରିଥିଲା, ଏଥର ଆଉ ସଂଯମତା ପ୍ରଦର୍ଶନ କରିବନି ବୋଲି ଉପେନ୍ଦ୍ର ଦ୍ୱିବେଦୀ କହିଥିଲେ। ଅପରେସନ ସିନ୍ଦୂରରେ ପାକିସ୍ତାନର ୧୨ରୁ ୧୩ଟି ବିମାନକୁ ଭାରତୀୟ ସେନା ଧ୍ୱଂସ କରିଥିବା ସୂଚନା ଦେଇଥିଲେ।

# କଫ୍ ସିରପ୍ ସେବନ ପାଇଁ ଲେଖିଥିବା ଡାକ୍ତର ଗିରଫ

**ଛିନ୍ଦୱାଡ଼ା,୫ ।୧୦(ଏଜେନ୍ସି):** ମଧ୍ୟପ୍ରଦେଶ ଛିନ୍ଦୱାଡ଼ାରେ ଛୋଟ ପିଲାଙ୍କ ପାଇଁ ବିଷାକ୍ତ କଫ୍ ସିରପ ଲେଖିଥିବା ଜଣେ ଡାକ୍ତରଙ୍କୁ ଗିରଫ କରାଯାଇଛି। କଫ୍ ସିରପ ସେବନ କରି ରାଜ୍ୟରେ ୧୧ଜଣ ଶିଶୁ ମୃତ୍ୟୁବରଣ କରିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଷାକ୍ତ କଫ୍ ସିରପ ସେବନ କରିବାକୁ ଲେଖିଥିବା ଏହି ଡାକ୍ତର ହେଉଛନ୍ତି ପ୍ରବୀଣ ସୋନୀ। ମୃତ୍ୟୁବରଣ କରିଥିବା ଅଧିକାଂଶ ପିଲା ପ୍ରବୀଣଙ୍କ କ୍ଲିନିକ୍‌ରେ ଚିକିତ୍ସିତ ହେଉଥିଲେ। ପ୍ରବୀଣଙ୍କ ସମେତ କୋଲଡ୍ରିଫ୍ ସିରପ ତିଆରି କରୁଥିବା କମ୍ପାନୀ ଶ୍ରୀସାନ ଫାର୍ମାସିଟିକାଲ୍ସ ବିରୋଧରେ ମାମଲା ରୁଜୁ କରାଯାଇଛି। ଏହି କମ୍ପାନୀ ତାମିଲନାଡୁର କାଞ୍ଚିପୁରମ ଜିଲ୍ଲାରେ ଅବସ୍ଥିତ ଓ ଏଠାରେ କୋଲଡ୍ରିଫ୍ କଫ୍ ସିରପ ତିଆରି କରାଯାଇଥାଏ। ପ୍ରବୀଣ ଜଣେ ସରକାରୀ ଡାକ୍ତର ଭାବେ କାର୍ଯ୍ୟ କରନ୍ତି। କିନ୍ତୁ ତାଙ୍କ କ୍ଲିନିକକୁ ଆସୁଥିବା ପିଲାମାନଙ୍କର ଚିକିତ୍ସା ପାଇଁ ସେ ଏହି ବିଷାକ୍ତ ସିରପ ସେବନ କରିବାକୁ ଲେଖିଥାନ୍ତି। ପୂର୍ବରୁ ଅବଶ୍ୟ ସରକାର କୋଲଡ୍ରିଫ୍ ସିରପ ଉତ୍ପାଦନ ଓ ବିକ୍ରି ଉପରେ ନିଷେଧାଦେଶ ଜାରି କରିଥିଲେ। ଏହି ସିରପରେ ୪୮.୬ ପ୍ରତିଶତ ଡାଇଇଥାଇଲିନ୍ ଗ୍ଲାଇକଲ ଭଳି ବିଷାକ୍ତ ରାସାୟନିକ ପଦାର୍ଥ ରହିଛି ବୋଲି ସରକାରୀ ଅଧିକାରୀମାନେ କହିଛନ୍ତି। କୋଲଡ୍ରିଫ୍ ସମେତ ନେକ୍ସଟ୍ରୋ- ଡିଏସ୍ ସିରପକୁ ମଧ୍ୟ ନିଷେଧ କରାଯାଇଥିଲା। ପିଲାଙ୍କ ଅକାଳ ମୃତ୍ୟୁର ତଦନ୍ତ ପାଇଁ ରାଜ୍ୟସ୍ତରରେ ଏକ ଟିମ୍ ଗଠିତ କରାଯାଇଛି ଓ ଏହି ଘଟଣାରେ ଦୋଷୀଙ୍କୁ ଛଡ଼ାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଯାଦବ କହିଛନ୍ତି।



କଫ୍ ସିରପ ସେବନ କରି ମଧ୍ୟପ୍ରଦେଶରେ ମାତ୍ର ୩୨ ଦିନ ମଧ୍ୟରେ ୧୬ ପିଲା ମୃତ୍ୟୁବରଣ କରିବା ପରେ ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ (ସିଡିଏସ୍‌ସିଓ) ଏକ ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ପ୍ରସ୍ତୁତି ଚଳାଇଛି। ଏହିକ୍ରମରେ କୋଲଡ୍ରିଫ୍ ସିରପ ତିଆରି କରୁଥିବା ଶ୍ରୀ ସନ ଫାର୍ମାସିଟିକାଲ୍ସ କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତାମିଲନାଡୁର କାଞ୍ଚିପୁରମରେ ଏହି କମ୍ପାନୀ ରହିଛି। ଏହି ସିରପକୁ ଏବେ ୩ଟି ରାଜ୍ୟ ଯଥା ମଧ୍ୟପ୍ରଦେଶ, କେରଳ ଓ ତାମିଲନାଡୁରେ ନିଷିଦ୍ଧ କରାଯାଇଛି। ଦେଶରେ ଔଷଧ ତିଆରି ଓ ବିକ୍ରୟକୁ ନିୟନ୍ତ୍ରଣ କରୁଥିବା ସିଡିଏସ୍‌ସିଓ ଏହି କମ୍ପାନୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାମିଲନାଡୁ ଫୁଡ୍ ଆଣ୍ଡ ଡ୍ରଗ୍ ଆଡମିନିଷ୍ଟ୍ରେସନ (ଟିଏଫ୍‌ଡିଏ)କୁ ଚିଠି ଲେଖିବ ବୋଲି କହିଛି।

**ଫସଲ ଉଜାଡ଼ିଦେଲା ଲଗାଣ ବର୍ଷା**

# ବିଷ ପିଇ ଜୀବନ ହାରିଲେ ଚାଷୀ

ମୋହନା, ୫।୧୦ (ସମିସ): ଲଗାଣ ବର୍ଷା ଯୋଗୁଁ ଆଖି ଆଗରେ ସବୁତକ ଫସଲ ଉଜୁଡ଼ିଯିବାରୁ ଜଣେ ଚାଷୀ କୀଟନାଶକ ପିଇ ଆମ୍ହତ୍ୟା କରିଛନ୍ତି। ଏଭଳି ଘଟଣା ଘଟିଛି ଗଜପତି ଜିଲ୍ଲା ମୋହନା ଥାନା ପ୍ରତାପପୁର ଗ୍ରାମରେ। ମୃତ ଚାଷୀଜଣଙ୍କ ହେଲେ, ପ୍ରତାପପୁର ଗାଁର ଲକ୍ଷ୍ମଣ ନାୟକ। ଲକ୍ଷ୍ମଣ ଚାଷବାସ କରି ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ଫସଲକୁ ମୋହନା ବଜାରରେ ବିକି ଯେଉଁ ଦି'ପଇସା ରୋଜଗାର କରୁଥିଲେ, ସେଇଥିରେ ତାଙ୍କର ପରିବାର ଚଳୁଥିଲା। ହେଲେ, ଗତ କିଛି ଦିନ ହେବ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଲକ୍ଷ୍ମଣଙ୍କ ସବୁ ଫସଲ ଧୋଇଯାଇଛି। ଆଜି ଲକ୍ଷ୍ମଣ ଜମିକୁ ଯାଇ ନଷ୍ଟ ହୋଇଥିବା ଫସଲର ଅବସ୍ଥା ଦେଖି ଦୁଃଖରେ ଭାଙ୍ଗି ପଡ଼ିଥିଲେ। ସେଠାରୁ ଘରକୁ ଫେରିବା ପରେ କୀଟନାଶକ ପିଇ ଦେଇଥିଲେ। ଏହା ଜଣାପଡ଼ିବା ପରେ ଗ୍ରାମବାସୀଙ୍କ ସହାୟତାରେ ପରିବାରଲୋକେ ତାଙ୍କୁ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ବଞ୍ଚାଇ ପାରିନଥିଲେ। ଏହି ଘଟଣା ପଦାକୁ ଆସିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଉଲ୍ଲେଖଯୋଗ୍ୟ, ଲଗାଣ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ଆଗୁଆ ସତର୍କ କରାଯାଇଥିଲେ ହେଁ ସରକାରଙ୍କ ପକ୍ଷରୁ କୌଣସି ପୂର୍ବପ୍ରସ୍ତୁତି କିମ୍ବା ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଗଜପତି ଜିଲ୍ଲାରେ ବର୍ଷା ବିପ୍ରାତ ଯୋଗୁଁ ବ୍ୟାପକ ଧନଜୀବନ ହାନି ହୋଇଛି। ଲଗାଣ ବର୍ଷାରେ କିଏ ଭାସିଗଲା ତ ଆଉ କିଏ ମାଟି ତଳେ ରହିଗଲା।



# ବଜ୍ରପାତରେ ଜଣେ ମୃତ

ରାଇରଙ୍ଗପୁର/ବହଳଦା, ୫।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ଜାମଦା ଥାନା ଅଧୀନ ଜାରକାଣି ପଞ୍ଚାୟତବାରୁଡିହିଗ୍ରାମରହାତୀରାମସର୍ଦ୍ଦାର(୫୫)ଙ୍କବଜ୍ରପାତରେମୃତ୍ୟୁଘଟିଛି।ଗ୍ରାମବାସୀଙ୍କ କହିବାନୁଯାୟୀ, ବର୍ଷା ମାଡ଼ି ଆସୁଥିବା ଦେଖି ଛେଳିପଲଙ୍କୁ ଘରକୁ ଆଣିବାରେ ପତ୍ନୀଙ୍କୁ ସହଯୋଗ କରିବାକୁ ହାତୀରାମ ଯାଇଥିଲେ। ଏହି ସମୟରେ ତାଙ୍କ ଉପରେ ଏକ ବଜ୍ରପାତ ହୋଇଥିଲା। ଏଥିରେ ସେ ସଂଜ୍ଞାହୀନ ହୋଇ ରାସ୍ତାରେ ପଡ଼ି ଯାଇଥିଲେ। ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଏହି ଘଟଣା ଘଟିଥିଲେ ହେଁ କେହି ଜାଣି ପାରିନଥିଲେ। ଦୀର୍ଘ ସମୟ ଧରି ସଂଜ୍ଞାହୀନ ହୋଇ ପଡ଼ିରହିବାରୁତାଙ୍କରମୃତ୍ୟୁଘଟିଥିଲା।ଜାମଦାପୁଲିସ୍‌ଘଟଣାସ୍ଥଳରୁଶବଜବତକରିବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ସଂପତ୍ତି ପାଇଁ ଭଉଣୀକୁ ଏସିଡ୍ ମାଡ଼

ବାରିପଦା, ୫।୧୦ (ସମିସ): ସଂପତ୍ତି ପାଇଁ ଭଉଣୀକୁ ଏସିଡ୍ ମାଡ଼। ବାରିପଦା ସହରର ବଡ଼ବଜାର ନିକଟରେ ଆଜି ଏପରି ଏକ ଆପରାଧିକ ଘଟଣା ଘଟିଛି। ଏସିଡ୍ ମାଡ଼ର ଶିକାର ମହିଳାଜଣଙ୍କ ହେଲେ, ବାରୁଣୀ ରୋଡ ଅଞ୍ଚଳର ସୁଷମା ମହାନ୍ତି। ଏସିଡ୍ ପଡ଼ି ତାଙ୍କ ଗୋଡ଼ର କିଛି ସ୍ଥାନ ପୋଡ଼ି ଯାଇଛି। ଏ ସଂପର୍କରେ ସୁଷମା ବାରିପଦା ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ବଡ଼ବଜାର ନିକଟରେ ସୁଷମାଙ୍କ ଏକ ଫଟୋ ବାଇଣ୍ଡିଂ ଦୋକାନ ଅଛି। ଉକ୍ତ ଦୋକାନ ଘରଟିକୁ ତାଙ୍କ ବାପା ତାଙ୍କୁ ଦେଇଥିଲେ। କିନ୍ତୁ ତାଙ୍କ ଭାଇ ଚନ୍ଦନେଶ୍ୱର ରଣା ଏହାକୁ ବିରୋଧ କରିଆସୁଥିଲେ। ଏହାକୁ ନେଇ ଭାଇ-ଭଉଣୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଆଜି ସକାଳେ ସୁଷମା ଦୋକାନରେ ଏକୁଟିଆ ଥିବା ବେଳେ ଚନ୍ଦନେଶ୍ୱର ଛାତ ଫାଙ୍କ ଦେଇ ତାଙ୍କ ଉପରକୁ ଏସିଡ୍ ପକାଇବା ସହ ଗାଳିଗୁଲଜ କରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଖବର ପାଇ ସୁଷମାଙ୍କ ପୁଅ ସେଠାରେ ପହଞ୍ଚି ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଥିଲା।

# ବାଲେଶ୍ୱର ସହରରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



ବାଲେଶ୍ୱର, ୫।୧୦ (ସମିସ): ଗତ ଶୁକ୍ରବାର ବାଲେଶ୍ୱର ସହରରେ ଦୁର୍ଗାପୂଜା ଭସାଣି ଉତ୍ସବ ପରେ ଟାଉନ ଥାନା ଅନ୍ତର୍ଗତ ଫୁଲବଜାର ଅଞ୍ଚଳରେ କୌଣସି କଥାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ତେଣୁ, ସ୍ଥାନୀୟ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ଫେରାଇ ଆଣିବାକୁ ରବିବାର ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଅତିରିକ୍ତ ଏସ୍‌ପି ଦେବଜ୍ୟୋତି ଦାସଙ୍କ ନେତୃତ୍ୱରେ ଏହି ଫ୍ଲାଗ୍‌ମାର୍ଚ୍ଚ ବଲାଙ୍ଗୀ କଲେଜ ନିକଟରୁ ବାହାରି ପାତ୍ରପଡ଼ା ହୋଇ ପୁରୁଣା ବାଲେଶ୍ୱର, ଦରଘାପଡିଆ, ଗଳାପୋଖରୀ ପର୍ଯ୍ୟନ୍ତ ଯାଇଥିଲା। ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ଉଦ୍ଦେଶ୍ୟରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିବା ଅତିରିକ୍ତ ଏସ୍‌ପି କହିଛନ୍ତି। ଏହି ଫ୍ଲାଗମାର୍ଚ୍ଚରେ ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ଟାଉନ୍ ଥାନା ଅଧିକାରୀ ବିଜୟ କୁମାର ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବାଣ ଭିଡ଼ିବା ବେଳେ ପ୍ରଚଣ୍ଡ ବିସ୍ଫୋରଣ

**ଉଡ଼ିଗଲା ଛାତ; ମା', ଦୁଇପୁଅ ଓ ବୋହୂ ଗୁରୁତର**

ବୈଶିଙ୍ଗା, ୫।୧୦ (ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ପଞ୍ଚାୟତର ବାଛୁରୀପଡ଼ା ଗ୍ରାମରେ ଆଜି ଏକ ବଡ଼ଧରଣର ଅଘଟଣ ଘଟିଛି। ବେଆଇନ ଭାବେ ବାଣ ତିଆରି ବେଳେ ପ୍ରଚଣ୍ଡ ବିସ୍ଫୋରଣରେ ପୂରା ଅଞ୍ଚଳ ଥରି ଉଠିଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ବାଣ ଭିଡ଼ା ଚାଲିଥିବା ଘରର ଛାତ ଉଡ଼ିଯିବା ସହ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ସଂକଟାପନ୍ନ ରହିଛି। ସେମାନେ ହେଲେ, ଗ୍ରାମର ସନ୍ତୋଷ ଦାସଙ୍କ ସ୍ତ୍ରୀ ଶାନ୍ତିଲତା ଦାସ, ବଡ଼ ପୁଅ ଅନିଲ ଦାସ, ବଡ଼ବୋହୂ କ୍ରିଷ୍ଣା ଦାସ ଓ ସାନ ପୁଅ ସୁନୀଲ ଦାସ। ଅନିଲଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ତାଙ୍କୁ ପ୍ରଥମେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ କଟକ ସ୍ଥାନାନ୍ତର କରାଯାଇଛି। ସେହିପରି ସୁନୀଲଙ୍କୁ ମଧ୍ୟ ସ୍ଥାନୀୟ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ସନ୍ତୋଷଙ୍କ ପରିବାର ବହୁବର୍ଷ ଧରି ବାଣ ପ୍ରସ୍ତୁତି କରି ଆସୁଛନ୍ତି। ଆଗକୁ ଦୀପାବଳି ଥିବାରୁ



ତାଙ୍କ ଘରେ ବେଆଇନ ଭାବେ ବାଣଭିଡ଼ା ଚାଲିଥିଲା। ଆଜି ଦିନ ପ୍ରାୟ ୧୧ଟାରେ ଅନିଲ ବାଣ ତିଆରି କରୁଥିବା ବେଳେ ଅସାବଧାନତାବଶତଃ ବାରୁଦ ଗଦାରେ ନିଆଁ ଲାଗି ଯିବାରୁ ପ୍ରଚଣ୍ଡ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଘରର ଛାତ ଉଡିଯାଇ ଗଛ ଡାଳରେ ଲାଗିଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ବେତନଟୀ ଏସ୍‌ଡିପିଓ ମିନତି ବିଶ୍ୱାଳ, ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ, ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା ପ୍ରମୁଖ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଜାରି ରହିବ ବର୍ଷା

ଭୁବନେଶ୍ୱର, ୫।୧୦(ସମିସ): ପୁଣି ଗୋଟିଏ ଲଘୁଚାପ ଯୋଗୁଁ ରାଜ୍ୟରେ ବଢ଼ିବ ବର୍ଷା। ୭ ତାରିଖଠାରୁ ବର୍ଷା ବଢ଼ିବାର ପୁଣି ସମ୍ଭାବନା ସୃଷ୍ଟି ହୋଇଛି। ଆସନ୍ତା ୭ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପ୍ରଭାବରେ ୯ କିମ୍ବା ୧୦ ତାରିଖ ବେଳକୁ ଏକ ଲଘୁଚାପ ସୃଷ୍ଟି ହୋଇ ବିଭିନ୍ନ ସ୍ଥାନରେ ବର୍ଷା କରାଇବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ପ୍ରଭାବରେ ୭ ରୁ ୧୨ ତାରିଖ ଯାଏଁ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ। ଏହାର ବିଶେଷ ପ୍ରଭାବ ଉତ୍ତର ଓ ଉପକୂଳ ଓଡ଼ିଶାରେ ଦେଖା ଦେବ। ଅନ୍ୟପଟେ ରବିବାର ଏକ ଟ୍ରଫ୍ ଲାଇନ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ମେଘୁଆ ପାଗ ସାଙ୍ଗକୁ କିଛି କିଛି ସ୍ଥାନରେ ତୁହାକୁ ତୁହା ବର୍ଷା ହୋଇଛି। ଯାଜପୁରରେ ୨୪ ମିମି ବର୍ଷା ହୋଇଥିବା ବେଳେ ସୋନପୁରରେ ୩୨, ବଲାଙ୍ଗିର ୩୩, ମାଲକାନଗିରି ୧୬, ବାରିପଦା ୨୮, ପୁରୀ ୪୦ ଓ ପାରାଦୀପରେ ୧୨ ମିମି ବର୍ଷା ରେକର୍ଡ ହୋଇଛି। ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ବର୍ଷା ଜାରି ରହିବାର ସମ୍ଭାବନା ରହିଛି।

# କୁମ୍ଭୀର ମୁହଁରୁ ବର୍ତ୍ତିଲେ ଯୁବକ

କେନ୍ଦ୍ରାପଡ଼ା, ୫।୧୦(ସମିସ): ନଦୀରେ ଗାଧୋଇବା ବେଳେ ଜଣେ ଯୁବକ କୁମ୍ଭୀର ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। କିନ୍ତୁ, ଉପସ୍ଥିତ ବୁଦ୍ଧି ଯୋଗୁଁ ଯୁବକଜଣଙ୍କ ନିଶ୍ଚିତ ମୃତ୍ୟୁ ମୁଖରୁ



ଅଳ୍ପକେ ବର୍ତ୍ତିଯାଇଛନ୍ତି। ଯୁବକଜଣଙ୍କ ହେଲେ, ମହାକାଳପଡ଼ା ପଞ୍ଚାୟତ ଗୋପାଳପୁର ଗ୍ରାମର ବିଶ୍ୱରଞ୍ଜନ ରାଉତରାୟ।

ରବିବାର ସକାଳ ପ୍ରାୟ ୮ଟାରେ ବିଶ୍ୱରଞ୍ଜନ ଲୁଣା ନଦୀରେ ଗାଧୋଉଥିଲେ। ଏହି ସମୟରେ ଚାରିଫୁଟ୍ ଲମ୍ବର ଏକ କୁମ୍ଭୀର ତାଙ୍କ ବାମପଟ ଗୋଡ଼କୁ କାମୁଡ଼ି ଧରିଥିଲା। ତେବେ ବିଶ୍ୱରଞ୍ଜନ ଏଥିରେ ବିଚଳିତ ନ ହୋଇ ଉପସ୍ଥିତ ବୁଦ୍ଧି ଖଟାଇଥିଲେ। କୁମ୍ଭୀରର ମୁହଁକୁ ସେ ମୁଥ ମାରିବା ସହ ପେଲି ଦେଇଥିଲେ। ସୌଭାଗ୍ୟକୁ କୁମ୍ଭୀରଟି ତାଙ୍କ ଗୋଡ଼ ଛାଡ଼ି ନଦୀ ମଧ୍ୟକୁ ପଳାଇଥିଲା। ପରେ ତାଙ୍କୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଆଶୁ ଚିକିତ୍ସା କରାଯିବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ଲୁଣାନଦୀ ଉପରେ ନିର୍ଭର କରୁଥିବା ଗୋପାଳପୁର ଗ୍ରାମର ପ୍ରାୟ ୨୦୦ ପରିବାର ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗୋପାଳପୁର ଗ୍ରାମ କଡ଼ରେ ଥିବା ଲୁଣାନଦୀରେ ଦୁଇଟି ଗାଧୁଆ ତୁଠ ରହିଛି। ଉକ୍ତ ତୁଠଦ୍ୱୟରେ ତାରବାଡ଼ ବୁଲାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଅପରପକ୍ଷେ, ଗତ ଏକ ମାସ ମଧ୍ୟରେ ମହାକାଳପଡ଼ା ଅଞ୍ଚଳରେ ତିନିଜଣ କୁମ୍ଭୀର ଆକ୍ରମଣର ଶିକାର ହୋଇସାରିଲେଣି।

# ଚୋରା ବାଲି ଉତ୍ତୋଳନରୁ ଗୋଷ୍ଠୀ ସଂଘର୍ଷ

ଜଳେଶ୍ୱର, ୫।୧୦ (ସମିସ): ବର୍ଷା ଦିନେ ସୁବର୍ଣ୍ଣରେଖା ନଦୀରେ ବାଲି ସୈରାତ ବନ୍ଦ ଥିବା ବେଳେ ବାଲି ଦର ଚଢ଼ା ରହିଛି। ଫଳରେ ବିଭିନ୍ନ ସ୍ଥାନରେ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ଲାଗି ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ଘଟୁଛି। ଶନିବାର ବିଳମ୍ବିତ ରାତିରେ ଜଳେଶ୍ୱର ବ୍ଲକ ମହମ୍ମଦ ନଗରପାଟଣା ପଞ୍ଚାୟତ ଅଧୀନ ଚାଲନ୍ତି ଘାଟରେ ବାଲି ଉତ୍ତୋଳନକୁ ନେଇ ଗୋଷ୍ଠୀସଂଘର୍ଷ ଘଟିଛି। ଏଥିରେ ଜଣେ ଗୁରୁତର ହୋଇଥିବା ବେଳେ ୪ଜଣ ଆହତ ହୋଇଛନ୍ତି। ସୂଚନାନୁଯାୟୀ, ଗୋଟିଏ ଗୋଷ୍ଠୀ ସେଠାରୁ ବେଆଇନ ଭାବେ ବାଲି ଉତ୍ତୋଳନ କରୁଥିଲେ। ହେଲେ ଅନ୍ୟ ଏକ ଗୋଷ୍ଠୀ ସେହି ସ୍ଥାନରେ ବାଲି ଉତ୍ତୋଳନ କରିବାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ଓ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ପରସ୍ପର ଆକ୍ରମଣରେ ଅଧିର କୁମାର ଗିରି ଗୁରୁତର ଅଟକ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ପର୍ଶୁରାମ ଗିରି, ମନୋଜ ଦେ, ସୁଧାଂଶୁ ଗିରି, ପୂର୍ଣ୍ଣଚନ୍ଦ୍ର ମାଝି ସଂଘର୍ଷରେ ଆହତ ହୋଇ ସ୍ଥାନୀୟ ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏ ସମ୍ପର୍କରେ ଦୁଇଗୋଷ୍ଠୀ ପକ୍ଷରୁ ଜଳେଶ୍ୱର ଥାନାରେ ପୃଥକ ଅଭିଯୋଗପତ୍ର ଦାଖଲ ହୋଇଛି। ପୁଲିସ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ବିଗତ ଦିନରେ ଏହି ବାଲିଘାଟରେ ଖଣି ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା।

**ଜଣେ ଗୁରୁତର, ୪ ଆହତ**

# ଚାକିରି ଚୋରି ଘଟଣାରେ ରାଜ୍ୟ ସରକାରଙ୍କ ମୁଖା ଖୋଲିଛି: ବିଜେଡି

ଭୁବନେଶ୍ୱର, ୫।୧୦(ସମିସ): ପୁଲିସ ଏସ୍‌ଆଇ ପରୀକ୍ଷାର କେଲେଙ୍କାରୀ ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ମାଧ୍ୟମରେ କେବଳ ଏଥିରେ ସମ୍ପୃକ୍ତ ବଡ଼ମୁଣ୍ଡମାନଙ୍କୁ ଖସାଇ ଦେବାକୁ ଚେଷ୍ଟା ଚାଲିଛି। କ୍ରାଇମବ୍ରାଞ୍ଚ ଏହି ଘଟଣାରେ ସମ୍ପୃକ୍ତ କେବଳ ଦଲାଲମାନଙ୍କୁ ଧରୁଛି ଓ ବଡ଼ ମୁଣ୍ଡକୁ ଛାଡି ଦିଆଯାଉଛି ବୋଲି ଅଭିଯୋଗ ଆଣିଛି ବିଜେଡି।

ଶଙ୍ଖ ଭବନରେ ରବିବାର ଆୟୋଜିତ ସାମ୍ବାଦିକ

**ବଡ଼ମୁଣ୍ଡିଆଙ୍କୁ ଖସାଇ ଦେବାକୁ କ୍ରାଇମବ୍ରାଞ୍ଚକୁ ମୋହରା କରିଛନ୍ତି ବିଜେପି ସରକାର**

ସମ୍ମିଳନୀରେ ଦଳର ବରିଷ୍ଠ ନେତା ପ୍ରୀତିରଞ୍ଜନ ଘଡେଇ କହିଛନ୍ତି ଯେ ରାଜ୍ୟ ସରକାର ଏବେ ଚାକିରି ଚୋର ବୋଲି ସର୍ବତ୍ର ଆଲୋଚନା ଚାଲିଛି। ଏହି ଚାକିରି ଚୋରି ଯୋଗୁଁ ରାଜ୍ୟର ଯୁବ ସମାଜ ବ୍ୟତିବ୍ୟସ୍ତ ଓ ହତାଶ । ଯୁବ ସମାଜ ରାଜ୍ୟ ସରକାରଙ୍କ ଉପରେ ଆସ୍ଥା ହରାଇଛନ୍ତି। ଗୃହ ମନ୍ତ୍ରଣାଳୟ ହାତରେ ରଖିଥିବା ମୁଖ୍ୟମନ୍ତ୍ରୀ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚକୁ ଦେଇଛନ୍ତି। ଏହି ନିଯୁକ୍ତି ପାଇଁ ପ୍ରଥମ ଥର ମାର୍ଚ୍ଚ ୭ ଓ ୮ରେ ହେବାକୁ ଥିବା ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା। ପରୀକ୍ଷା ବାତିଲର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ି ନ ଥିଲା ବେଳେ ଓପିଆରବିର ଅଧ୍ୟକ୍ଷଙ୍କୁ ବିଦା କରି ନୂତନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହାପରେ ଆଇଟିଆଇର ସହଯୋଗୀ ସଂସ୍ଥା ଭାବେ ପୂର୍ବରୁ ଥିବା ରିଚ ମାଇଣ୍ଡ ସଂସ୍ଥାକୁ ହଟାଯାଇ ସିଲିକନ୍ ଟେକ୍‌କୁ ଦାୟିତ୍ୱ ଦିଆଯାଇଥିଲା । ସିଲିକନ ଟେକ ନିଜେ ପରୀକ୍ଷା ପରିଚାଳନା ପରିବର୍ତ୍ତେ ଅଖ୍ୟାତ ପଞ୍ଚସଫ୍ଟ ଟେକନୋଲୋଜିକୁ ସହଯୋଗୀ ଭାବେ ଗ୍ରହଣ କରିଥିଲା। ଆଉଟସୋର୍ସିଂ ମାଧ୍ୟମରେ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ପୁଲିସ ଏସ୍‌ଆଇ ଚାକିରି ବିକ୍ରି ପାଇଁ ଏକ ସୁଚିନ୍ତିତ ଯୋଜନା କରାଯାଇଥିଲା। ରାଜ୍ୟ ସରକାରଙ୍କ ଚାକିରି ଚୋରି କାର୍ଯ୍ୟକ୍ରମ ଓଡ଼ିଶାବାସୀଙ୍କ ସାମ୍ନାରେ ମୁଖା ଖସି ଯାଇଛି। କ୍ରାଇମବ୍ରାଞ୍ଚ ମାଧ୍ୟମରେ ସେ ଏଥିରେ ସମ୍ପୃକ୍ତ ବଡ଼ ମୁଣ୍ଡକୁ ଖସାଇ ଦେବାକୁ ଉଦ୍ୟମ କରୁଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟର ଗୃହ ସଚିବ, ଡିଜି ପୋଲିସ ଓ ଓପିଆରବିର ଅଧ୍ୟକ୍ଷ ଏହି ଚାକିରି ଚୋରି କାର୍ଯ୍ୟକ୍ରମ ବିଷୟରେ ସ୍ପଷ୍ଟୀକରଣ ରଖନ୍ତୁ ଓ ସିବିଆଇ ତଦନ୍ତର ନିର୍ଦ୍ଦେଶ ଦିଅନ୍ତୁ ବୋଲି ଶ୍ରୀ ଘଡ଼ାଇ ଦାବି କରିଛନ୍ତି।



# ଆଜି ଧରାବତରିବେ ମା' ଗଜଲକ୍ଷ୍ମୀ

ଢେଙ୍କାନାଳ, ୫।୧୦(ସମିସ): ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ଗାଁଠୁ ସହର ଉତ୍ସବମୁଖର। ଧନଧାନ୍ୟର ଦେବୀଙ୍କ ଆବାହନ ପାଇଁ ଆବାଳବୃଦ୍ଧବନିତା ତତ୍ପର। ସୋମବାର ରାତିରୁ ମାଆ ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ବୈଦିକ ରୀତିରେ ଆରମ୍ଭ ହେବ। ଗଣପର୍ବ ଲକ୍ଷ୍ମୀ ପୂଜା ପାଇଁ ସମସ୍ତ ପୂଜା



ମଣ୍ଡପ ସଜେଇ ହୋଇଗଲାଣି। ଦୋକାନ ବଜାର ସହ ରାସ୍ତାଘାଟ ମାଳମାଳ ଲାଇଟରେ ଝଲସୁଛି।

କୁମାର ପୂର୍ଣ୍ଣିମା ଅବସରରେ ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହେବାକୁ ଯାଉଛି। ଚଳିତ ବର୍ଷ ୪୧ଟି ପୂଜା ମଣ୍ଡପରେ ମାଆ ପୂଜା ପାଇବେ। ସେଥିମଧ୍ୟରୁ ୩୮ଟି ମଣ୍ଡପକୁ ରାଜ୍ୟ ସରକାର ମାନ୍ୟତା ପ୍ରଦାନ କରିଛନ୍ତି।

ଜିଲ୍ଲାରେ ୧୯୨୩ ମସିହାରୁ ଢେଙ୍କାନାଳ ମୀନାବଜାରର ସ୍ୱର୍ଗତ ଗତିକୃଷ୍ଣ ପଟ୍ଟନାୟକଙ୍କ ଉଦ୍ୟମରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଥିଲା। ଏବେ ଏହା ଗଣ ଉତ୍ସବରେ ପରିଣତ ହୋଇଛି। ମୀନାବଜାର ସହ ଜବାହର ଚୌକ, ଲକ୍ଷ୍ମୀବଜାର, ଗଣେଶ ବଜାର, କାଞ୍ଚନବଜାର, ଆନନ୍ଦବଜାର, କାରିଗରସାହି, ଗୁଡ଼ିଆନାଳୀ, ରାଧାକୃଷ୍ଣ ବଜାର, ପଦ୍ମବଜାର, କୁଞ୍ଜକାନ୍ତ, କୈବଲ୍ୟ ବଜାର, ଜୁବୁଲି ଟାଉନ-୨, ଷ୍ଟେସନ ବଜାର ଅନ୍ନପୂର୍ଣ୍ଣା ପୂଜା ସଂସ୍ଥାନ, ରତ୍ନବଜାର, ଚନ୍ଦନ ବଜାର, ଗାନ୍ଧୀବଜାର, ବସଷ୍ଟାଣ୍ଡ, କୋରିଆଁ, ଦୁର୍ଗାବଜାର, ଦକ୍ଷିଣକାଳୀରେ ପୂଜା ଅନୁଷ୍ଠିତ ହେଉଛି। ପୂଜା ପାଇଁ ସହର ବଜାର ସଜେଇ ହୋଇଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଐତିହ୍ୟ, ସଂସ୍କୃତି ଓ ଭାଇଚାରା ମଧ୍ୟରେ ସହରବାସୀ ପୂଜା ପାଳନ କରୁଛନ୍ତି। ଚଳିତବର୍ଷ ପୂଜା ମଣ୍ଡପଗୁଡ଼ିକ ନୂତନ ଭାବରେ ସଜେଇ ହୋଇଛି। ଉତ୍ସବରେ ମୀନାବଜାରଠାରୁ ଆରମ୍ଭ କରି ବିଭିନ୍ନପ୍ରକାର ଖାଦ୍ୟର ପସରା ମେଳିଛି। ପୂଜା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥିତ କରିବାକୁ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଛି। ପୁଲିସ ପ୍ରଶାସନ ତରଫରୁ ପୂଜା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି।

**ଉତ୍ସବମୁଖର ଢେଙ୍କାନାଳ**

**ଶ୍ରୀମଦ୍ ଭାଗବତ ମହୋତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ**

# ପ୍ରତ୍ୟେକ ଗାଁ ଭାଗବତ ଟୁଙ୍ଗିର ହେବ ପୁନରୁଦ୍ଧାର

ଭୁବନେଶ୍ୱର, ୫।୧୦(ସମିସ): ଧର୍ମ ଜାଗରଣ ସମିତି, ଓଡ଼ିଶା ପକ୍ଷରୁ ରବିବାର ଭୁବନେଶ୍ୱରର କଟକ ରୋଡ଼ସ୍ଥିତ ତେରାପନ୍ଥ ଭବନଠାରେ ଆୟୋଜିତ ଶ୍ରୀମଦ୍ ଭାଗବତ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଛନ୍ତି। ପ୍ରତ୍ୟେକ ଓଡ଼ିଆ ଘରେ ଭାଗବତ ଏବଂ ପ୍ରତ୍ୟେକ ଗାଁ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ଓ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯୁବବର୍ଗ ଆଜିର ସମାଜର ସମସ୍ତ ବିକାଶରେ ମୁଖ୍ୟ ଭୂମିକା ନିଭାଇଥାନ୍ତି। ଏଣୁ ସେମାନଙ୍କୁ ଏହି ମାର୍ଗରେ ନେବା ପାଇଁ ଭାଗବତ ପାଠ ଏକ ବଳିଷ୍ଠ ମାଧ୍ୟମ। ଶ୍ରୀମଦ୍ ଭାଗବତ ଗ୍ରନ୍ଥ, ପରମ୍ପରା, ଭକ୍ତି ଓ ଧର୍ମର




ଅମୂଲ୍ୟ ଶିକ୍ଷା ସହିତ ଜନସାଧାରଣଙ୍କୁ ଭଗବତ କାର୍ଯ୍ୟରେ ସଂପୃକ୍ତ କରେ । ସେହି ଦୃଷ୍ଟିରୁ ଏହି ମହୋତ୍ସବ ଆମ ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶ୍ରୀମଦ୍ ଭାଗବତ ଗ୍ରନ୍ଥର ମହତ୍ତ୍ୱ ପାଞ୍ଚଗୋଟି ମୂଳତତ୍ତ୍ୱ ଯଥା, ଈଶ୍ୱର, ଜୀବ, ପ୍ରକୃତି, କାଳ, ସମୟ ଏବଂ କର୍ମକୁ ନେଇ ଏ ବିଶ୍ୱ ସଞ୍ଚାଳିତ। ସେଥିପାଇଁ ସନାତନ ପରମ୍ପରାରେ ଜୀବନ ଦୀପ ଲିଭିବା ପୂର୍ବରୁ ଶ୍ରୀମଦ୍ ଭାଗବତ ଶୁଣିବା ପ୍ରତ୍ୟେକ ସନାତନୀର ଶେଷ ଇଚ୍ଛା ରହିଥାଏ। ସମସ୍ତେ ପ୍ରତ୍ୟହ ଭାଗବତ ପାଠ କରି ଜୀବନକୁ ଏକ ସୁସ୍ଥ ଧାର୍ମିକ ଓ ନୈତିକ ଦିଗରେ ନେଇଯିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ।

ପଦ୍ମଶ୍ରୀ ବାବା ବଳିଆ ନିଜ ବକ୍ତବ୍ୟରେ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଆ ଅସ୍ମିତାର କାର୍ଯ୍ୟକାରିତା ନିଖୁଣ ଭାବେ ସମ୍ପାଦନ କରୁଥିବାରୁ ଧନ୍ୟବାଦ ଦେବା ସହିତ ଆଗାମୀ ସମୟରେ ଶ୍ରୀମଦ୍ ଭାଗବତର ତତ୍ତ୍ୱକୁ ପ୍ରତ୍ୟେକ ଓଡ଼ିଆଙ୍କ ଘରେ ଘରେ ପହଞ୍ଚାଇବାକୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଧର୍ମ ଜାଗରଣ ସମିତିର ପୂର୍ବ ପ୍ରାନ୍ତ ପ୍ରମୁଖ ଚନ୍ଦ୍ରକାନ୍ତ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଧର୍ମ ଜାଗରଣ ସମିତିର ସଂଯୋଜକ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଧନ୍ୟବାଦ ଦେଇଥିଲେ।

# ଧକ୍କା ହୋଇ ଜଳିଗଲା ଦୁଇ ଟ୍ରକ୍



ଅନୁଗୋଳ/ବଆଁରପାଳ, ୫।୧୦(ସମିସ): ୫୫ନମ୍ବର ଜାତୀୟ ରାଜପଥର ବଆଁରପାଳ ଥାନା ତୁଳସୀପାଳ ଗ୍ରାମ ନୂତନ ବାଇପାସ୍ ରାସ୍ତାରେ ଶନିବାର ରାତି ପ୍ରାୟ ୧୧ଟାରେ ପାଉଁଶ ବୋଝେଇ ଟ୍ରକ ସହ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଧକ୍କା ହେବା ପରେ ଉଭୟ ଟ୍ରକ୍ ନିଆଁ ଲାଗି ଜଳିଯାଇଛି। ତେବେ ନିଆଁ ଲାଗିବା ଦେଖି ଦୁଇ ଚାଳକ ଗାଡ଼ିରୁ ଡେଇଁ ପଡ଼ି ଜୀବନ ବଞ୍ଚାଇଛନ୍ତି। ସ୍ଥାନୀୟ ଲୋକଙ୍କ ସୂଚନାନୁଯାୟୀ, ପାଉଁଶ ପକାଇବା ପାଇଁ ହାଇୱା ଗାଡ଼ି ଠିଆ ହୋଇଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ସିମେଣ୍ଟ ବୋଝେଇ ଟ୍ରକ୍ ତାକୁ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଉଭୟ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଏହି ଅଗ୍ନିକାଣ୍ଡ ଯୋଗୁଁ ଟ୍ରକ୍‌ରେ ଥିବା ସମସ୍ତ ସିମେଣ୍ଟ ବସ୍ତା ପୋଡ଼ି ନଷ୍ଟ ହୋଇଯାଇଛି। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ବଆଁରପାଳ ଓ ଅନୁଗୋଳରୁ ଦୁଇଟି ଦମକଳ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅପରପକ୍ଷେ, ଏହି ଅଗ୍ନିକାଣ୍ଡ ଯୋଗୁଁ ରାସ୍ତାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

# ମହାନତା ଦେଖାଇଲେ ଡାକ୍ତର




ଜଳେଶ୍ୱର, ୫।୧୦(ସମିସ): ଜଳେଶ୍ୱର ବ୍ଲକ ଗୋପିମୋହନପୁର ପଞ୍ଚାୟତ ମହିସାସୁଣ୍ଡ ଗ୍ରାମର ରାମ ହେମ୍ବ୍ରମଙ୍କ ଦୁଇ ବର୍ଷର ଶିଶୁପୁତ୍ର ବାଦଲର ନିଃଶ୍ୱାସ ପ୍ରଶ୍ୱାସ ନେବାର ଅସୁବିଧା ହେବାରୁ ଜଳେଶ୍ୱର ଜି କେ ଭଟ୍ଟ ହସ୍ପିଟାଲକୁ ଚିକିତ୍ସା ପାଇଁ ଆଣିଥିଲେ। ଡାକ୍ତର ମନୋଜ କାଙ୍ଗିର ସଙ୍ଗେ ସଙ୍ଗେ ଚିକିତ୍ସାରେ ଲାଗି ପଡ଼ିଥିଲେ। କିନ୍ତୁ ଶିଶୁ ପ୍ରକୃତି ଅତି ଗୁରୁତର ହେବାରୁ ଡ଼ାକ୍ତର ବାଲେଶ୍ୱର ମୁଖ୍ୟ ଡ଼ାକ୍ତର ଖାନାକୁ ନେବାକୁ ପରାମର୍ଶ ଦେଇଥିଲେ। ହେଲେ ସେହି ସମୟରେ ୧୦୮ ଆମ୍ବୁଲାନ୍ସ ଉପଲବ୍ଧ ନ ଥିବାରୁ ଡ଼ାକ୍ତର ମନୋଜ କାଙ୍ଗିର ଙ୍କ ସଙ୍ଗେ ଘରୋଇ ଆମ୍ବୁଲାନ୍ସ ପାଇଁ ନିଜ ହାତରୁ ଆର୍ଥିକ ଅନୁଦାନ ଦେଇ ବାଲେଶ୍ୱର ପଠାଇ ଥିଲେ। ତାଙ୍କର ଏହି ମହାନତା କାର୍ଯ୍ୟ ପାଇଁ ଜଳେଶ୍ୱରବାସୀ ଧନ୍ୟବାଦ ଜଣାଉଛନ୍ତି।

# ବାଲିଆପାଳ ଥାନାରେ ଅଭିଯୋଗକାରୀ-ଆଇଆଇସି ଧସ୍ତାଧସ୍ତି

ବାଲିଆପାଳ, ୫।୧୦ (ସମିସ)



**ଘଟଣାକୁ ଚପାଇ ଦେବାକୁ ଉଦ୍ୟମ**

ବାଲିଆପାଳ ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଅଭିଯୋଗକାରୀ ଏବଂ ବାଲିଆପାଳ ଥାନା ଅଧିକାରୀଙ୍କ ମଧ୍ୟରେ ଥାନା ଭିତରେ ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଛି। ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଏହି ଘଟଣାରେ ଅଭିଯୋଗକାରୀ ଯୁବକ ମାନେ ସରକାରୀ କର୍ମଚାରୀ ହୋଇଥିବାବେଳେ ବାଲିଆପାଳ ପୁଲିସ ସେମାନଙ୍କ ଉପରକୁ ପ୍ରଥମେ ହାତ ଉଠାଇ ମାଡ ମାରିବା, ସେମାନଙ୍କ ପ୍ୟାଣ୍ଟ ସାର୍ଟ ଚିରିଦେବାକୁ ନେଇ ଏବେ ଉଭୟ ପକ୍ଷ ଥାନା ଭିତରେ ବସି ଆପୋଷ ସମାଧାନ କରିଦେଇଥିବା ବେଳେ ଗଣମାଧ୍ୟମକୁ କୌଣସି ସୂଚନା ଦେବାକୁ ମନା କରି ଉଭୟ ଘଟଣାକୁ ଏଡାଇ ଯାଇଛନ୍ତି। ମିଳିଥିବା ସୂଚନା ମୁତାବକ ଭୁବନେଶ୍ୱର ଅଞ୍ଚଳର ଦୁଇ ଜଣ ଯୁବକ ତାଙ୍କର ପରିବାର ସହ ବାଲିଆପାଳ ଥାନା ବାସୁଦେବପୁର ଗ୍ରାମର ତାଙ୍କର ସଂପର୍କୀୟଙ୍କ ଘରକୁ ଆସିଥିଲେ। ରାସ୍ତାରେ ଆସୁଥିବା ବେଳେ କେଉଁ ସ୍ଥାନରେ ତାଙ୍କ କାରର ନମ୍ବର ପ୍ଲେଟ୍ ଖସି ପଡିଥିବା ନେଇ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିବାକୁ ଆସିଥିଲେ। ମାତ୍ର କେଉଁ ଠାରେ ହଜିଛି କିମ୍ବା ଅନ୍ୟ କ'ଣ ହୋଇଛି କହି ଅଭିଯୋଗ ରଖିବାକୁ ମନା କରିଥିଲେ ଥାନାରେ କାର୍ଯ୍ୟରତ ଥିବା ଅଧିକାରୀ। ଏହାକୁ ନେଇ ଅଭିଯୋଗ କରିବାକୁ ଆସିଥିବା ଦୁଇ ଜଣ ଯୁବକ ମୋବାଇଲରେ ଭିଡିଓ ଉତ୍ତୋଳନ କରୁଥିଲେ। ଏ ନେଇ ଭିଡିଓ ଉତ୍ତୋଳନ କରିବାକୁ ମନା କରିବାରୁ ଗଣ୍ଡଗୋଳ ପରିସ୍ଥିତି ଉପୁଜିବା ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ସମୟରେ ବାଲିଆପାଳ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରା ଆସି ମୋବାଇଲ ଛଡ଼ାଇବାକୁ ଚେଷ୍ଟା କରିବାରୁ ଥାନା ଅଧିକାରୀ ଏବଂ ଉକ୍ତ ଦୁଇ ଯୁବକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏପରିକି ଯୁବକ ମାନଙ୍କର ସାର୍ଟ ଚିରିଯାଇଥିଲା। ତେବେ ପୁଲିସ ସେମାନଙ୍କୁ ଥାନା ଭିତରେ ଅଟକ ରଖିଥିଲା ପରେ ଉଭୟ ପକ୍ଷ ମଧ୍ୟରେ ଆପୋସ ସମାଧାନ ହୋଇଥିବା ଜଣାଯାଇଛି। ଉକ୍ତ ଯୁବକ ଦୁଇଜଣ ହେଉଛନ୍ତି ଜଣେ ଆର୍ମୀ ସାଇଣ୍ଟିଷ୍ଟ ଏବଂ ଅନ୍ୟ ଜଣେ ଇଣ୍ଡିଆନ ନେଭିସ ଅଧିକାରୀ ବୋଲି ଜଣା ପଡିଛି। ଥାନାରେ ଲାଗିଥିବା ସିସିଟିଭି ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଭାରତୀୟ ସଂସ୍କୃତିରେ ଗୁରୁ-ଶିଷ୍ୟ ପରମ୍ପରା ବିଶ୍ୱରେ ଅନନ୍ୟ

ଜଳେଶ୍ୱର, ୫।୧୦(ସମିସ): ସମଗ୍ର ବିଶ୍ୱରେ ଭାରତୀୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ସ୍ୱତନ୍ତ୍ରତା ରହିଛି। ଆଜି ବି ଏହି ବିଚାରଧାରା ମହତ୍ତ୍ୱ ରହିଛି ବୋଲି ପ୍ରାଧ୍ୟାପକ ଡ. ଛାୟାକାନ୍ତ ଷଡ଼ଙ୍ଗୀ "ଶିକ୍ଷା,ଶିକ୍ଷାର୍ଥୀ ଓ ଶିକ୍ଷକ" ଆଲୋଚନା ଚକ୍ରକୁ ଉଦଘାଟନ କରି ଉଦବୋଧନ ଦେଇଥିଲେ। ଜଳେଶ୍ୱର ବ୍ଲକ ଅନ୍ତର୍ଗତ କାଶିଡିହା ମଈ ବିଦ୍ୟାଳୟ ପରିସରରେ ଦିନକୃଷ୍ଣ ମହାବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀଙ୍କର ଏକ ବନ୍ଧୁମିଳନ,ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପୂର୍ବତନ ଛାତ୍ର ତଥା ଅବସର ପ୍ରାପ୍ତ ଅଧ୍ୟକ୍ଷ କମଲାକାନ୍ତ ଚନ୍ଦ ଅଧ୍ୟକ୍ଷତା କରିଥିଲେ। ଏଥିରେ ଦିନକୃଷ୍ଣ କଲେଜର ପୂର୍ବତନ ଇଂରାଜୀ ଅଧ୍ୟାପକ ତଥା ସମ୍ବର୍ଦ୍ଧିତ ପ୍ରତିଭା ଡ. ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତର ରେ ଡ.ଷଡ଼ଙ୍ଗୀ କହିଲେ ଯେ ଭାରତୀୟ ସଂସ୍କୃତିରେ ଗୁରୁ-ଶିଷ୍ୟ ପରମ୍ପରା ଅନ୍ୟତ୍ର ବିରଳ। ଏଥିରେ ବିଶ୍ୱ ପ୍ରସିଦ୍ଧ କଥାକାର ଡ଼. ମନୋଜ ଦାସ, ପୂର୍ବତନ ଶିକ୍ଷା ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ରାଉତ ଓ ଶରତ ପୂଜାରୀଙ୍କ ୩ଟି ଗଳ୍ପର ଅବତାରଣା ଶୁଣାଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଆୟୋଜକ ସୁଶାନ୍ତ କୁମାର ଦାସ ଓ ଅରୁଣ ପତିଭା, ବିଜୟ କୁମାର ଦେ, ଡ଼. ନୀଳକଣ୍ଠ ଖଣ୍ଡା ଓ ଶ୍ରୀମତୀ ଷଡ଼ଙ୍ଗୀ ବକ୍ତବ୍ୟ ରଖିଥିଲେ।

# ଦେହୁର୍ଦ୍ଧା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ରାବଣ ପୋଡି

ଭୋଗରାଇ, ୫।୧୦(ସମିସ): ଭୋଗରାଇ ବ୍ଲକ ଦେହୁର୍ଦ୍ଧା ରାୟ ମହାଶୟ ଗଡର ସର୍ବ ପୁରାତନ ଦୁର୍ଗାପୂଜା ଚଳିତବର୍ଷ ୬୦ ବର୍ଷରେ ପଦାର୍ପଣ କରିଛି। ଦେହୁର୍ଦ୍ଧା ଗ୍ରାମବାସୀ ମାନଙ୍କ ସହଯୋଗରେ ମଣ୍ଡପରେ ୪ ଦିନ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥିଲା ବେଳେ ଶନିବାର ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂଜା କମିଟିର ସଭାପତି ଅନୁପ ମିଶ୍ର, ଉପସଭାପତି ପ୍ରଦୀପ ଦାସ, ସୁବ୍ରତ ଦେ, ଶକ୍ତିପଦ ଦାସ, ହରେନ୍ଦ୍ର ମଣ୍ଡଳ, ସଂପାଦକ ନିତାଇ ଚରଣ ଆଚାର୍ଯ୍ୟ, ସହ ସଂପାଦକ ତପନ କୁମାର ଆଚାର୍ଯ୍ୟ, ଲବ କର, ଜ୍ୟୋତିପ୍ରକାଶ ଆଚାର୍ଯ୍ୟ, ସ୍ୱାଧୀପ୍ରିୟ ଦାସ, ମାନସ ଗାଙ୍ଗୁଲି, କୋଷାଧ୍ୟକ୍ଷ ମନୋଜ ରାୟ, କମିଟିର ଉପଦେଷ୍ଟା ଚତୁର୍ଭୁଜ ଆଚାର୍ଯ୍ୟ, ଶ୍ରୀନିବାସ ବେଜ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

# ଏସ୍‌କେଜି ସାରସ୍ୱତ ଟ୍ରଷ୍ଟର ବାର୍ଷିକ ଉତ୍ସବ



କାଳିପଦା, ୫।୧୦ (ସମିସ): ସାହିତ୍ୟ ଭାଷା ଓ ଭାବ ମଧ୍ୟରେ ଅପୂର୍ବ ସମନ୍ୱୟ ଆଣିଥାଏ। ସାହିତ୍ୟର ସମୃଦ୍ଧି ଓ ବାଲିଆପାଳକୁ ସାରସ୍ୱତ ସହର କରିବା ସମସ୍ତଙ୍କ ଧ୍ୟେୟ ହେଉ ବୋଲି ବ୍ଲକ ଛକସ୍ଥିତ ଏସ କେ ଜି ସାରସ୍ୱତ ଟ୍ରଷ୍ଟ ଓ ପାଠାଗାରର ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ ଶାରଦୀୟ ବନ୍ଧୁ ମିଳନରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତ ବ୍ୟକ୍ତ କରିଛନ୍ତି। ଉତ୍ସବରେ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟଅତିଥି, ବରଣ୍ୟ ଅତିଥି ଭାବରେ ଅପରାହ୍ନ ସମ୍ପାଦକ ବଂଶୀଧର ଜେନା, ଫକୀର ମୋହନ ସାହିତ୍ୟ ପରିଷଦ ସମ୍ପାଦକ ଡ. ରତ୍ନାକର ସିଂ, ଶିଶୁ ସାହିତ୍ୟିକ କାଳିକିଙ୍କର ଦାଶ, ଶିକ୍ଷାବିତ ସୁବାସ ଚନ୍ଦ୍ର ଚୌଧୁରୀ, ପଣ୍ଡିତ ପ୍ରିୟବ୍ରତ ପଣ୍ଡା, ପ୍ରକାଶିକା ଲକ୍ଷ୍ମୀ ପ୍ରିୟା ଦାସ, ଗାଳ୍ପିକ ନିବାରଣ ଜେନା, ବିଇଓ ଜୟନ୍ତ ପାଣିଗ୍ରାହୀ, ବାଘା ଯତୀନ ସ୍ମୃତି ପରିଷଦ ସଭାପତି ଅରବିନ୍ଦ ବେହେରା, ଫକୀର ମୋହନ ସାହିତ୍ୟ ପରିଷଦ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ, ରାଜ ନେତା ବିକାଶ ଗିରି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁବର୍ଣ୍ଣ ରେଖା କଳାକାର ସଂଘର ଗିରିଧାରୀ ଭୂୟାଁ, ଶବ୍ଦ କୁଞ୍ଜ ସମ୍ପାଦକ କାର୍ତ୍ତିକ ସେଠୀ, ରବୀନ୍ଦ୍ର କୁମାର ଦତ୍ତ, ବିଜୟ କୁମାର ପାତ୍ର, କ୍ଷୀତିଶ ଜେନା, ଜ୍ୟୋତି ରଞ୍ଜନ ପଟ୍ଟାୟତ, ହରେକୃଷ୍ଣ ତ୍ରିପାଠୀ, ସାମ୍ବାଦିକା କବିତା ଗିରି, ଦିଲ୍ଲିପ କୁମାର ଦାସ,ରାଜନେତା ଅଜୟ କୁମାର ସାମଲ। ସାରସ୍ୱତ ବନ୍ଧୁ ମିଳନ ଉତ୍ସବକୁ ନଳିନୀକାନ୍ତ ପାଢ଼ୀ ପରିଚାଳନା କରିଥିଲେ। ଅଧ୍ୟାପକ ନିରଞ୍ଜନ ବେହେରା, ସନ୍ୟାସୀ ବେହେରା, ଗୋପୀକୃଷ୍ଣ ମହାନ୍ତି, ଜୟନ୍ତୀ ବେହେରା, ନମିତା ସାମଲ, ଦେବାଶିଷ ଦେ, ସୁଧା ସୁକନ୍ୟା ଗିରି, ଲିପ୍ସିତା ଚାନ୍ଦ, ପର୍ଶୁରାମ ଚନ୍ଦ, ବସନ୍ତ ବାରିକ, ମନୋଜ ବାରିକ, ଗୋପାଳ ଚନ୍ଦ, ଅଞ୍ଜନା ମିଶ୍ର ପ୍ରମୁଖ ଏଥିରେ ଅଂଶ ଗ୍ରହଣ କରିଥିଲେ। କବି ନଳିନୀକାନ୍ତ ପାଢ଼ୀଙ୍କ ଶରତ ରାତି ଓ ଅନ୍ୟାନ କବିତା ପୁସ୍ତକର ଇଂରାଜୀ ଅନୁବାଦ ପୁସ୍ତକକୁ ମୁଖ୍ୟ ଅତିଥି ବିଧାୟିକା ସୁବାସିନୀ ଜେନା ଉନ୍ମୋଚନ କରିଥିଲେ। ସାହିତ୍ୟରେ ବିଶେଷ ଅବଦାନ ପାଇଁ ନିବାରଣ ଜେନା, ଡ଼ଃ ରତ୍ନାକର ସିଂ, ଜୁମର ପାତ୍ର, ଦୈତାରୀ ବେହେରା, କଲ୍ୟାଣୀ ନନ୍ଦ, ଶାନ୍ତିଲତା ପଣ୍ଡା, ଶାନ୍ତିଲତା ବିଶି, କବିତା ଜେନା, ସୁନା ମଣୀ ଜେନା, ପୁଷ୍ପଲତା ଚକ୍ରବର୍ତ୍ତୀ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର ସଭାପତି ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ସଭାରେ ପୌରହିତ୍ୟ କରିଥିବା ବେଳେ ଟ୍ରଷ୍ଟର ସମ୍ପାଦିକା ସୁଷମା ରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଚା' ଦୋକାନରେ ପଶିଗଲା ଟାଟା ଏସିଇ

ସିମୁଳିଆ, ୫।୧୦ (ସମିସ): ବାଲେଶ୍ୱର ଜିଲ୍ଲା ୧୬ ଜାତୀୟ ରାଜପଥ ସିମୁଳିଆ ଠାରେ କଲକାତାରୁ ରାୟଗଡା ଅଭିମୁଖେ ଯାଉ ଥିବା ଟାଟା ଏସିଇ ଗାଡ଼ି ଷଣ୍ଢକୁ ବଞ୍ଚାଇବାକୁ ଯାଇ ଭାରସ୍ୟାମ ହରାଇ ରାସ୍ତା କଡ଼ ପାନ ଚା' ଦୋକାନକୁ ପଶି ଯାଇଥିଲା। ଏଥିରେ ଦୋକାନୀ ଲକ୍ଷ୍ମଣ ସିଂ ଓ ସ୍ତ୍ରୀ ଗୀତ ସିଂଙ୍କ ଉପରେ ଆହାତ ହାଇ ସିମୁଳିଆ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

# ପୁରାତନ ବନ୍ଧୁ ସମାବେଶ

ଜଳେଶ୍ୱର ବ୍ଲକ, ୫।୧୦ (ସମିସ) : ଖୁଆଡ ଦୀନକୃଷ୍ଣ ଉଚ୍ଚ ବିଦ୍ୟାଳୟର ୨୦୦୯ ଦଶମ ବ୍ୟାଚ ବନ୍ଧୁ ମାନଙ୍କୁ ନେଇ ଖୁଆଡ ଷ୍ଟାଡିୟମ ପରିସରରେ ବନ୍ଧୁମିଳନ ଅନୁଷ୍ଠିତ ହୋଇଛି। ଏଥିରେ ତାପସ ଦାସ, ଅଶ୍ରୁ ମୋଚନ ଘୋଷ, ଚନ୍ଦ୍ରକାନ୍ତ ପାତ୍ର, ଅଶ୍ରୁ ମୋଚନ ପ୍ରଧାନ, ସ୍ୱାଗତିକା, ସୂର୍ଯ୍ୟକାନ୍ତି, ବିଶ୍ୱଜିତ୍ ମହାନ୍ତି, ବିନ୍ଧୁଶ୍ରୀ, ଅମ୍ବିକା, ବ୍ରଜକିଶୋର, ଶ୍ରାବଣୀ, ଅନିତା, ମଞ୍ଜୁଲତା, ସୁମିତ୍ରା, ପିଙ୍କିରାଣୀ, ସୁପ୍ରଭା, ଚନ୍ଦନ , ରାନୁସୂର୍ଯ୍ୟା, ସୁଚିସଞ୍ଚିତା, ସନତପ୍ରିୟ, ବାବୁଲା, ଚିତ, କେଶବ, ପୂର୍ଣ୍ଣ, ସଞ୍ଜୀବ, ଦିନୁ , ଶର୍ମିଷ୍ଠା, ବାହାଦୁର, ସଞ୍ଜୟ, ମୋନାଲିସା, ଭବାନୀ, ଦିବ୍ୟାଭାରତୀ, ବିଲ୍ଟୁ, ପ୍ରମୁଖ ସାଙ୍ଗ ସାଥୀ ଉପସ୍ଥିତ ରହିଥିଲେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠା ଦିବସ

ଭୋଗରାଇ, ୫।୧୦ (ସମିସ): ଭୋଗରାଇ ବ୍ଲକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଏକ ପଦ ସଞ୍ଚାଳନ କାର୍ଯ୍ୟକ୍ରମ ଭୋଗରାଇର କେନ୍ଦ୍ରସ୍ଥଳ ଥାନାଛକ ନଗର ପରିକ୍ରମା କରି ଅସ୍ତ୍ର ଶସ୍ତ୍ର ଘୋଷ ବାଦ୍ୟ ଶହ ସ୍ୱୟଂ ସେବକ ମାନେ ଯାଇଥିଲେ। ଭୋଗରାଇର ଜଳେଶ୍ୱରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଖେଳ ପଡ଼ିଆରେ ଏକ ବୌଦ୍ଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୦୭ ଜଣ ଗଣବେଶ ଓ ୪୦ ଜଣ ଅଣ ଗଣବେଶ ସ୍ୱୟଂ ସେବକ ମାନଙ୍କ ସହିତ ଭୋଗରାଇ ବିଜେପି ନେତା ଆଶିଷ ପାତ୍ର, ବରିଷ୍ଠ ବିଜେପି ନେତା ଅଂଶୁମାନ ମହାନ୍ତି, ରାଜ୍ୟ ବିଜେପି କୃଷକ ମୋର୍ଚ୍ଚାର ସଂଯୋଜକ କୈଶିକ ଚାନ୍ଦ ସହିତ ବହୁ ଲୋକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଗୁରୁଗ୍ରାମରେ ପ୍ରବାସୀ ଓଡ଼ିଆଙ୍କ ଦୁର୍ଗାପୂଜା




ଖଇରା, ୫ ।୧୦ (ସମିସ): ଦିଲ୍ଲୀ ନିକଟବର୍ତ୍ତୀ ଗୁରୁଗ୍ରାମ ୪ନମ୍ବର ସେକ୍ଟରସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ପବିତ୍ର ଦୂର୍ଗାପୂଜା ପାଳନ ଅବସରରେ ପ୍ରବାସୀ ଓଡିଆଙ୍କ ଦ୍ୱାରା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କଳିଙ୍ଗ କଲଚୁରାଲ ଏଣ୍ଡ ୱେଲଫେୟାର ଆସୋସିଏନ ଆନୁକୂଲ୍ୟରେ ଆୟୋଜିତ ଏହି ଷୋଡଶ ବାର୍ଷିକ ପୂଜାରେ ପଣ୍ଡିତ ରୁଦ୍ର ନାରାୟଣ ପଣ୍ଡା ଓ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ମାଙ୍କର ପୂଜା, ଚଣ୍ଡିପାଠ ସାଙ୍ଗକୁ ହୋମ ଯଜ୍ଞାଦି ମାଙ୍ଗଳିକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଶାର ଉଦୀୟମାନ ତାରକା ବିଶିଷ୍ଟ ଗାୟକ ପ୍ରଭୁପାଦ ମହାନ୍ତି, ଗାୟିକା ପାୟଲ ମହାନ୍ତିଙ୍କ ହୃଦୟସ୍ପର୍ଶୀ ସଙ୍ଗୀତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆକାଶ ମହାନ୍ତି ଓ ସରଗମ ଖିଲାର ମଞ୍ଚ କାର୍ଯ୍ୟକ୍ରମର ସଞ୍ଚାଳନା ଓ ସଂଯୋଜନା କରିଥିଲେ। ଗୁରୁଗ୍ରାମ ବିଧାୟକ ମୁକେଶ ଶର୍ମା, ଡିପି ଗୋୟଲ, ବିଚାରପତି ବିରେନ୍ଦ୍ର ସିଂ, ଆଇନଜୀବୀ କୁମୁଦ ଗୁଗନାନୀ, ଡ. ରବି ରଞ୍ଜନ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ପୂଜା କମିଟି ର ଉପଦେଷ୍ଟା ହରେକୃଷ୍ଣ ମହାନ୍ତି, ଆଇନଜୀବୀ ମୋନାଲିସା ମହାପାତ୍ର, ସୁଶାନ୍ତ କର, ମୁରଲୀଧର ସାହୁ, ସଭାପତି ଗୋବିନ୍ଦ ଚନ୍ଦ୍ର ବେହେରା,ସମ୍ପାଦକ ଭୀମସେନ ସେଠୀ,ଉପସଭାପତି ରଞ୍ଜନ ସାହୁ, ସଙ୍ଗଠନ ସଚୀବ କୃଷ୍ଣ ସ୍ୱାଇଁ, କୋଷାଧକ୍ଷ ବିନାୟକ ନାୟକ, ପ୍ରଦ୍ୟୁମ୍ନ ରଥ, ମାନସ ସାହୁ, ସତ୍ୟବ୍ରତ ନାୟକ, ରାଜେନ୍ଦ୍ର ସାହୁ, ଅଶୋକ ସାହୁ, ଚରଣ ଜେନା, ସଂଗ୍ରାମ ଦାସ, ମଳୟ ରଞ୍ଜନ, ସୋମାଲୀନ ଦାଶ, ଦେବଦତ୍ତ ବକ୍ସି, ସଂଗ୍ରାମ ସାହୁ, ସଞ୍ଜୟ ସାହୁ, ସତ୍ୟରଞ୍ଜନ ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ରାଜ୍ୟ ରାଜପଥରୁ ସନ୍ଦେହଜନକ କାର ଜବତ


ଜଳେଶ୍ୱର, ୫।୧୦(ସମିସ): ଜଳେଶ୍ୱର ସହର ମଧ୍ୟ ଦେଇ ଯାଇଥିବା ୬୦ ଜାତୀୟ ରାଜପଥ ଏବଂ ୫୭ ନଂ ରାଜପଥ ସୀମାନ୍ତ ସଡକରେ ବିଭିନ୍ନ ମାଦକ ଦ୍ରବ୍ୟ, କୋଟି କୋଟି କଳା ଟଙ୍କା, ସୁନା ବିସ୍କୁଟ, ଦୁର୍ଲଭ ଜୀବ ଇତ୍ୟାଦି ଚୋରା ଚାଲାଣ ବେଳେ




ପୁଲିସ ହାତରେ ଧରା ପଡ଼ିବାର ନମୁନା ରହିଛି। ରାଜ୍ୟରେ ଏସ୍ ଆଇ ନିଯୁକ୍ତି ସ୍କାମରେ ଧରପଗଡ ଚାଲିଥିବା ବେଳେ କିଛି ଦିନ ଧରି ସୀମାନ୍ତ ରାସ୍ତାରେ ତଦନ୍ତ କାରୀ ସଂସ୍ଥା ପକ୍ଷରୁ ସନ୍ଦିଗ୍ଧ ଯାନ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିଲା। ଶନିବାର ସନ୍ଧ୍ୟାରେ ଓଡି୩୩ଏଏ-୯୩୯୭ ନମ୍ବର୍ ବିଶିଷ୍ଟ ନିଳ ରଙ୍ଗର କାର ୫୭ ରାଜ୍ୟ ରାଜପଥରେ ପଶ୍ଚିମବଂଗ ଅଭିମୁଖେ ଯାଉଥିଲା। ଆମ୍ବଳିଅଠା ବାଇପାସ୍ ନିକଟରେ ପୂର୍ବରୁ ଛକି ରହିଥିବା ତଦନ୍ତ କାରୀ ସଂସ୍ଥାର ଦୁଇଟି ସ୍କର୍ପିଓ ଗାଡ଼ି, ସନ୍ଦିଗ୍ଧ କାରକୁ ଅଟକାଇ ଛାନଭିନ କରିଥିଲେ। ପରେ ଗାଡ଼ିକୁ ନେଇ ଜଳେଶ୍ୱର ଥାନା ପରିସରରେ ରଖିବା ସହିତ କାର ଆରୋହୀଙ୍କୁ ନେଇ ଭୁବନେଶ୍ୱରର ଅଭିମୁଖେ ଯାଇଛନ୍ତି।

# ଲୁହାପଡା ଜଙ୍ଗଲରେ ଶିମିଳିପାଳ ହାତୀ

ଜଳେଶ୍ୱର ବ୍ଲକ, ୫।୧୦(ସମିସ): ଗତକାଲି ରାତିରେ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜର ଟୁପୁରା ଜଙ୍ଗଲ ଦେଇ ୭ ଟିକିଆ ଶିମିଳିପାଳ



ହାତୀପଲ ଜଳେଶ୍ୱର ରେଞ୍ଜ ଲୁହାପଡା ପିଆରଏଫ ବା ଜଙ୍ଗଲକୁ ପଶି ଆସିଛି। ଲୁହପଡା ଜଙ୍ଗଲକୁ ଲାଗି ଲୁହାପଡା ଓ ଦୁଧୁଆଶୋଳ ଗାଁ ରହିଥିବାରୁ ଆଜି ଅପରାହ୍ନରୁ ଏହି ଦୁଇ ଗାଁର ଅଧିକାଂଶ ପରିବାର ତାଟି କବାଟ ବନ୍ଦ କରି ଦେଇଛନ୍ତି। ସେହିପରି ଲୁହାପଡା ଜଙ୍ଗଲର ଅତି ନିକଟରେ ବରଡିହା, ଖୁଆଡ, ଶ୍ୟାମନଗର,ସର୍ଦ୍ଧାରବନ୍ଧ, କଳମା, କାଳିକ ଓ ରାଇବଣିଆ ଆଦି ପଂଚାୟତ ଥିବାରୁ ଏସବୁ ପଂଚାୟତର ଲୋକେ ହାତୀ ଭୟରେ ଆତଙ୍କିତ ହୋଇ ପଡିଛନ୍ତି। ବିଶେଷ କରି ଆଜି ଦିନ ତମାମ ତୁହାକୁ ତୁହା ବର୍ଷା : ଲାଗି ରହିଥିବା ବେଳେ ଏପରି ହାତୀ ଆଗମନ ଲୋକଙ୍କ ନିଦ ହଜାଇ ଦେଇଛି ଦଇଛି। ହାତୀ ଗତିବିଧି ଉପରେ ଲକ୍ଷ୍ୟ ରଖିବା ପାଇଁ ଜଙ୍ଗଲ ଓ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଦୁଇଟି ଟିମ ଗଠନ କରାଯାଇ ରାଇବଣିଆ ବନାଂଚଳରେ ନିୟୋଜିତ କରାଯାଇଥିବା ବୋଲି ବରଡିହା ଫରେଷ୍ଟର ପ୍ରହ୍ଲାଦ ଚରଣ ନାୟକ ସୂଚନା ଦେଇଛନ୍ତି।

# ଚୋରା ବାଲି ଚାଲାଣ ବନ୍ଦ ନ ହେଲେ ଆନ୍ଦୋଳନ

ବାଲିଆପାଳ, ୫।୧୦ (ସମିସ)



ଦକ୍ଷିଣ ବାଲିଆପାଳରେ ସମୁଦ୍ର ଉପକୂଳବର୍ତ୍ତୀ ଡଗରା, ଚଉମୁଖ, ବେତଗଡିଆ, ଅଁଳା ଡିହା, ଜମ୍ବିରାଇ, ନୂଆ ଗାଁ ପ୍ରମୁଖ ଛଅଟି ପଞ୍ଚାୟତରେ ଦିନକୁ ଦିନ ବେଧଡକ ଭାବେ ଚୋରା ବାଲି ଚାଲାଣ ବଢ଼ିବାରେ ଲାଗିଛି। ନିଘୋଡ଼ ନିଦରେ ଶୋଇଛନ୍ତି ଖଣି ଅଧିକାରୀ। ବାଲିଆପାଳ ପୁଲିସ, ଖଣି ଅଧିକାରୀ ଏବଂ ଅସାଧୁ ବାଲି ମାଫିଆଙ୍କ ତ୍ରିମୁଖି ସଲାସୁତୁରାରେ ହେଉଛି ବାଲି ହରିଲୁଟ। କିଛି ଦିନ ପୂର୍ବରୁ ଅଳାଁଡିହା ଠାରେ ଧର୍ମକୁ ଆଖି ଠାର ପରି କିଛି ବାଲି ଟ୍ରାକ୍ଟରକୁ ଧରି ପୁଣି ସେହି ବାଲି ମାଫିଆଙ୍କୁ ନିଲାମ ଆକାରରେ ଅଧିକାରୀ ହସ୍ତାନ୍ତର କରି ହାତ ବାନ୍ଧି ପଳାଇ ଆସିଥିଲେ। ଉକ୍ତ ବାଲିକୁ ପଞ୍ଚାୟତ ଅଫିସ୍ ସାମ୍ନାରେ ବାଲି ମାଫିଆ ନିଲାମ ବାଲି ଦର୍ଶାଇ ପ୍ରତ୍ୟେକ ଦିନ ଶହଶହ ଟ୍ରିପ ବାଲି ଚାଲାଣ କରୁଛନ୍ତି। ଗୁରୁବାର ରାତିରେ ପ୍ରବଳ ବର୍ଷା ଯୋଗୁଁ ପାଣି ନିଷ୍କାସନ ହୋଇନପାରି ପଞ୍ଚାୟତ ଅଫିସ୍ ଭିତରେ ପାଣି ପଶିଛି। ଏ ନେଇ ଅଳାଁଡିହା ସରପଞ୍ଚ ମମତା କୁଳାରି ଅସନ୍ତୋଷ ପ୍ରକାଶ କରିବା ସହିତ ଶୁକ୍ରବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ବାଲି ଚୋରି ବନ୍ଦ କରାଯାଉ ବୋଲି ଦାବି କରିଛନ୍ତି। ଏହା ବ୍ୟତିତ ଦିନକୁ ଦିନ ତଟକୁ ସୁରକ୍ଷା ଦେଉଥିବା ବାଲି ଆଡିଆ ଗୁଡିକ ମାଫିଆ ମାନଙ୍କ ଦ୍ୱାରା ଚାଲାଣ ହେବା ଫଳରେ ସମୁଦ୍ରର ଜୁଆର ପାଣି ଜନବସତି ଆଡ଼କୁ ମାଡ଼ି ଆସିବାର ସମ୍ଭାବନା ରହିଛି। ଏହି ଚୋରା ବାଲି ଚାଲାଣ ବନ୍ଦ କରାନଗଲେ ଲୋକଙ୍କ ଧନଜୀବନ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ସାତ ଦିନ ମଧ୍ୟରେ ଏହି ଚୋରା ବାଲି ଚାଲାଣ ବନ୍ଦ ନହେଲେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି ଭିଟାମାଟି ସୁରକ୍ଷା କମିଟିର ସମ୍ପାଦକ ତୀର୍ଥ କୁମାର ନାଗ। ଅନ୍ୟ ମାନଙ୍କ ମଧ୍ୟରେ ଏହି ସାମ୍ବାଦିକ ସମ୍ମିଳନୀର ଯତିନ୍ଦ୍ର କୁଳାରି, ରାମଚନ୍ଦ୍ର କୁଳାରି, ଅର୍ଜୁନ ବିଶ୍ୱାଳ, ଦୁର୍ଯ୍ୟୋଧ କୁଳାରି, କାର୍ତ୍ତିକ ନାୟକ, ମାୟାଧର କୁଳାରି, ରମାନାଥ ରଣସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଖଣି ବିଭାଗର ଚଢ଼ଉ, ବାଲି ଗାଡ଼ି ଜବତ

ସୋର, ୫।୧୦(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ମାଟିଆପଲ୍ଲା ଛକ ନିକଟରେ ଖଣିବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଗୋଟିଏ ବାଲି ବୋଝେଇ ଡମ୍ଫର ଜବତ କରାଯାଇଥିବା ଜଣାପଡିଛି। ଗତକାଲି ବିଳମ୍ବିତ ରାତିରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ବାଲି ଚାଲାଣ ହେଉଥିବାର ଖବର ପାଇ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ମାଟିଆପଲା ଛକ ନିକଟରେ ଚଢ଼ଉ କରିଥିଲେ। ଏହି ସମୟରେ ବାଲି ବୋଝେଇ ଗାଡିକୁ ଜବତ କରିଥିଲେ। ପରେ ଗାଡିକୁ ସୋର ପୁଲିସକୁ ହସ୍ତାନ୍ତର କରାଯାଇଛି। ଚଢ଼ାଉ ହେଉଥିବା ଜାଣିପାରି ଅନେକ ଗାଡି ଫେରାର ହୋଇଯାଇଥିବା ଖଣି ବିଭାଗ. ପକ୍ଷରୁ ସୂଚନା ମିଳିଛି।


# ଭୋଗରାଇ ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ




ବାଲେଶ୍ୱର(ଉତ୍ତର), ୫।୧୦ (ସମିସ): ରୋଟାରୀ କ୍ଲବ ଅଫ ଭୋଗରାଇ ନ୍ୟୁଭିଜନ ପକ୍ଷରୁ ତୃତୀୟ ଅଧିଷ୍ଠାନ ଉତ୍ସବ ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ କ୍ଲବର ସଭାପତି ମିହିର କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ରୋଟାରୀ ୨୦୨୫-୨୬ ବର୍ଷରେ ନୂତନ ସଭାପତି ଭାବେ ଡ. ସତୀଶ ଚନ୍ଦ୍ର ପଣ୍ଡା ଓ ନୂତନ ସମ୍ପାଦକ ଡ. ଅନୁପ କୁମାର ସାମଲଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଭୋଗରାଇ ଅତିରିକ୍ତ ତହସିଲଦାର ବ୍ରଜଗୋପାଳ ଦାସ, ମୁଖ୍ୟବକ୍ତା ରାକେଶ ସିଂ, ସମ୍ମାନିତ ଅତିଥି ନିରଞ୍ଜନ ମହାନ୍ତି, ଅରୁଣ କୁମାର ଦାଶ, ସୁକୁମାର ରଣା, ଡ. ସତୀଶ ଚନ୍ଦ୍ର ପଣ୍ଡା ପ୍ରମୁଖ ରୋଟାରୀରେ ସେବା ଭାବନା ନେଇ ଅନ୍ୟ ପାଇଁ ବଞ୍ଚିବାରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ନ୍ୟୁଭିଜନ ସଦସ୍ୟଭାବେ ଅତିରିକ୍ତ ତହସିଲଦାର ବ୍ରଜ ଗୋପାଳ ଦାସ, ରାଜେନ୍ଦୁ ବିକାଶ ପାତ୍ର, ଡ. ଶ୍ରୀକୁମାର ଘୋଷ, ଡ. ଶିବନାରାୟଣ ପାତ୍ର, ସୌଭାଗ୍ୟ ରଞ୍ଜନ ଦେ, ତାପସ କୁମାର ଜେନା ପ୍ରମୁଖ ରୋଟାରିଆନ ଭାବେ ଶପଥ ଗ୍ରହଣ କରିଥିଲେ। ଅଶୋକ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରଥିବା ବେଳେ ଅତିଥିମାନଙ୍କୁ ଉତ୍ତରୀୟ ଓ ମୋମେଣ୍ଟ ପ୍ରଦାନ କରାଯାଇଥିଲା। ସମ୍ପାଦକ ଡ. ଅନୁପ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

# ୩୫ ଲକ୍ଷରେ ନିଲାମ ହେଲା ଜବତ ପଥର

ସୋର, ୫।୧୦ (ସମିସ): ସୋର ଖଞ୍ଜାମହାଲ ପାହାଡ଼ରେ ବେଆଇନ ଭାବେ ପଥର ଖାଦାନ ଚାଲିଛି । ହେଲେ ପଥର ଚୋରି ରୋକାଯାଇପାରୁନି। ସରକାରୀ ଭାବେ ନିଲାମ ହେଉ ନଥିବା ଯୋଗୁ ଏପରି ସ୍ଥିତି ଦେଖିବାକୁ ମିଳୁଛି। ଫଳରେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଥିବା ବେଳେ ମାଫିଆମାନେ ମାଲାମାଲ ହେଉଛନ୍ତି। ତେବେ ଏପରି ସମୟରେ ଶନିବାର ମଧ୍ୟାହ୍ନରେ ବାଲେଶ୍ୱର ଖଣି ବିଭାଗ ଓ ସୋର ତହସିଲ ପୁଲିସ ସହାୟତାରେ ଖଞ୍ଜାମାହାଲ ପାହାଡ଼ରେ ଚଢ଼ଉ କରିଥିଲା। ଏହି ସମୟରେ ୪୪ ନମ୍ବର ଖାଦାନ ନିକଟରେ ବେଆଇନ ଭାବେ ଗଛିତ ଥିବା ୬ ହଜାର କ୍ୟୁବି ମିଟର ପଥର ଜବତ ହୋଇଥିଲା। ଯେଉଁ ପଥରକୁ ୩୫ ଲକ୍ଷ ୩୩ ହଜାର ୬ ଶହ ଟଙ୍କାରେ ନିଲାମ ଦିଆଯାଇଛି। ଚଢ଼ଉରେ ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସଙ୍କ ସମେତ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ରବିନାରାୟଣ ସିଂ ଓ ସୋର ପୁଲିସ କର୍ମଚାରୀ ସାମିଲ ଥିଲେ।



# ମୟୂରଭଞ୍ଜରେ ବଢୁଛି ଗୋଚାଲାଣ, ମାଫିଆ ସକ୍ରିୟ

ବାରିପଦା, ୫।୧୦(ସମିସ)



ମୟୂରଭଞ୍ଜ ଜିଲ୍ଲାରେ ଅହେତୁକ ଭାବେ ବୃଦ୍ଧି ପାଉଛି ଗୋଚାଲାଣ ବୋଲି ଅଭିଯୋଗ ହେଉଛି। ବେପରୱା ଭାବେ ଗୋମାଫିଆ ଜିଲ୍ଲାଦେଇ ପଡୋଶୀ ପଶ୍ଚିମବଙ୍ଗକୁ କରୁଛନ୍ତି ଗୋଚାଲାଣ। ଜିଲ୍ଲାର ସୀମାନ୍ତ ରାସ୍ତା ତନଖି ଫାଟକ ଉଠିଯିବା ପରଜ ଖୋଲାମେଲା ପଡ଼ିଛି। କିଛି ସୀମାନ୍ତବର୍ତ୍ତୀ ଥାନାର ପୁଲିସକୁ ହାତବାରସୀ କରି ଏହି ଗୋଚାଲାଣ ଦୀର୍ଘ ଦିନ ହେଲା ବୃଦ୍ଧି ପାଇଛି ବୋଲି ମଧ୍ୟ ଅଭିଯୋଗ ହେଉଛି। ତେବେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ମୟୂରଭଞ୍ଜ ପୁଲିସ ପକ୍ଷରୁ ନିୟମିତ ଭାବେ ରାତିରେ ନାକା ଚେକିଂ ଯଦିଓ ଏହି ଗୋଚାଲାଣକୁ ରୋକିବାକୁ ପ୍ରୟାସ କରିଛି ହେଲେ ବି ରୋକିବାରେ ନାଁ ନେଉନି। ଜିଲ୍ଲାରେ ରହିଥିବା କିଛି ସ୍ୱାର୍ଥନେସୀ ଗୋମାଫିଆ ଓ ରାଜ୍ୟ ବାହାରେ ରହିଥିବା ଗୋମାଫିଆଙ୍କ ବିରୋଧରେ କଠୋର ଆଇନ ପ୍ରଣୟନ ପାଇଁ ଦାବି ଉଠିଛି। ମୟୂରଭଞ୍ଜ ଜିଲ୍ଲା ପଶ୍ଚିମବଙ୍ଗ, ଝାଡଖଣ୍ଡ ଲାଗି ରହିଥିବା ଏକ ସୀମାନ୍ତ ଜିଲ୍ଲା ହୋଇଥିବା କାରଣରୁ ଗୋଚାଲାଣ ଘଟଣା ବର୍ଷତମାମ୍ ଦେଖିବାକୁ ମିଳିଥାଏ। ଜିଲ୍ଲାର ୩୨ଟି ଥାନା ମଧ୍ୟରୁ ୨୩ଟି ଥାନା ଅଞ୍ଚଳରେ ଏହା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ୨୦୨୫ ମସିହାର ପ୍ରଥମ ୮ ମାସରେ ବେଆଇନ ଗୋଚାଲାଣ ସମ୍ପର୍କିତ ୭୫ଟି ମାମଲା ରୁଜୁ ହୋଇଛି। ଏଥିରେ ୫୯ଟି ଗୋରୁ ଭର୍ତ୍ତି ଗାଡିକୁ ନାକା ଓ ସ୍ୱତନ୍ତ୍ର ଇଣ୍ଟେଲିଜେନ୍ସ ସହଯୋଗରେ ଜବତ କରାଯାଇଛି। ଏହି ଥାନା ଅଞ୍ଚଳରୁ ଏବେ ଯାଏ ୧୨୮୦ ଗୋ-ସମ୍ପଦଙ୍କୁ ଉଦ୍ଧାର କରାଯାଇଛି। ଆଉ ଏଥିରେ ସମ୍ପୃକ୍ତ ରହିଥିବା ୫୫ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୪୫ଜଣଙ୍କୁ ଥାନାରୁ ନୋଟିସ ଦିଆଯାଇ ଛଡାଯାଇଛି। ତେବେ ଆମ ରାଜ୍ୟରେ ଗୋଚାଲାଣ ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି। ବିଗତ ୫ବର୍ଷ ଭିତରେ ଏସଂକ୍ରାନ୍ତୀୟ ରୁଜୁ ମାମଲାରୁ ଏହା ସ୍ପଷ୍ଟ ହେଉଛି। ତେବେ ଯେତିକି ସଂଖ୍ୟାରେ ମାମଲା ରୁଜୁ ହେଉଛି ତାହାଠାରୁ ଢେର ଅଧିକ ପରିମାଣରେ ଗୋଚାଲାଣକାରୀ ସକ୍ରିୟଥିବା ଲକ୍ଷ୍ୟ କରାଯାଉଛି। ରାଜ୍ୟ ବାହାରକୁ ଗୋଚାଲାଣ ବେଆଇନ ହୋଇଥିବାରୁ ଏହା ଉପରେ ପୁଲିସ୍ ଓ ଗୋରକ୍ଷକମାନେ ସତର୍କ ଦୃଷ୍ଟି ରଖିଥାନ୍ତି। ବିଭିନ୍ନ ସମୟରେ ଲୁଚା ଚୋରାରେ ଗୋଚାଲାଣ ଧରାପଡ଼ିଥିବା ବେଳେ ଚାଲାଣକାରୀମାନେ ଗାଈଗୋରୁଙ୍କୁ ଅତି ଦୟନୀୟ ଅବସ୍ଥାରେ ଚାଲାଣ କରୁଥିବା ଦୃଶ୍ୟ ସାମ୍ନାକୁ ଆସିଥାଏ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଉଦ୍ଧାର ସମୟରେ ମୃତ୍ୟୁବରଣ ମଧ୍ୟ କରିଥାନ୍ତି। ଯାହା ଓଡ଼ିଶା ଗୋହତ୍ୟା ନିରାକରଣ ଅଧିନିୟମ ୧୯୬୦ ଅନୁଯାୟୀ ରଜ୍ୟରେ ଗୋହତ୍ୟା ଏକ ଦଣ୍ଡନୀୟ ଅପରାଧ ଅଟେ। ତେବେ ଓଡ଼ିଶାରେ ବେଆଇନ ଗୋରୁ ଚାଲାଣରେ ଏକ ଚିନ୍ତାଜନକ ସ୍ଥିତିରେ ରହିଛି। ରାଜ୍ୟ ଅପରାଧ ନିୟନ୍ତ୍ରଣ ବିଭାଗର ଏକ ରିପୋର୍ଟ ଅନୁଯାୟୀ, ବେଆଇନ ଗୋଚାଲାଣ ସଂଖ୍ୟା ଆଶାତିତ ଭାବେ ବୃଦ୍ଧି ଘଟିଛି। ଏକ୍ଷେତ୍ରରେ ଓଡ଼ିଶା ଏକ ପ୍ରମୁଖ ଟ୍ରାଞ୍ଜିଟ ହବ ଭାବେ ଉଭା ହେବାକୁ ଯାଉଛି। ମିଳିଥିବା ତଥ୍ୟାନୁଯାୟୀ, ୨୦୨୪ ମସିହାରେ ପୁଲିସ ୬୩୦ଟି ମାମଲା ପଞ୍ଜୀକୃତ କରିଥିଲା। ଯାହା ୨୦୨୦ ମସିହାରେ ମାତ୍ର ୨୬୭ ଥିଲା। ୨୦୨୧ ମସିହାରେ ୩୭୧, ୨୦୨୨ରେ ୩୮୬ ଏବଂ ୨୦୨୩ ରେ ୬୨୦ଟି ମାମଲା ରୁଜୁ ହୋଇଛି। ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଆନ୍ଧ୍ରପ୍ରଦେଶ ଭଳି ପଡ଼ୋଶୀ ରାଜ୍ୟମାନଙ୍କ ସହ ଓଡ଼ିଶାର ସମ୍ପୃକ୍ତ ସୀମା ଅପରାଧୀ ନେଟୱର୍କ ପାଇଁ ଏକ ପ୍ରମୁଖ ଟ୍ରାଞ୍ଜିଟ ପଏଣ୍ଟ ପାଲଟିଛି। ପ୍ରତିଦିନ ବେଆଇନ ପରିବହନ ପଦ୍ଧତିରେ ଭ୍ୟାନ୍, ଟ୍ରକ୍, କଣ୍ଟେନର, ଅଟୋ ଆଦିରେ ଅମାନୁଷିକ ଭାବେ ଲୋଡକରି ଗାଈ ଗୋରୁମାନଙ୍କୁ ପଡୋଶୀ ରାଜ୍ୟକୁ ଚାଲାଣ କରାଯାଇଥାଏ। ନାମକୁ ମାତ୍ର ଧରପକଡ ହେଉଥିବା ବେଳେ ମାଫିଆମାନେ

- ୮ ମାସରେ ୭୫ଟି ମାମଲା ରୁଜୁ, ୫୯ଟି ଗାଡ଼ି ଜବତ
- ୧୨୮୦ଗୋଟି ଗୋସମ୍ପଦ ଉଦ୍ଧାର, ୫୫ ଗିରଫ
- କଠୋର ଆଇନ ପ୍ରଣୟନ ପାଇଁ ଦାବି

ପ୍ରତିଦିନ ହଜାର ହଜାର ଗୋମାତାକୁ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଦେଇ ବାଙ୍ଗଲାଦେଶ ଚାଲାଣ କରିବାରେ ସକ୍ଷମ ହେଉଥିବା ଅଭିଯୋଗ ଆସିଛି। ରାଜ୍ୟ ସରକାର ଅବାଧ ଗୋଚାଲାଣ ଉପରେ କଡା ଆଇନ୍ ଆଣିବା ସହ ମାଫିଆ ଦମନ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ମୟୂରଭଞ୍ଜ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଚ୍ଛାୟତ କହିଛନ୍ତି ଯେ ସରକାର ଓ ପୁଲିସ ଦୃଢତାର ସହ ଗୋଚାଲାଣ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେଉଛି। ଆମେ ସବୁ ଥାନା ସହ ସୀମାନ୍ତ ଅଞ୍ଚଳରେ ନାକା ଚେକିଂ କରି ଏହାକୁ ରୋକିବା ସହ ଅପରାଧ ନିୟନ୍ତ୍ରଣ କରିବାକୁ ପ୍ରଚେଷ୍ଟା କରୁଛୁ। ଜିଲ୍ଲାରେ ଯେଉଁ ଗୋଚାଲାଣ ବୃଦ୍ଧି ନେଇ ପରିସଂଖ୍ୟାନ ଦେଖିବାକୁ ମିଳୁଛି ଆମେ ଆସନ୍ତା ଦିନରେ ଏହାକୁ ଶୂନ୍ୟ କରିବାକୁ ଆମେ ଥାନାଗୁଡିକୁ ନିର୍ଦ୍ଦେଶ ଦେଇଛୁ ବୋଲି କହିଛନ୍ତି।

## କଣ୍ଟାରେ ଗଡ଼ିଲେ, ନିଆଁରେ ଚାଲିଲେ ଶ୍ରଦ୍ଧାଳୁ



**ଶୁକ୍ଳି, ୫।୧୦(ସମିସ):** ମୟୂରଭଞ୍ଜ ଜିଲ୍ଲା ଶୁକ୍ଳି ବ୍ଲକ ଗାଲୁସାହି ପଞ୍ଚାୟତ ଖପରାସାହି ଗ୍ରାମର ଭଗବାନ ଘଣା ପ୍ରତ୍ୟେକ ବର୍ଷ ଖନ୍ଦାମଡା ପର୍ବ ପାଳନ କରି ଆସୁଛନ୍ତି। ଚଳିତ ବର୍ଷ ମଧ୍ୟ ଖନ୍ଦାମଡା ପର୍ବ ପାଳନ କରିଛନ୍ତି। ଗ୍ରାମାଞ୍ଚଳରେ ନିଆରା ଦୁର୍ଗା ପୂଜା ପରେ ପରେ ହିଁ ଆରମ୍ଭ ହୋଇଥାଏ ଏହି ପର୍ବ। ବର୍ଷକ ଭିତରେ ଯାହାର ଯେ କୌଣସି ଅସୁବିଧା ହେଲେ ଦେହୁରୀଙ୍କ ମଧ୍ୟମରେ ମା'ଙ୍କ ନିକଟରେ ନିଜର ଅସୁବିଧା କଥା କହିଥାନ୍ତି। ଦେହୁରୀ ମଧ୍ୟ ମା'ଙ୍କ ନିକଟରେ ଲୋକଙ୍କ ଗୁହାରି ତଥା ଅସୁବିଧା ନେଇ ପୂଜାପାଠ କରିଥାନ୍ତି। ସେଥିରେ ଲୋକ ସୁଫଳ ମଧ୍ୟ ପାଇ ଆସୁଛନ୍ତି। ସୁଫଳ ପାଇ ମା'ଙ୍କ ନିକଟରେ ମାନସିକ ଅର୍ପଣ କରନ୍ତି। କଣ୍ଟାରେ ଗଡ଼ି, ନିଆଁରେ ଚାଲି ମା'ଙ୍କୁ ଖୁସି କରନ୍ତି ଦେହୁରୀ। ଦେହୁରୀଙ୍କ କହିବା କଥା ହେଲା କଣ୍ଟାରେ ଚାଲିବା ଓ ନିଆଁରେ ଗଡ଼ିବା ମା'ଙ୍କ ପସନ୍ଦ। ଏଣୁ ଆମର କେବେ କିଛି ଅସୁବିଧା ହୁଏ ନାହିଁ। ମୋଟା ମୋଟି ଦେଖିବାକୁ ଗଲେ ଅନ୍ୟର ସୁଖ ପାଇଁ, ଅନ୍ୟର ଖୁସି ପାଇଁ ଦେହୁରୀ ନିଜେ କଷ୍ଟ ସହନ୍ତି। ଯାହାକି କଣ୍ଟାରେ ଗଡ଼ିଲେ ଦେହରେ କଣ୍ଟା ଫୋଡ଼ି ହେଉନି କିମ୍ବା ନିଆଁରେ ଚାଲିଲେ ପାଦ ଫଟକା ହେଉନାହିଁ। ଏହାକୁ ନେଇ ଦୁର୍ଗା ପୂଜାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଏବଂ ପଡ଼ିଶା ରାଜ୍ୟ ଝାଡ଼ଖଣ୍ଡରୁ ମଧ୍ୟ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଯାହାପାଇଁ ଗୋଟିଏ ଦିନ ମେଳା ବି ଲାଗିଥାଏ।

## ମୁଣ୍ଡାରି ୟୁଟ୍ୟୁବର, ପ୍ରଯୋଜକ ଓ କଳାକାରଙ୍କ ବୈଠକ



**ବାରିପଦା, ୫।୧୦(ସମିସ):** ସ୍ଥାନୀୟ ପାଲବଣି ନିକଟସ୍ଥ ଶ୍ରୀପଦଗଞ୍ଜସ୍ଥିତ ମାୟପାର ମୁଖ୍ୟ କାର୍ଯ୍ୟାଳୟ ଜଜ ବାଖୁଲଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମୁଣ୍ଡାରୀ ୟୁଟ୍ୟୁବର, ପ୍ରଡ୍ୟୁସର ଏବଂ ଆର୍ଟିଷ୍ଟ ଆସୋସିଏସନ(ମାୟପା)ର ସଭାପତି ରବୀନ୍ଦ୍ରନାଥ ସିଂ ଜାଲେୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଗଠନର ସମୀକ୍ଷା କରିବା ସହିତ ଆଗାମୀ ଦିନରେ କିଭଳି ଭାବେ ଉନ୍ନତ ଆଦିବାସୀ ମୁଣ୍ଡାରୀ ଚଳଚିତ୍ର, ନାଟକ ଓ ଆଲବମ୍ ମିଳିତ ଉଦ୍ୟମରେ ନିର୍ମାଣ କରାଯାଇପାରିବ ସେ ବିଷୟରେ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ସଭାରେ ମାୟପାର ଉପଦେଷ୍ଟା ଗୋବର୍ଦ୍ଧନ ସିଂ, ରସାନନ୍ଦ ସିଂ, ଇଂ ସୁନାରାମ ସିଂ ସିଲି, ଗଣ ମାଧ୍ୟମ ସମ୍ପାଦକ ବାଜି ସିଂ, ସଙ୍ଗୀତ ସମ୍ପାଦକ ଶଙ୍କର ସିଂ, ସହ କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ସିଂ, ପ୍ରଡ୍ୟୁସର ସୁନାରାମ ସିଂ, ପ୍ରଡ୍ୟୁସର ବୈଦ୍ୟନାଥ ସିଂ, ୟୁଟ୍ୟୁବର ଜାଗୁ ସିଂ, ମହେଶ୍ୱର ସିଂ ଓ ମୁନ୍ନା ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାଧାରଣ ସମ୍ପାଦକ ଲକ୍ଷ୍ମୀରାମ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିପଦାରେ ରାବଣ ପୋଡ଼ି କାର୍ଯ୍ୟକ୍ରମ; ବିପୁଳ ଜନ ସମାଗମ

**ବାରିପଦା, ୫।୧୦(ସମିସ):** ଲଗାଣ ବର୍ଷା ପାଇଁ ବିଜୟା ଦଶମୀ ଅବସରରେ ହେବାକୁ ଥିବା ରାବଣପୋଡି କାର୍ଯ୍ୟକ୍ରମ ଶେଷମୁହୂର୍ତ୍ତରେ ଘୁଞ୍ଚାଇ ଦିଆଯାଇଥିବା ବେଳେ ରବିବାର ଆୟୋଜିତ ହୋଇଯାଇଛି। ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧୁବନ ଷ୍ଟାଡିୟମରେ ରାବଣ ପୋଡି କମିଟି ସଦସ୍ୟ ମାନେ ବହୁ ଆଡମ୍ବରରେ



କାର୍ଯ୍ୟକ୍ରମ ସମ୍ପାଦିତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଏବଂ ସମ୍ମାନିତ ଅତିଥି ଭାବେ ବାରିପଦା ନଗରପାଳ ତଥା କମିଟିର ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଭଞ୍ଜସେନା ମୁଖ୍ୟ କଳିଙ୍ଗ କେଶରୀ ଜେନା, ସ୍ଥାନୀୟ ୱାର୍ଡ କାଉନସିଲର ପ୍ରଶାନ୍ତ ବେହେରା, ପିଣ୍ଟୁ ମାଇତି ଓ ଚିନ୍ମୟ ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ। ରାବଣ ପୋଡି ମହୋତ୍ସବ ସ୍ଥାନୀୟ ଅଞ୍ଚଳରେ ବହୁତ ପ୍ରସିଦ୍ଧ ଲାଭ କରିଥିବା ବେଳେ ପ୍ରାୟ ୫୦ ହଜାର ଲୋକଙ୍କ ସମାଗମ ହୋଇଥିଲା। ବିଭିନ୍ନ ପ୍ରାରର ଆତସବାଜି ପ୍ରଦର୍ଶନ ସମସ୍ତଙ୍କ ମନ ମୋହିଥିଲା। ପୋଡ଼ି କାର୍ଯ୍ୟକ୍ରମ ଶୃଙ୍ଖଳା ସହିତ ସମାପନ ପାଇଁ ଟାଉନ ଥାନା ଅଧିକାରୀଙ୍କ ନେତୃତ୍ୱରେ ପୁଲିସ ମୁତୟନ କରାଯାଇଥିଲା। କମିଟିର ସମସ୍ତ ସଦସ୍ୟ ବୃନ୍ଦ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକୁ ସୁଚାରୁ ରୂପେ ତୁଲାଇଥିଲେ।

### ମାରଣାସ୍ତ୍ର ଦେଖାଇ ଛିନ୍ତାଇ ଉଦ୍ୟମ

## ୩ ଅଭିଯୁକ୍ତଙ୍କ ସମେତ ସହଯୋଗୀଙ୍କ ନାମରେ ମାମଲା

**ବଡ଼ସାହି, ୫।୧୦(ସମିସ):** ବଡ଼ସାହି ଥାନା ଅଧୀନ କେନ୍ଦୁଡିହା ପଞ୍ଚାୟତ କୁଳିଅଣା (ବି) ଗ୍ରାମର ଶ୍ରୀଧର ପ୍ରଧାନ ସ୍ତ୍ରୀ ରିନା ପ୍ରଧାନଙ୍କୁ ବାଇକରେ ବସାଇ ବେତନଟୀ ପୂଜାମଣ୍ଡପ ବୁଲିବା ପାଇଁ ଘରୁ ଯାଇଥିଲେ। ସେମାନେ ଫେରୁଥିବା ସମୟରେ ଗାଁ ମୁଣ୍ଡରେ ଥିବା ସ୍କୁଲ ବଗିଚା ନିକଟରେ ୮ରୁ ୧୦ ଜଣ ଯୁବକ ମାରଣାସ୍ତ୍ର ସହିତ ତାଙ୍କ ବାଇକ୍‌କୁ ଅଟକାଇ ରୀନା ବେକରେ ପିନ୍ଧିଥିବା ମଙ୍ଗଳସୂତ୍ର ହାର ଦେବାକୁ ସେହି ଗ୍ରାମର ଦୁର୍ଗାଚରଣ କୁଅଁର ଭୁଜାଲି ରଖି ଧମକ ଦେଇଥିଲା। ତାସହିତ ତାର ଭାଇ ଶିବଶଙ୍କର କୁଅଁର ଓ ସହଯୋଗୀମାନେ ହାର ଦେବାକୁ ମନା କରିବାରୁ ତାଙ୍କୁ ଠେଲାପେଲା ଓ ମାଡମାରି ମଙ୍ଗଳସୂତ୍ରକୁ ଛିଡ଼ାଇ ନେଇଥିଲେ। ଶ୍ରୀଧର ବିରୋଧ କରିବାରୁ ଉଭୟଙ୍କୁ ଅନ୍ୟମାନେ ମିଶି ମାଡ଼ମାରି ୩ରୁ ୪ ବାଇକ ସହିତ ଡବ୍ଲୁ ବି ୧୯ କେ ୭୭୩୦ ନମ୍ବର ବିଶିଷ୍ଟ ଏକ ଭ୍ୟାନରେ ଖସି ପଳାଇଥିଲେ। ଖବର ପାଇ ନିକଟସ୍ଥ ଚକ୍ରଧରପୁର ଗ୍ରାମର କେତେଜଣ ଲୋକ ଉକ୍ତ ଗାଡ଼ିକୁ ଅଟକାଇ ସେଥିରେ ଥିବା ଲୋକଙ୍କୁ କୁଳିଅଣା ସ୍କୁଲ ପଡ଼ିଆକୁ ନେଇ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚିବା ପରେ ତାଙ୍କୁ ହସ୍ତାନ୍ତର କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଦୁର୍ଗାଚରଣ ଓ ଶିବଶଙ୍କର ଖସି ଯିବାରେ ସକ୍ଷମ ହୋଇଥିଲେ। ପୁଲିସକୁ ହସ୍ତାନ୍ତର କରାଯାଇଥିବା ସହଯୋଗୀଙ୍କୁ ନୋଟିସ ଦେଇ ଥାନାରୁ ଛାଡି ଦିଆଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତଙ୍କ ମଧ୍ୟରୁ କାହାରିକୁ ଅଦ୍ୟାବଧି ଗିରଫ କରାଯାଇନାହିଁ। ଶ୍ରୀଧରଙ୍କ ସ୍ତ୍ରୀ ରୀନା ଘଟଣା ପରେ ବିଳମ୍ବିତ ରାତିରେ ବଡ଼ସାହି ଥାନାରେ ଲିଖିତ ଏତଲା ଦେଇଥିଲେ। ଏଥିନେଇ ୩୪୮/୨୫ ନମ୍ବରରେ ଏକ କେସ ରୁଜୁ ହୋଇଛି। ପୁଲିସ ସାଇଣ୍ଟିଫିକ ଟିମ୍ ସହିତ ଗାଁରେ ପହଞ୍ଚି ତଦନ୍ତ କରିଥିବାର ଜଣାଯାଇଛି।

## ମୟୂରଭଞ୍ଜ କଳାକାର ସଂଘର ସାଂଗଠନିକ ବୈଠକ



**ବେତନଟୀ, ୫।୧୦(ସମିସ):** ମୟୂରଭଞ୍ଜ ଜିଲ୍ଲାର କୋଣ ଅନୁକୋଣରୁ ଦୁଇ ଶତାଧିକ କଳାକାର ଗଣ ସ୍ଥାନୀୟ ଦମୟନ୍ତୀ ମଣ୍ଡପରେ ଏକ ବନ୍ଧୁମିଳନ ସମାବେଶରେ ନିଜର ସଂଗଠନ ଓ ଦାବି ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିରେ ସଭାପତି ଡ. କୃପାସିନ୍ଧୁ ମହାନ୍ତ ଅଧ୍ୟକ୍ଷତା କରିଥିଲା ବେଳେ ସମ୍ପାଦକ ସଞ୍ଜୟ କୁମାର ମହାନ୍ତ ସମାବେଶର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାବିତ୍ ହରିଶ ଚନ୍ଦ୍ରନନ୍ଦ ଗୋସ୍ୱାମୀ, ଜିଲ୍ଲା ସମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ଓ ଆଇନଜୀବୀ ତଥା ସଂଗଠକ ସଚ୍ଚିଦାନନ୍ଦ ମହାନ୍ତି ମଞ୍ଚାସୀନ ଥାଇ ସଂଘ ଗଠନ ଓ ଦାବି ହାସଲ ନିମନ୍ତେ ନାନାଦି ଉଦାହରଣ ମାଧ୍ୟମରେ ଉଦବୋଧନ ଦେଇ ସଂଗଠନକୁ ମଜବୁତ୍ କରିବାର ପରାମର୍ଶ ଦେଇଥିଲେ। ସଭାପତି ଡ. ମହାନ୍ତ ତାଙ୍କ ବକ୍ତବ୍ୟରେ ସଂଘର ଆଗାମୀ ଦିନରେ କାର୍ଯ୍ୟକ୍ରମ ସହ ଦାବି ଉପରେ ଆଲୋକପାତ କରିଥିଲେ। ସଭ୍ୟମାନେ କିପରି ରାଜ୍ୟ ଓ କେନ୍ଦ୍ରସରକାରଙ୍କ କଳାକାର ଭତ୍ତା ପାଇପାରିବେ ସେ ସମ୍ପର୍କରେ ବିଶେଷ ଆଲୋଚନା ସହ ସଂଘର ସରକାରୀ ପଞ୍ଜୀକରଣ ଏବଂ କର୍ମକର୍ତ୍ତା ଚୟନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମଞ୍ଚାସୀନ ବିଭିନ୍ନ କଳାକାର ସଙ୍ଗଠନର ମୁଖ୍ୟ ସମେତ ନିମନ୍ତ୍ରିତ ଅତିଥି, ସାମ୍ବାଦିକ ଓ ବକ୍ତାଗଣଙ୍କୁ ମଞ୍ଚ ଉପରେ ସମ୍ମାନିତ କରାଯାଇଥିଲା। ମଞ୍ଚ ପରିଚାଳନା ବେଣୁଧର ମହାନ୍ତ କରିଥିବା ସହ କେଶବଚନ୍ଦ୍ର ମହାନ୍ତ ଓ ଶରତଚନ୍ଦ୍ର ମହାନ୍ତ ସହଯୋଗ କରିଥିଲେ। ସର୍ବଶ୍ରୀ ତାରାକାନ୍ତ ମହାନ୍ତ, ପିତାମ୍ବର ମହାନ୍ତ, ମହେଶ୍ୱର ମହାନ୍ତ ଆଦି ବକ୍ତବ୍ୟ ରଖିଥିଲେ ଓ ମନୋଜ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋପବନ୍ଧୁ ନଗର ପ୍ରେସ୍ କ୍ଲବ୍‌ର ବୈଠକ

**କୁଆମରା, ୫।୧୦(ସମିସ):** ଗୋପବନ୍ଧୁ ନଗର ପ୍ରେସ କ୍ଲବର ପ୍ରତିଷ୍ଠା ଦିବସ ଆସନ୍ତା ୯ ତାରିଖ ଗୁରୁବାର ପାଳନ ହେବ। ଏଥିନିମନ୍ତେ ପ୍ରେସ କ୍ଲବ ପକ୍ଷରୁ ଆଜି ପ୍ରସ୍ତୁତି ବୈଠକ କୁଆମରା ଠାରେ ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଦିବସରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଚତୁର୍ଥରୁ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ବୈଠକରେ ସ୍ଥିର ହୋଇଛି। ତତ୍‌ସହିତ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଉପସଭାପତି ଚିତ୍ତରଞ୍ଜନ ଦଳେଇ, ସମ୍ପାଦକ ଡ. କୁମାର ବାବୁଲି, ଶାନ୍ତନୁ କୁମାର ମହୁଆଳ, ଦୀପକ କୁମାର ଚୌଧୁରୀ, ରଞ୍ଜନ କୁମାର ମହୁଆଳ, ଜୟନ୍ତ କୁମାର ସ, ସୂର୍ଯ୍ୟକାନ୍ତୀ ପୂହାଣ, ଯୋଗେଶ୍ୱର ସାହୁ, ବିଶ୍ୱଜିତ ଦାଶ, ମାଣିକ ହେମ୍ବ୍ରମ, ସମ୍ବିତ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା



**ରାଇରଙ୍ଗପୁର, ୫।୧୦(ସମିସ):** ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ଭାବେ ଭୁବନ ବିହାରୀ ସାହୁଙ୍କୁ ଆଜି ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର କଲ୍ୟାଣୀମଣ୍ଡପଠାରେ ନଗର ସଭାପତି ଅଶୋକ ଅଗ୍ରୱାଲ୍ଲାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

## ବିଭିନ୍ନ ସ୍ଥାନରେ ରାବଣପୋଡ଼ି ଉତ୍ସବ



**କୁଆମରା, ୫।୧୦(ସମିସ):** ଗୋପବନ୍ଧୁନଗର ବ୍ଲକର ବିଭିନ୍ନ ସ୍ଥାନରେ ପାରମ୍ପରିକ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖୁଣ୍ଟା ସ୍ଥିତ ଟିକରପଡ଼ା ଠାରେ ୩୧ ବର୍ଷର ପୂଜା ସମ୍ପନ୍ନ ହୋଇଥିବା ବେଳେ ଆଜି ରାବଣପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଛି। କମିଟିର ସଭାପତି ରଞ୍ଜନ କୁମାର ମହୁଆଳ, ସମ୍ପାଦକ ସଞ୍ଜୀବ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ପଡ଼ିଆରେ ଅନୁଷ୍ଠିତ ରାବଣ ପ୍ରତିମୂର୍ତ୍ତିରେ ସତ୍ୟପ୍ରକାଶ ମହୁଆଳ ଅତିଥି ଭାବେ ଯୋଗଦେଇ ଅଗ୍ନି ସଂଯୋଗ କରିଥିଲେ। ସେହିପରି ଚତୁର୍ଶଳା ପୂଜା କମିଟି ପକ୍ଷରୁ ମିନି ଷ୍ଟାଡିୟମଠାରେ ରାବଣପୋଡ଼ି ଉତ୍ସବରେ ବହୁ ଲୋକଙ୍କ ସମାଗମ ହୋଇଥିଲା। ବରିଷ୍ଠ ନାଗରିକ ପୂର୍ଣ୍ଣଚନ୍ଦ୍ର ମହୁଆଳ ଅଗ୍ନି ସଂଯୋଗ କରିଥିଲେ। କମିଟିର ସଭାପତି ଦେବେନ୍ଦ୍ର ନାଥ ମହୁଆଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରଣଜିତ ମହାପାତ୍ର, ଉମେଶ ପ୍ରଧାନ, ରଣଜିତ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କୁଶଳଦା ପଞ୍ଚାୟତସ୍ଥିତ ଆମ୍ବଯୋଡା ହାଇସ୍କୁଲ ପଡ଼ିଆରେ ରାବଣପୋଡ଼ି ଉତ୍ସବରେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଗ୍ନି ସଂଯୋଗ କରିଥିଲେ। ପୂଜା କମିଟିର ସଭାପତି ବଂଶିଧର ସାହୁ, ସମ୍ପାଦକ ସ୍ୱପ୍ନେଶ୍ୱର ଲେଙ୍କା, ପ୍ରଶାନ୍ତ ବେହେରା, ସୁଶାନ୍ତ ଜେନା, ମହେଶ୍ୱର ସିଂ ପ୍ରମୁଖ ଯୋଗଦେଇଥିଲେ।

# ଜଗା ଦର୍ଶନରେ ଯାଇ ଫେରିଲାନି ପୁଅ

ବାରିପଦା, ୫।୧୦(ସମିସ)

ପରିବାରର ରୋଜଗାରିଆ ପୁଅ ଜଗବନ୍ଧୁ ଦାଶ (୫୫) ଘରୁ ପୁରୀ ଯାଇଥିଲେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ। ଫେରିବା ବେଳେ ଘର ପାଇଁ କିଛି ଆସବାବପତ୍ର କିଣିବା ପାଇଁ ସାଙ୍ଗରେ ନେଇଥିଲେ ଲକ୍ଷାଧିକ ଟଙ୍କା। ମାତ୍ର ପୁଅ ଆଉ ଫେରିଲାନି। ରାତି ୧୨ଟା ୨୦ରେ ସୁନୀଲ ମିଶ୍ର ନାମକ ଜଣେ ବ୍ୟକ୍ତି ନିଜକୁ ହସ୍ପିଟାଲର କର୍ମଚାରୀ ବୋଲି ପରିଚୟ ଦେଇ ବୃଦ୍ଧ ବାପା ଆନନ୍ଦ ଚନ୍ଦ୍ର ଦାଶଙ୍କୁ ଫୋନକରି କହିଲେ 'ଆପଣଙ୍କ ପୁଅ ଜଗବନ୍ଧୁ ଗୁରୁତର, ପୁରୀ ଜିଲ୍ଲା ହସ୍ପିଟାଲକୁ ଶୀଘ୍ର ପହଞ୍ଚନ୍ତୁ'। ସକାଳେ ବୃଦ୍ଧ ବାପ ପୁରୀ ହସ୍ପିଟାଲରେ ପୁଅକୁ ଖୋଜାଖୋଜି କରି ନପାଇବାରୁ ସିଡିଏମଓଙ୍କୁ ଦେଖା କରିଥିଲେ। ପୁଅ କେଉଁଠି ଅଛି ପଚାରିବା ସହିତ ଯେଉଁ ନମ୍ବରରୁ ଫୋନ ଆସିଥିଲା ଦେଖାଇବାରୁ, ଫୋନରେ ସିଡିଏମଓ କଥାହୋଇ ପୁରୀ କୁମ୍ଭାରପଡ଼ା ଥାନା ପଠାଇଥିଲେ। ଥାନା ତରଫରୁ ତୁମ ପୁଅକୁ କଟକ ଏସସିବି ମେଡିକାଲକୁ ରେଫର କରାଯାଇଛି ବୋଲି କହିଥିଲେ। ତୁରନ୍ତ କଟକ ପହଞ୍ଚି ଖୋଜାଖୋଜି କଲେ ମଧ୍ୟ ପୁଅକୁ ପାଇ ନଥିଲେ। ଶେଷରେ ସନ୍ଧ୍ୟା ବେଳକୁ କଟକ ହସ୍ପିଟାଲ ସୁପରିନଟେଣ୍ଡେଟଙ୍କୁ ସାକ୍ଷାତ କରି ବୁଝାବୁଝି କରିବାରୁ ପୁଅର ମୃତଦେହ ଅପରିଚିତ ଶବଗୃହରେ ଅଛି। ପୁଅର ଦେହ ଖରାପ ଶୁଣି ବାରିପଦାରୁ ଯାଇଥିବା ବୃଦ୍ଧ ବାପା ଏପରି କଥା ଶୁଣି ପାଦତଳୁ ମାଟି ଖସିଯାଇଥିଲା।



କୌଣସି ଉପାୟ ନପାଇ ଶବ ଗାଡିରେ ବାରିପଦାକୁ ମୃତଦେହ ଆଣି ଅନ୍ତିମ ସଂସ୍କାର କରିଦେଲେ। ହେଲେ ପୁଅ ପାଖରେ ଥିବା ଟଙ୍କା ବା ମୋବାଇଲ ପାଇଲେ ନାହିଁ। ମୃତଦେହରେ ବିଭିନ୍ନ ପ୍ରକାର କ୍ଷତ ଚିହ୍ନ ଦେଖିଥିଲେ। ସବୁକିଛି ପରେ ବି ସେ ନା ପୁଲିସ ନା ହସ୍ପିଟାଲ କର୍ତ୍ତୃପକ୍ଷ କାହା ପାଖରୁ ବି ପୁଅର ମୃତ୍ୟୁର କାରଣ ଜାଣିବାକୁ ପାଇ ନଥିଲେ। ଏଣୁ ତାଙ୍କ ମନରେ ଥିବା ସନ୍ଦେହ, ପୁଅର କ୍ରିୟାକର୍ମ ସରିବା ପରେ ପୁଣି ପୁରୀ ଯାଇ ପୁଅ ବାବଦରେ କିଛି ତଥ୍ୟ ଖୋଜିଥିଲେ। ପୁଅର କିଛି ଫଟୋଗ୍ରାଫ ପାଇବା ସହ ତାଙ୍କ ପୁଅକୁ ପୁଲିସ କଲର ଧରି ବସାଇଥିବା, ହାତରେ କିଛି କ୍ଷତଚିହ୍ନ, ମୃତଦେହକୁ ପୁଲିସ ଧରିଥିବାର ଫୋଟ ଇତ୍ୟାଦି।

**ବ୍ୟବଚ୍ଛେଦ ନକରି ପଠାଇ ଦେଲେ ଶବ**

**ହତ୍ୟା ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ବୃଦ୍ଧ ପିତା**

ମୃତ୍ୟୁ ରିପୋର୍ଟ ଅନୁଯାୟୀ ଜଗବନ୍ଧୁ ଅଗଷ୍ଟ ୫ତାରିଖରେ ପୁରୀ ହସ୍ପିଟାଲରେ ଆଡମିସନ ହୋଇଥିଲେ ଏବଂ ତହିଁ ପରଦିନ ପରଲୋକ ଘଟିଛି। ତେବେ ମୃତ୍ୟୁ ପରେ କୁମ୍ଭାରପଡ଼ା ପୁଲିସ ମୃତଦେହ କଟକ ପଠାଇ ଦେଇଥିଲା। ପୁରୀ ହସ୍ପିଟାଲରୁ ମୃତଦେହ ଆଣିବା ବେଳେ ପୁଲିସ ଶବ ବ୍ୟବଚ୍ଛେଦ କଲାନାହିଁ କାହିଁକି? ସେହିପରି କଟକରେ ମୃତଦେହ ପିତାଙ୍କୁ ଦେଲା ବେଳେ ମଧ୍ୟ ବ୍ୟବଚ୍ଛେଦ କରାଗଲାନାହିଁ କାହିଁକି? କେଉଁ ପରିସ୍ଥିତିରେ ମୃତ ଜଗବନ୍ଧୁଙ୍କୁ ପୁରୀ ହସ୍ପିଟାଲରେ କିଏ ଆଡ଼ମିସନ କରିଥିଲା ଏବଂ ମଧ୍ୟ ରାତିରେ ବୃଦ୍ଧ ପିତାଙ୍କୁ ୮୦୧୮୭୦୦୧୪୦ ନମ୍ବରରୁ ଫୋନ କରିଥିବା ସୁନୀଲ ମିଶ୍ର ନାମକ ବ୍ୟକ୍ତି ଜଣକ କିଏ? ପୁନଶ୍ଚ ପୁଅ ଗୁରୁତର ବୋଲି ଫୋନ କରାଯାଇଥିବା ବେଳେ କଟକ ଶବ ଗୃହକୁ ମୃତଦେହ ପହଞ୍ଚିବା ତଦନ୍ତ ସାପେକ୍ଷ। ସେହିପରି ଅପରିଚିତ ଶବଗୃହ ଡ୍ୟୁଟିରେ ଥିବା ସିକ୍ୟୁରିଟି ସୁପରିନଟେଣ୍ଡେଟଙ୍କ ଆଗରେ କହିବା ମୁତାବକ ରାତି ୨ଟା ୨୦ମିନିଟରେ କୁମ୍ଭାରପଡ଼ା ପୁଲିସ ଶବ ଆଣି କଟକ ଶବ ଗୃହରେ ପହଞ୍ଚାଇଥିଲା। ଯଦି ଘରଲୋକଙ୍କୁ ଖବର ଦିଆଯାଇଥିଲା ତେବେ ୬ତାରିଖ ସକାଳ ପର୍ଯ୍ୟନ୍ତ ଅପେକ୍ଷା କରାଗଲା ନାହିଁ କାହିଁକି? ଶବକୁ କଟକ ପଠାଇବା ଆଗରୁ ପୁଣି ଥରେ ଘର ଲୋକଙ୍କୁ ଯୋଗାଯୋଗ କରାଗଲା ନାହିଁ କାହିଁକି? ଏଭଳି ଅନେକ ପ୍ରଶ୍ନବାଚୀ ଏବେ ବୃଦ୍ଧ ପିତାମାତାଙ୍କୁ ଅଧିକ ଚିନ୍ତାଗ୍ରସ୍ତ କରିପକାଇଛି। ତେବେ ଏବେ ବି ନ୍ୟାୟ ପାଇବାର ଆଶା ଛାଡି ନାହାନ୍ତି ବୃଦ୍ଧ ପିତା ମାତା। ପୁରୀ ଓ ମୟୂରଭଞ୍ଜ ଏସ୍‌ପି, କଲେକ୍ଟରଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନ୍ୟାୟ ଭିକ୍ଷା କରିଛନ୍ତି ବୃଦ୍ଧ ବାପା। କ୍ଷୋଭର ସହ ତାଙ୍କ ପୁଅକୁ ହତ୍ୟା କରି ପ୍ରମାଣ ନଷ୍ଟ ପାଇଁ ସୁଚିନ୍ତିତ ଯୋଜନା ବୋଲି ସେ ଅଭିଯୋଗ ପୂର୍ବକ ନ୍ୟାୟ ଚାହିଁଛନ୍ତି। ଏଣୁ ସରକାର ତୁରନ୍ତ ନ୍ୟାୟ ଯୋଗାଇ ନଦେଲେ ଦରକାର ପଡ଼ିଲେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ଅନଶନରେ ବସିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ବୃଦ୍ଧ ବାପା ଆନନ୍ଦ।

ସକାଳ
THE SAKALA

# ସମ୍ପାଦକୀୟ



ତୁମେ ଯଦି ଭିଡ଼ରୁ ଭିନ୍ନ ହୋଇ ଠିଆ ହେବାକୁ ଚାହୁଁଛ, ତେବେ ପଥର ମାଡ଼ର ସାମ୍ନା କରିବାକୁ ମଧ୍ୟ ପ୍ରସ୍ତୁତ ରହିବା ଉଚିତ।
-ଭର୍ଗିଜ୍ କୁରିଏନ୍

## ଭାଗ୍ୟ ଭରସାରେ ରୋଗୀ

କାଶ ଔଷଧ ଖାଇ ମଧ୍ୟପ୍ରଦେଶରେ ୯ ଜଣ ଏବଂ ରାଜସ୍ଥାନରେ ୨ ଜଣ ଶିଶୁଙ୍କ ମୃତ୍ୟୁ ହେବା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ତନାଘନା ହୋଇଛି। କୋଲ୍ଡ୍ରିଫ୍ ନାମକ ଉକ୍ତ କାଶ ଔଷଧରେ ଡାଏଥିଲିନ୍ ଗ୍ଲାଇକଲ୍ ଓ ଇଥିଲିନ୍ ଗ୍ଲାଇକଲ୍ ଭଳି ବୃକ୍କକୁ କ୍ଷତି କରୁଥିବା ହାନିକାରକ ରାସାୟନିକ ପଦାର୍ଥ ଥିବା ଦୁଇ ପୃଥକ୍ ନମୁନା ପରୀକ୍ଷଣରୁ ଜଣାପଡ଼ିଛି। କୋଲ୍ଡ୍ରିଫ୍ ଔଷଧ ସୁପାରିସ କରିଥିବା ମଧ୍ୟପ୍ରଦେଶର ସମ୍ପୃକ୍ତ ଡାକ୍ତରଙ୍କୁ ଭାରତୀୟ ନ୍ୟାୟ ସଂହିତା ଦଫା ୧୦୫ ଓ ୨୭୬ ଏବଂ ଡ୍ରଗ୍ସ ଆଣ୍ଡ କସ୍ମେଟିକ୍ସ ଆକ୍ଟ ୧୯୪୦ ଆଧାରରେ ଗିରଫ କରାଯିବା ସହିତ ଔଷଧ ପ୍ରସ୍ତୁତ କମ୍ପାନୀ ତାମିଲନାଡୁର ସ୍ରେସାନ୍ ଫାର୍ମାସ୍ୟୁଟିକାଲ୍ ବିରୋଧରେ ମାମଲା ରୁଜୁ କରାଯାଇଛି। ବଜାରରୁ ସେହି ଔଷଧ ପ୍ରତ୍ୟାହାର କରି ନିଆଯାଇଛି। ଏହି ଘଟଣା ପରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି। ଏଥିରେ କୁହାଯାଇଛି ଯେ ୫ ବର୍ଷରୁ କମ୍ ବୟସର ଶିଶୁଙ୍କୁ ଥଣ୍ଡା ଓ କାଶ ପାଇଁ କୌଣସି ଔଷଧ ଦେବା ଜରୁରୀ ନୁହେଁ। କିଛିଦିନ ଜଗି ରଖି ଚଳିଲେ ତାହା ଆପେ ଆପେ ଭଲ ହୋଇଯାଏ।

ଏହି ପୃଷ୍ଠଭୂମିରେ ପ୍ରଥମ ପ୍ରଶ୍ନ ଉଠୁଛି ଯେ ଉପରୋକ୍ତ ମାର୍ଗଦର୍ଶିକା ବିଷୟରେ ୧୧ ଜଣ ଶିଶୁଙ୍କ ପ୍ରାଣହାନି ପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଚେତିଲା କି? ଦ୍ୱିତୀୟ ପ୍ରଶ୍ନ, ଡାକ୍ତରୀ ପାଠ୍ୟକ୍ରମର ଫାର୍ମାକୋଲଜି ବିଷୟରେ ଏ ସମ୍ପର୍କରେ ସ୍ପଷ୍ଟ ଉଲ୍ଲେଖ ରହିଛି କି? ଯଦି ଉଲ୍ଲେଖ ରହିଛି ତେବେ ଡାକ୍ତରମାନେ କାଶ ଔଷଧ ପାଇଁ ସୁପାରିସ କରିଆସୁଛନ୍ତି କିପରି? ଯଦି ନାହିଁ ତେବେ ପାଠ୍ୟକ୍ରମରେ ସଂଶୋଧନ ଆବଶ୍ୟକ ନା ପରିସ୍ଥିତିର ଗମ୍ଭୀରତାକୁ ଦେଖି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏଭଳି ମାର୍ଗଦର୍ଶିକାଟିଏ ଜାରି କରିଦେଲେ? ଜଣେ ସାଧାରଣ ଲୋକର ଏଥିରୁ ସ୍ୱତଃ ଧାରଣାଟିଏ ସୃଷ୍ଟି ହେଉଛି ଯେ ଜନଉତ୍ତେଜନାକୁ ପ୍ରଶମିତ କରିବା ପାଇଁ ସରକାରୀ କର୍ତ୍ତୃପକ୍ଷଙ୍କ ଏହା କେବଳ ଏକ କୌଶଳ। କାରଣ ଏଭଳି ଘଟଣା ନୂଆ ନୁହେଁ। ଗତ ବର୍ଷ ମଧ୍ୟ ଭାରତରେ ତିଆରି ଏକ କାଶ ଔଷଧ ଖାଇ ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆରେ ୬୬ ପିଲାଙ୍କର ମୃତ୍ୟୁ ଘଟଣା ପରେ ଉକ୍ତ ଔଷଧର ବ୍ୟବହାର ଓ ବିକ୍ରିବଟା ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଥିଲା। ଔଷଧ ବିଷାକ୍ତ କି ନୁହେଁ କିମ୍ବା ତାହାର ଗୁଣାତ୍ମକ ମାନ ଠିକ୍ ଥିଲା କି ନାହିଁ ଜାଣିବା ପାଇଁ ଭାରତୀୟ ଭେଷଜ ନିୟନ୍ତ୍ରଣ କର୍ତ୍ତୃପକ୍ଷ ପଦକ୍ଷେପ ନେଇଥିଲେ। ଫଳାଫଳ ରିପୋର୍ଟ ସାର୍ବଜନିନ ହେଲା ନାହିଁ। ହୁଏତ ଏହା ପଛରେ କିଛି ମଧୁଚନ୍ଦ୍ରିକା ଥାଇପାରେ। ବାସ୍ତବତା ହେଉଛି ଆମ ଦେଶର ଔଷଧ ବଜାରର ହାରାହାରି କାରବାର ବାର୍ଷିକ ପ୍ରାୟ ୫୦୦୦ କୋଟି ଡଲାର। ଭାରତରେ ୩୦୦୦ ରୁ ଅଧିକ ଔଷଧ କମ୍ପାନୀ ଓ ୧୦ ହଜାରରୁ ଊର୍ଦ୍ଧ୍ୱ ଔଷଧ ନିର୍ମାଣକାରୀ ୟୁନିଟ୍ ରହିଛି। ତେଣୁ ଏହାର ସୁଯୋଗ ନେଇ ଅସାମାଜିକ ତତ୍ତ୍ୱମାନେ ନକଲି ଔଷଧ କିମ୍ବା ନିମ୍ନମାନର ଔଷଧ ରାକେଟ୍ ଚଳାଇ ଆସୁଛନ୍ତି। ଆଇନକାନୁନର ଗଳାବାଟ ଦେଇ ସେମାନେ ଖସି ଯାଉଛନ୍ତି। ସେମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ ନ କରି ଡାକ୍ତରଙ୍କୁ ଗିରଫ କରିଦେଲେ ସମସ୍ୟାର ସମାଧାନ ହୋଇଯିବ ନାହିଁ।

ବ୍ୟାଧିର ଦୂରୀକରଣ ଓ ନିରାକରଣରେ ଔଷଧ ଅପରିହାର୍ଯ୍ୟ। ତେଣୁ ଔଷଧର ଗୁଣ ଓ ମାନ ସହିତ କୌଣସି ସାଲିସ୍ କରାଯାଇ ନ ପାରେ କିମ୍ବା ରୋଗୀର ଜୀବନକୁ ବାଜି ଲଗା ଯାଇ ନ ପାରେ। କିନ୍ତୁ ବିଡ଼ମ୍ବନା ହେଉଛି ବିଶ୍ୱର ସର୍ବବୃହତ୍ ଜନବହୁଳ ରାଷ୍ଟ୍ରରେ ରୋଗୀମାନେ କେତେବେଳେ ନକଲି ଓ ଅନଭିଜ୍ଞ ଡାକ୍ତର ତ କେଉଁଠି ଭେଜାଲ୍ ଔଷଧ କବଳରେ ଭାଗ୍ୟ ଓ ଭଗବାନଙ୍କ ସାହାରାରେ ଜିଉଁଛନ୍ତି।

## ତୋତେ ହିଁ ତୁହି ରକ୍ଷା କର

ସମ୍ପ୍ରତି ଇଣ୍ଟରନେଟ୍ ଓ ମୋବାଇଲ୍ ଫୋନ୍ ଉପରେ ମଣିଷର ନିର୍ଭରଶୀଳତା ଯେତିକି ବଢ଼ି ଚାଲିଛି ସାଇବର ଅପରାଧ ମଧ୍ୟ ସେତେମାତ୍ରାରେ କାୟା ବିସ୍ତାର କରିଚାଲିଛି। ମଣିଷ ଯେତେ ସହଜ ସୁବିଧା ଓ ସୁଖ ଲୋଡ଼ୁଛି ସେତିକି ଅପରାଧୀଙ୍କ ମାୟାଜାଲ ଭିତରକୁ ପଶିଯାଉଛି। ବିଡ଼ମ୍ବନା ହେଲା ଶିକ୍ଷିତ ଓ ଆଧୁନିକ ପିଢ଼ି ମଧ୍ୟ ସାଇବର ଅପରାଧୀଙ୍କ ମାୟାଜାଲରେ ଫସି ଯାଉଛନ୍ତି। ଏଥିପାଇଁ ଅସଚେତନତାକୁ ଅଧିକ ଦାୟୀ କରାଯାଇପାରେ। ଲୋକଙ୍କୁ ସାଇବର ଅପରାଧୀଙ୍କଠାରୁ ସୁରକ୍ଷା ଦେବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କଠାରୁ ଆରମ୍ଭ କରି ବିଭିନ୍ନ କେନ୍ଦ୍ରୀୟ ସରକାରୀ ସଂସ୍ଥା, ରାଜ୍ୟ ପୁଲିସ୍ ପ୍ରଶାସନ ଓ ଏନ୍‌ଜିଓମାନେ ମଧ୍ୟ ନିୟମିତ ସଚେତନତା କାର୍ଯ୍ୟକ୍ରମ କରି ଆସୁଛନ୍ତି। ତଥାପି ଲୋକମାନେ ସଚେତନ ନ ହୋଇପାରିବା ଦୁର୍ଭାଗ୍ୟର ବିଷୟ। ଅଧିକନ୍ତୁ ଲୋକଙ୍କର ଏହି ଅସଚେତନତା ଓ ଖାମ୍‌ଖିଆଲି ମନୋଭାବ ହିଁ ସାଇବର ଅପରାଧୀଙ୍କୁ ଅଧିକ ସବଳ କରୁଛି।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ପ୍ରକାଶିତ ସଦ୍ୟତମ ରିପୋର୍ଟରେ କର୍ଣ୍ଣାଟକକୁ ସାଇବର ଅପରାଧର ରାଜଧାନୀ ଭାବେ ଦର୍ଶାଯାଇଥିବା ବେଳେ ଓଡ଼ିଶା ୧୦ମ ସ୍ଥାନରେ ରହିଛି। ଜାତୀୟସ୍ତରରେ ସାଇବର ଅପରାଧ ୨୦୨୨ରୁ ୨୦୨୩ ମଧ୍ୟରେ ୩୧.୨% ବଢ଼ି ୮୬, ୪୨୦ଟି ମାମଲା ଦାଏର ହୋଇଛି। ଓଡ଼ିଶାରେ ୨୦୧୦ରୁ ୨୦୨୩ ମଧ୍ୟରେ ସାଇବର ଅପରାଧ ହାର ୩୫ ଗୁଣା ବୃଦ୍ଧି ପାଇଛି। କର୍ଣ୍ଣାଟକ ସିଆଇଡିର କହିବା ଅନୁଯାୟୀ ସାଇବର ଅପରାଧରେ ଅପରାଧୀକୁ ଠାବ କରିବା କାଠିକର ପାଠ। ଏବେ ସାଇବର ଅପରାଧର ଅନେକ କୌଶଳ ଉଦ୍‌ଭାବନ ହେଲାଣି। ଏପରିକି ବିଦେଶର କୌଣସି ଏଟିଏମ୍‌ରେ ଭାରତର ବ୍ୟାଙ୍କ ଆକାଉଣ୍ଟଧାରୀଙ୍କ ଖାତାରୁ ଟଙ୍କା ଉଠାଣ ହେଉଥିବା ଜଣାପଡ଼ୁଛି, ଯାହାକୁ ଧରିବା ବହୁ ଖର୍ଚ୍ଚବହୁଳ ଓ ସମୟସାପେକ୍ଷ। ସେହିପରି ଲାପ୍‌ଟପ୍ କିମ୍ବା ମୋବାଇଲ୍ ଫୋନ୍ ଜରିଆରେ ମଧ୍ୟ ସାଇବର ଅପରାଧ ସଂଗଠିତ ହୋଇପାରୁଛି। ଅପରାଧ ଭିଆଇ ଅପରାଧୀ କିଛି ମିନିଟ ମଧ୍ୟରେ ସେ ସ୍ଥାନ ଛାଡ଼ି ଚାଲି ଯାଉଛି। ଏପରିକି ସିମ୍ କାର୍ଡ ସମେତ ମୋବାଇଲ୍ ଫୋନ୍ କିମ୍ବା ଲାପ୍‌ଟପ୍‌କୁ ସେହି ସ୍ଥାନରେ ହିଁ ନଷ୍ଟ କରିଦିଆଯାଉଛି। ସେଭଳି କ୍ଷେତ୍ରରେ ଲୋକେସନ୍ ଟ୍ରାକିଂ ବା ଅପରାଧୀକୁ ଠାବ କରିବା କଷ୍ଟକର ହୋଇପଡ଼ୁଛି। ଏବେ କ୍ରିପ୍ଟୋକରେନ୍ସି ଜରିଆରେ ସାଇବର ଅପରାଧର ମାତ୍ରା ବଢ଼ି ଚାଲିଥିବାରୁ ତଦନ୍ତ ପାଇଁ ଆହୁରି ଏକ ଆହ୍ୱାନ ସୃଷ୍ଟି ହୋଇଛି।

ଇଣ୍ଟରନେଟ୍ ଓ କମ୍ପ୍ୟୁଟରର ବହୁଳ ବ୍ୟବହାର, ବିଶେଷକରି କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଇଣ୍ଟରନେଟ୍ ବ୍ୟବହାରକାରୀ ନିଜ ସୁରକ୍ଷା ପାଇଁ ନିଜେ ସଜାଗ ନ ହେଲେ ରକ୍ଷା ନାହିଁ। ଆମର ବ୍ୟକ୍ତିଗତ ଗୋପନୀୟ ସୂଚନା, ବିଭିନ୍ନ ପ୍ରମାଣପତ୍ର, ଏପରିକି ଆଚରଣ ଓ ଉଚ୍ଚାରଣ ସାମାଜିକ ଗଣମାଧ୍ୟମ ଜରିଆରେ ଅପରାଧୀମାନେ ସଂଗ୍ରହ ଓ ବିକ୍ରି କରି କୋଟି କୋଟି ଟଙ୍କାର କାରବାର କରୁଛନ୍ତି। ତେଣୁ 'ତୋତେ ହିଁ ତୁହି ରକ୍ଷା କର' ଆମ ସମସ୍ତଙ୍କ ପାଇଁ ଆପ୍ତ ବାଣୀ।

## ସହରବାସୀଙ୍କ ହରିତ୍ ସ୍ଥଳ

ବିଦ୍ୟାଧର ମହାରଣା

ଗ୍ରାମାଞ୍ଚଳ ପରିବେଶରେ ମୁକ୍ତବାୟୁ, ସବୁଜକ୍ଷେତ୍ର, ବୃକ୍ଷଲତା, ଶୀତଳ ଛାୟା, ନଦୀଜଳ ଇତ୍ୟାଦି ସ୍ୱାସ୍ଥ୍ୟକର ଜୀବନଯାପନ ପାଇଁ ଅନୁକୂଳ। କିନ୍ତୁ ସହରୀ ପରିବେଶରେ ଏପ୍ରକାର ସୁବିଧା କ୍ୱଚିତ ମିଳିଥାଏ। ପ୍ରଦୂଷିତ ବାୟୁ, ଶବ୍ଦ ପ୍ରଦୂଷଣ, ଅଧିକ ଉତ୍ତାପ, ଜଳାଭାବ, ନାଳନର୍ଦ୍ଦମା, କଂକ୍ରିଟ୍ ଜଙ୍ଗଲ, ଅଧିକ ବର୍ଷାଜନିତ ବନ୍ୟା ଇତ୍ୟାଦି ସହରୀ ଜୀବନକୁ ପ୍ରଭାବିତ କରେ। ଏପରି ପରିବେଶୀୟ, ସ୍ୱାସ୍ଥ୍ୟଗତ ଓ ସାମାଜିକ ସମସ୍ୟାର ସମାଧାନ ପାଇଁ ଅଧିକ ସଂଖ୍ୟାରେ ବୃକ୍ଷଲତା ଓ ହରିତ୍ କ୍ଷେତ୍ରର ଆବଶ୍ୟକତା ସର୍ବତ୍ର ଉପଲବ୍ଧି କରାଯାଏ।

ଭାରତରେ ୪୮୦୦ ନଗରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଛି। ଓଡ଼ିଶାରେ ପାଞ୍ଚଟି ମହାନଗର ନିଗମ, ୬୧ ନଗରପାଳିକା ଓ ୧୨୨ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟକରୁଛି। ଏହି ସହରାଞ୍ଚଳଗୁଡ଼ିକ ପାଇଁ ବହୁ ଅର୍ଥବ୍ୟୟ କରାଯାଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଏ। ଯୋଜନା ପ୍ରସ୍ତୁତ ସମୟରେ ସହରାଞ୍ଚଳରେ ବନୀକରଣ ଓ ସବୁଜସ୍ଥଳୀ ହିସାବରେ ପୁଷ୍ପ ବାଟିକା, ଗୋଷ୍ଠୀ ଉଦ୍ୟାନ, ସବୁଜ ଛାତ ଓ ପ୍ରାକୃତିକ ଉଦ୍ୟାନ ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ। ଏହାଦ୍ୱାରା ସହରରେ ବସବାସ କରୁଥିବା ଲୋକମାନଙ୍କ ବହୁ ସମସ୍ୟା ସମାଧାନ ହୋଇପାରିବ।

ସାଧାରଣତଃ ସହରାଞ୍ଚଳରେ ଚତୁଃପାର୍ଶ୍ୱରେ ଥିବା ଗ୍ରାମାଞ୍ଚଳ ଅପେକ୍ଷା ଅଧିକ ଉତ୍ତାପ ଅନୁଭୂତ ହୁଏ। ଅଧିକ ସଂଖ୍ୟକ ପକ୍କା ଗୃହ ନିର୍ମାଣ, ପିଚୁ ରାସ୍ତା, ଅଧିକ ଗାଡ଼ିମୋଟର ଚଳାଚଳ, ବହୁସଂଖ୍ୟକ ରେଫ୍ରିଜେରେଟର, ବାତାନୁକୂଳନ ଯନ୍ତ୍ର ବ୍ୟବହାର ଯୋଗୁଁ ଏବଂ ଆବଶ୍ୟକ ବୃକ୍ଷଲତା ଅଭାବରୁ ସହରାଞ୍ଚଳ ଏକ ଉତ୍ତପ୍ତ ଦ୍ୱୀପ ହୋଇଯାଏ, ଯାହାକୁ 'ଅର୍ବାନ୍ ହିଟ୍ ଆଇଲଣ୍ଡ' କୁହାଯାଏ। ସହରରେ ରାସ୍ତାଘାଟ, କଂକ୍ରିଟ୍ ଅଟ୍ଟାଳିକା ଇତ୍ୟାଦିଗୁଡ଼ିକର ତାପ ପ୍ରତିଫଳନ କ୍ଷମତା ବହୁତ କମ୍। ଏଗୁଡ଼ିକ ଅଧିକ ଉତ୍ତାପ ଶୋଷଣ କରିବା ଏବଂ ଗାଡ଼ିମୋଟର ଓ କଳ କାରଖାନାଗୁଡ଼ିକରୁ ଅଧିକ ସବୁଜ ଗୃହ ବାଷ୍ପ ନିର୍ଗମନ ଯୋଗୁଁ ଏହି ସମସ୍ୟା ଅଧିକ ହୁଏ। ଏହାର ସମାଧାନ ପାଇଁ ଅଧିକସଂଖ୍ୟକ ବୃକ୍ଷଲତା ରୋପଣ କରିବା ସହିତ ସବୁଜ ବଳୟ ସୃଷ୍ଟି କରିବା ଆବଶ୍ୟକ। ବୃକ୍ଷଲତାଗୁଡ଼ିକ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଓ ଅନ୍ୟ ପ୍ରଦୂଷିତ ବାଷ୍ପ ଶୋଷି ଅମ୍ଳଜାନ ତ୍ୟାଗ କରିବା ସହିତ ଏକ ଶୀତଳ ପରିବେଶ ସୃଷ୍ଟି କରନ୍ତି। ବୃକ୍ଷଲତା ଅଧିକ ଥିଲେ ବର୍ଷାଜଳ ମୃତ୍ତିକା ମଧ୍ୟରେ ସଞ୍ଚିତ ହୋଇ ରହିବା ଫଳରେ ବନ୍ୟାସମସ୍ୟା ଦେଖାଯିବ ନାହିଁ। ବୃକ୍ଷଲତା ଅଧିକ ଥିଲେ ବିଭିନ୍ନ ପ୍ରଜାତିର ଗଛ, ପ୍ରାଣୀ ଓ ଅନ୍ୟାନ୍ୟ ଜୀବ ଏକାଠି ରହି ଜୈବବିବିଧତା ସୁରକ୍ଷିତ ରଖନ୍ତି। ସହରାଞ୍ଚଳ ପାଇଁ ସବୁଜସ୍ଥଳ ଦ୍ୱାରା ଅନୁକୂଳ ପରିବେଶ, ସହରୀ ଉତ୍ତପ୍ତ ଦ୍ୱୀପ ପ୍ରଭାବ ହ୍ରାସ, ଶବ୍ଦ ପ୍ରଦୂଷଣ ହ୍ରାସ ଓ ବର୍ଷାଜଳ ନିୟନ୍ତ୍ରଣ ହୋଇଥାଏ। ସହରନିବାସୀମାନଙ୍କର ସ୍ୱାସ୍ଥ୍ୟ ବିକାଶ ଓ ମାନସିକ ଶାନ୍ତି ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। ଏପରି ଉପକାରଗୁଡ଼ିକୁ ଆମେ ପରିବେଶ ଜନିତ, ସ୍ୱାସ୍ଥ୍ୟ ଓ ମାନବ କଲ୍ୟାଣ, ପରିବେଶ ସୁରକ୍ଷା ଓ ସାମାଜିକ-ଅର୍ଥନୈତିକ ଜନିତ ଉପକାର ହିସାବରେ ବିଚାର କରିପାରିବା।

ପର୍ଯ୍ୟାବରଣ ସ୍ଥିରତା: ସହରାଞ୍ଚଳରେ ବୃକ୍ଷଲତା ଓ ସବୁଜସ୍ଥଳୀଗୁଡ଼ିକ ଛାୟାପ୍ରଦାନ କରିବା ସହିତ ବାୟୁମଣ୍ଡଳକୁ କ୍ରମାଗତ ଜଳୀୟଅଂଶ ଓ ଅମ୍ଳଜାନ ତ୍ୟାଗ କରିବା ଫଳରେ ଚାରିପାଖରେ ଏକ ଶୀତଳ ପରିବେଶ ସୃଷ୍ଟି ହୁଏ। ଏହାଦ୍ୱାରା ଅଧିକ ଉତ୍ତାପରୁ ରକ୍ଷା ମିଳେ ଏବଂ ଆରାମଦାୟକ ପରିବେଶ ମିଳେ। ବାୟୁମଣ୍ଡଳରୁ ବୃକ୍ଷଲତା ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ବିଷାକ୍ତ ବାଷ୍ପ ଶୋଷଣ କରି ବାୟୁମଣ୍ଡଳକୁ ପରିଷ୍କାର ରଖନ୍ତି ଏବଂ ଅଧିକ ମାତ୍ରାରେ ଅମ୍ଳଜାନ ଯୋଗାଇଥା'ନ୍ତି। ସହରାଞ୍ଚଳଗୁଡ଼ିକରେ ବର୍ଷାଜଳ ଡ୍ରେନ୍ ଦେଇ ଓ ରାସ୍ତା ଉପରେ ବହିଯାଇ ବନ୍ୟା ପରିସ୍ଥିତି ସୃଷ୍ଟି କରନ୍ତି। କିନ୍ତୁ ବୃକ୍ଷଲତା ବର୍ଷାଜଳକୁ ମାଟି ମଧ୍ୟରେ ସଞ୍ଚିତ କରି ଏହି ସମସ୍ୟାର ସମାଧାନ କରନ୍ତି। ସହରାଞ୍ଚଳରେ କ୍ରମାଗତ ପରିବହନ ଯାନ ଚଳାଚଳ କହିବା ଫଳରେ ଶବ୍ଦ ପ୍ରଦୂଷଣ ହୁଏ। ବୃକ୍ଷଲତା ଏପରି ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ଯୋଗୁଁ ସମସ୍ତେ ସୁଖନିଦ୍ରା ଅନୁଭବ କରନ୍ତି।

ସ୍ୱାସ୍ଥ୍ୟ ଓ ଜନମଙ୍ଗଳ: ସହରୀ ଜୀବନ ଅଧିକ ବ୍ୟସ୍ତ ବହୁଳ। ଏଥିରେ ମାନସିକ ଦୁଶ୍ଚିନ୍ତା ବେଶୀ ଦେଖାଯାଏ। କିନ୍ତୁ ବୃକ୍ଷଲତା ପରିପୂର୍ଣ୍ଣ ସ୍ଥାନ ଓ ପାର୍କଗୁଡ଼ିକରେ କିଛି ସମୟ ବିତାଇଲେ ମାନସିକ ଶାନ୍ତି ମିଳେ। ଏହା ମଧ୍ୟରେ ଚାଲିଲେ, ଦୌଡ଼ିଲେ, ଖେଳିଲେ ଓ ବ୍ୟାୟମ କଲେ ଉଭୟ ଶାରୀରିକ ଓ ମାନସିକ ଶାନ୍ତି ମିଳେ। ମନରେ ଯେତେ ଦୁଃଖ ଥାଉ ପଛକେ ସବୁଜ ଘାସ ବଗିଚା, ଫୁଲ ବଗିଚା ଓ ବିଭିନ୍ନ ବୃକ୍ଷଲତା ନିକଟରେ କିଛି ସମୟ ବିଶ୍ରାମ ନେଲେ ମାନସିକ ଶାନ୍ତି ମିଳେ। ସକାଳ ଓ ସନ୍ଧ୍ୟା ପରିଭ୍ରମଣ କାଳରେ ବିଭିନ୍ନ ବନ୍ଧୁଙ୍କ ସହ ବାର୍ତ୍ତାଳାପ, ଖୁସିବାସରେ ସମୟ ବିତାଇଲେ ବାସ୍ତବିକ ବହୁ ସମସ୍ୟାର ସମାଧାନ ହୋଇଯାଏ। ଏହାଦ୍ୱାରା ଅବସାଦକୁ ନିୟନ୍ତ୍ରଣ କରିହୁଏ। ଯେତେବେଳେ ଉଦାସୀନତା ଦେଖାଯାଏ ସେତେବେଳେ ପାର୍କରେ କିଛି ସମୟ ବୁଲି ଆସିଲେ ଅବସାଦ ଦୂରୀଭୂତ ହୋଇଥାଏ।

ବିଶ୍ରାମ ବେଳେ ଆମେ ଦୈନିକ ୫୫୦ ଲିଟର ଅମ୍ଳଜାନ ବ୍ୟବହାର କରୁ। ପ୍ରତି ମିନିଟରେ ପ୍ରାୟ ୨୨୧ ମିଲିମିଟର ଅମ୍ଳଜାନ ପ୍ରତି ବୟସ୍କ ବ୍ୟକ୍ତିଙ୍କ ଆବଶ୍ୟକତା। ଆମ ନିକଟରେ ଅଧିକ ବୃକ୍ଷ ରହିବା ଆମ ପାଇଁ ଏକ ବରଦାନ। ବୃକ୍ଷ ଅଙ୍ଗାରକାମ୍ଳ ବାଷ୍ପ ଗ୍ରହଣ କରି ଖାଦ୍ୟ ପ୍ରସ୍ତୁତ କରେ ଏବଂ ଅମ୍ଳଜାନ ତ୍ୟାଗ କରେ। ଏହାଛଡ଼ା ବୃକ୍ଷ ଆମର ବହୁ ଆବଶ୍ୟକତା ପୂରଣ କରେ। ପ୍ରାଚୀନ କାଳରେ ବୃକ୍ଷକୁ ଦେବତା ରୂପେ ପୂଜା କରାଯାଉଥିଲା। ଦେବାଳୟ, ପୁଷ୍କରିଣୀ ଓ ବୃକ୍ଷ ଏକାଠି ଏକ ସୁନ୍ଦର ପରିବେଶ ସୃଷ୍ଟି କରିବା ସହିତ ମଣିଷମାନଙ୍କର ବହୁ ଆବଶ୍ୟକତା ପୂରଣ କରୁଥିଲେ। ବୃକ୍ଷର ପ୍ରତ୍ୟେକ ଅଂଶ ଆମ ପାଇଁ ଉପକାରୀ। ସମୁଦ୍ର ମନ୍ଥନ ବେଳେ ହଳାହଳ ବିଷ ପାନ କରିଥିଲେ ପ୍ରଭୁ ନୀଳକଣ୍ଠ। ବୃକ୍ଷ ଆଧୁନିକ ଯୁଗରେ ଆମର ନୀଳକଣ୍ଠେଶ୍ୱର। ଅବସାଦ ଓ ଶାରୀରିକ କ୍ଳାନ୍ତି ମେଣ୍ଟାଇବାକୁ ବୃକ୍ଷ ଛଡ଼ା ଆଉ ସଂସାରରେ କୌଣସି ବସ୍ତୁ ନାହିଁ।

ପରିବେଶ ଜନିତ ଉପକାର: ସବୁଜ ସ୍ଥଳୀରେ ଜୈବବିବିଧତା ସୁରକ୍ଷିତ ରହେ। ବିଭିନ୍ନ ପ୍ରଜାତିର ଉଦ୍ଭିଦ ଓ ପ୍ରାଣୀମାନେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରି ପରସ୍ପରକୁ ସାହାଯ୍ୟ କରନ୍ତି। ଏମାନେ ବିଭିନ୍ନ ପ୍ରକାରର ପରିବେଶୀୟ ସେବା ଯୋଗାଇବାରେ କାର୍ପଣ୍ୟ କରନ୍ତି ନାହିଁ, ଯାହାର ସୁଫଳ ଆମେ ସିଧାସଳଖ ପାଉ। ବିଭିନ୍ନ ପ୍ରଜାତିର ଚଢ଼େଇମାନଙ୍କ ରଙ୍ଗବେରଙ୍ଗର ଶରୀର ଓ କିଚିରିମିଚିରି ଶବ୍ଦ କାହାକୁ ବା ଆକୃଷ୍ଟ ନକରେ? ପାର୍କଗୁଡ଼ିକରେ ବିଭିନ୍ନ କିସମର ଔଷଧବୃକ୍ଷ ରୋପଣ କରାଯାଏ। ଏହାର ଚାରିପାଖରେ ବୁଲିଲେ ଆମେ ବହୁତ ଉପକାର ପାଇପାରିବା। କେତେକ ଔଷଧୀୟ ବୃକ୍ଷଲତା ଆମର କେତେକ ରୋଗ ଉପଚାର ପାଇଁ ବ୍ୟବହାର କରାଯାଏ।

ସାମାଜିକ-ଅର୍ଥନୈତିକ ଉପକାର: ସହରର ସବୁଜ ସ୍ଥଳୀ ବିଭିନ୍ନ ମନୋରଞ୍ଜନ ପାଇଁ ଖୋରାକ ଯୋଗାଇ ଥାଏ। ଗୋଷ୍ଠୀ ସହଭାଗିତା ଏଇଠୁ ଆରମ୍ଭ କରାଯାଇପାରେ। ନିରୋଳାରେ ଏକାଠି ବସି ଆମେ କେତେକ ସମସ୍ୟାର ସମାଧାନ କରିପାରିବା। ସାଙ୍ଗ ଓ ବନ୍ଧୁବାନ୍ଧବମାନଙ୍କ ସହିତ କେତେକ ମେଳା ମଉଛବ, ଆଲୋଚନାଚକ୍ର ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଏହା ଏକ ଉପଯୁକ୍ତ ପରିବେଶ।

ଉପରୋକ୍ତ ଉପକାରଗୁଡ଼ିକ ବିଚାର କରି ସହରାଞ୍ଚଳରେ ଯୋଜନା ପ୍ରସ୍ତୁତ କଲା ସମୟରେ ରାସ୍ତାକଡ଼ ବନୀକରଣ, ପିକ୍‌ନିକ୍ ସ୍ଥାନ, ପାର୍କ ଓ ଶିଶୁ ଉଦ୍ୟାନ ବିକାଶ କରାଯିବା ଆବଶ୍ୟକ। ସହରାଞ୍ଚଳରେ ମୁଣ୍ଡ ପିଛା ୧୦-୧୫ ବର୍ଗ ମିଟର ସବୁଜ ସ୍ଥାନ ଆବଶ୍ୟକ। ଛୋଟ ଛୋଟ ପାର୍କ ୦.୧ ରୁ ୦.୫ ହେକ୍ଟର ପରିମିତ ହେବା ଆବଶ୍ୟକ। ପ୍ରତି ୧ ଲକ୍ଷ ଲୋକଙ୍କ ପାଇଁ ୧୦ଟି ଛୋଟ ପାର୍କ ଆବଶ୍ୟକ। ସବୁ ବର୍ଗର ଜନସାଧାରଣ ଯେପରି ସମାନ ସୁବିଧା ପାଇପାରିବେ ସେଥିପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ। ମନେରଖିବା କଥା ଯେପରି ପ୍ରାକୃତିକ ସ୍ଥଳଗୁଡ଼ିକ ସୁରକ୍ଷିତ ରହି ପରିବେଶୀୟ ଯୋଗାଇ ପାରିବେ। ସବୁଜ ସ୍ଥଳୀଗୁଡ଼ିକର ବିକାଶ ହୋଇପାରିଲେ ପ୍ରତିକୂଳ ପରିବେଶ ଜନିତ ସମସ୍ୟାରୁ ଜନସାଧାରଣ ମୁକ୍ତିପାଇବେ ଏବଂ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିପାରିବେ। ଏହାସହିତ ପ୍ରତ୍ୟେକ ପରିବାର ନିଜ ଘର ଚାରିପାଖରେ ଓ ଘର ଛାତ ଉପରେ କିଛି ବାଡ଼ିବଗିଚା କରିବା ପାଇଁ ସଚେତନତା ସୃଷ୍ଟି ହେବା ମଧ୍ୟ ଆବଶ୍ୟକ। ଭୁବନେଶ୍ୱର ଆଇଗଣିଆଠାରେ ଅବସ୍ଥାପିତ କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର ଆମ ରାଜ୍ୟର ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର ଓ ଜୟପୁରଠାରେ ସଫଳ ଛାତ ବଗିଚା ପାଇଁ ବୈଷୟିକ ସହାୟତା ଦେଇଛନ୍ତି। ସରକାର ବର୍ଷା ଜଳ ଅମଳ ପାଇଁ ଆର୍ଥିକ ସହାୟତା ଦେଉଛନ୍ତି, ଯାହାର ଉପଯୋଗ ସହର ବାସିନ୍ଦା କରିପାରିବେ।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ଜ୍ଞାନ, ବିଜ୍ଞାନ ଓ ବୈଜ୍ଞାନିକ

ଅଧ୍ୟାପକ ଗୋପବନ୍ଧୁ

ଜ୍ଞାନ କହିଲେ କୌଣସି ବିଷୟରେ ଜାଣିବାକୁ ବା ଅବଗତ ହେବାକୁ ବୁଝାଏ। ଯେଉଁ ବସ୍ତୁ ବା ବିଷୟ ଯାହା ତା'କୁ ସେହି ରୂପରେ ଜାଣିବା ହିଁ ଜ୍ଞାନ। ଗୋଟିଏ ବସ୍ତୁକୁ ଭିନ୍ନ ବସ୍ତୁ ରୂପରେ ଜାଣିଲେ ତାହା ଜ୍ଞାନ ନୁହେଁ। ବିଶ୍ୱରେ ସେହିମାନେ ହେଉଛନ୍ତି ଜ୍ଞାନୀ, ଯେଉଁମାନେ ବିଭିନ୍ନ ବିଷୟରେ ସଠିକ ଜ୍ଞାନ ପ୍ରାପ୍ତ ହୋଇଥା'ନ୍ତି।

ଜ୍ଞାନ ଦୁଇ ପ୍ରକାରର। ପ୍ରତ୍ୟକ୍ଷ ଜ୍ଞାନ ଓ ପରୋକ୍ଷ ଜ୍ଞାନ। ଆମ ଶରୀର ବାହାରେ ଥିବା ପାଞ୍ଚଟି ଇନ୍ଦ୍ରିୟ ଆଖି, ନାକ, କାନ, ଜିଭ ଓ ଚର୍ମ ଦ୍ୱାରା ଆମେ ଯେଉଁ ଜ୍ଞାନ ପାଉ ତାହା ପ୍ରତ୍ୟକ୍ଷ ଜ୍ଞାନ। ଆଖି ଦ୍ୱାରା ଆମେ ଜାଣୁ କାହାର ରଙ୍ଗ କେଉଁ ଭଳିଆ, କାନ ଦ୍ୱାରା ଜାଣୁ କାହାର ଶବ୍ଦ କିପରି, ନାକ ଦ୍ୱାରା ଜାଣୁ କେଉଁ ବସ୍ତୁ କେଉଁ ଗନ୍ଧଯୁକ୍ତ, ଜିଭ ଦ୍ୱାରା ଜାଣୁ କାହାର ସ୍ୱାଦ କିପରି ଓ ଚର୍ମ ଦ୍ୱାରା ଜାଣୁ କେଉଁ ବସ୍ତୁର ଉତ୍ତାପ କେତେ। ଏହା ସହିତ ଅନ୍ୟ ଏକ ଇନ୍ଦ୍ରିୟ ରହିଛି ଯାହାକୁ ଅନ୍ତରେନ୍ଦ୍ରୀୟ କୁହାଯାଏ। ଏହା ଆମ ଶରୀର ସମ୍ବନ୍ଧରେ ଧାରଣା ଦିଏ। ଯେମିତି ପେଟ କାଟିବା, ମନ ଖୁସି ଲାଗିବା, ଉଦାସୀନତା ଇତ୍ୟାଦି। ଏହା ମଧ୍ୟ ପ୍ରତ୍ୟକ୍ଷ ଜ୍ଞାନ ଅନ୍ତର୍ଗତ। ଅନ୍ୟପକ୍ଷରେ ପରୋକ୍ଷ ଜ୍ଞାନ ସିଧାସଳଖ ଇନ୍ଦ୍ରିୟମାନଙ୍କ ଦ୍ୱାରା ମିଳେ ନାହିଁ। ଏହା ଅନୁମାନ ସାହାଯ୍ୟରେ ମିଳେ। ଯେମିତି ଦୂର ପାହାଡ଼ରେ ଧୂଆଁ ବାହାରିବାର ଦେଖି ସେଠାରେ ନିଆଁ ଥିବାର ଜ୍ଞାନ ପାଇବା।

ବିଜ୍ଞାନ କହିଲେ ଶୋଧିତ ଓ ପ୍ରମାଣିତ ଜ୍ଞାନକୁ ବୁଝାଏ। ପ୍ରତ୍ୟକ୍ଷ ଜ୍ଞାନ ଅନେକ ସମୟରେ ଶୋଧିତ ଓ ପ୍ରମାଣିତ ହେବାର ଆବଶ୍ୟକତା ପଡ଼େ। ବେଳେବେଳେ ପ୍ରତ୍ୟକ୍ଷ ଜ୍ଞାନ ଭୁଲ୍ ହୋଇଯାଏ। ମରୁଭୂମିରେ ମରୀଚିକା ଦେଖିବା, ଅକାଶରେ ଉଡ଼ାଜାହାଜ ଛୋଟ ଦିଶିବା, ପଛରୁ କାହାକୁ ଦେଖି ସାଙ୍ଗ ବୋଲି ଭାବିବା ଇତ୍ୟାଦି ଭୁଲ ଜ୍ଞାନ ଜାତ କରାଏ। ଏହି ଭ୍ରମକୁ ଦୂର କରିବା ପାଇଁ ନିଜ ଇନ୍ଦ୍ରିୟମାନଙ୍କୁ ବାରମ୍ବାର ପ୍ରୟୋଗ କରାଯାଏ। ବେଳେବେଳେ ଇନ୍ଦ୍ରିୟମାନଙ୍କ ଶକ୍ତି ବୃଦ୍ଧି ପାଇଁ ବିଭିନ୍ନ ଯନ୍ତ୍ରପାତିର ବ୍ୟବହାର ମଧ୍ୟ କରାଯାଇଥାଏ। ଆଖିର ଶକ୍ତି ବୃଦ୍ଧି ପାଇଁ ଦୂରବୀକ୍ଷଣ ଯନ୍ତ୍ର, କାନର ଶକ୍ତି ବୃଦ୍ଧି ପାଇଁ ଶ୍ରବଣ ଯନ୍ତ୍ର ଇତ୍ୟାଦିରେ ବ୍ୟବହାର କରାଯାଏ। ସେହିପରି ମରୀଚିକା ସୃଷ୍ଟିର କାରଣ ଜାଣିବା ପାଇଁ ଏ ବିଷୟରେ ଅଧ୍ୟୟନ ଓ ବୈଜ୍ଞାନିକ ପ୍ରମାଣର ଆଶ୍ରୟ ନେବାକୁ ପଡ଼େ। ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗର କାରଣ ଜାଣିବା ପାଇଁ ପ୍ରମାଣିତ ଜ୍ୟୋତିର୍ବିଜ୍ଞାନକୁ ଅଧ୍ୟୟନ କାରିବାକୁ ପଡ଼େ। ମୋଟ ଉପରେ କହିବାକୁ ଗଲେ ପ୍ରମାଣିତ ଜ୍ଞାନ ହିଁ ବିଜ୍ଞାନ ଅଟେ। ଅର୍ଥାତ୍ ସତ୍ୟ ଜ୍ଞାନ ହିଁ ବିଜ୍ଞାନ। ପ୍ରକୃତ ସତ୍ୟ ନିକଟରେ ପହଞ୍ଚିବା ବିଜ୍ଞାନର ଲକ୍ଷ୍ୟ। ଯେଉଁମାନେ ସତ୍ୟର ଅନୁସନ୍ଧାନ କରନ୍ତି ସେମାନେ ବୈଜ୍ଞାନିକ।

ବୈଜ୍ଞାନିକ ହେବା ମନୁଷ୍ୟର ପ୍ରାକୃତିକ ଗୁଣ। ପ୍ରଶ୍ନ କରିବା ତା'ର ସ୍ୱଭାବଗତ ଲକ୍ଷଣ। ଜଣେ ବୈଜ୍ଞାନିକର ମୌଳିକ ଗୁଣ ହେଉଛି ପ୍ରଶ୍ନ ପଚାରିବା। ତା'ଚାରିପଟେ ଘଟୁଥିବା ପ୍ରତ୍ୟେକଟି ଘଟଣା ବିଷୟରେ ସେ ଜାଣିବାକୁ ଆଗ୍ରହ ପ୍ରକାଶ କରେ। ଯାହା ସେ ବୁଝିପାରେ ନାହିଁ ତା'କୁ ବୁଝିବା ପାଇଁ ପ୍ରଶ୍ନ କରିଚାଲେ। କୌଣସି ଘଟଣା କାହିଁକି ଘଟୁଛି, ତାହା ପଛରେ କାରଣ କ'ଣ ରହିଛି ତାହା ଜାଣିବା ପାଇଁ ତା'ର ଇଚ୍ଛା ତା'କୁ ବୈଜ୍ଞାନିକ ସ୍ତରକୁ ନେଇଯାଏ। କୌଣସି ଘଟଣା ଆପେ ସଂଗଠିତ ହୁଏ ବୋଲି ସେ ଗ୍ରହଣ କରିପାରେ ନାହିଁ। ଏହା ହିଁ ବୈଜ୍ଞାନିକ ଚେତନା। ସମସ୍ତଙ୍କ ଭିତରେ ଊଣା ଅଧିକେ ଏହି ଚେତନା ରହିଥାଏ। କେବଳ ବିଜ୍ଞାନଗାରରେ କାମ କଲେ ଜଣେ ବୈଜ୍ଞାନିକ ହୋଇଯାଏ ନାହିଁ। ତା' ଭିତରେ ବୈଜ୍ଞାନିକ ଚେତନା ଥିବା ଆବଶ୍ୟକ। ବୈଜ୍ଞାନିକ ଚେତନା କହିଲେ ବୁଝାଏ ସତ୍ୟ ପ୍ରତି ଆଗ୍ରହ ଓ ଅସତ୍ୟ ପ୍ରତି ଅନାଗ୍ରହ। ବୈଜ୍ଞାନିକ ହେବା ପାଇଁ ବିଜ୍ଞାନ ସମ୍ବନ୍ଧରେ ଅଧ୍ୟୟନ ଜରୁରୀ, କିନ୍ତୁ ତା'ଠାରୁ ଅଧିକ ଜରୁରୀ ବୈଜ୍ଞାନିକ ଭାବନାର ବଶବର୍ତ୍ତୀ ହେବା। ବୈଜ୍ଞାନିକ ଭାବନା ତା'ର ଚିନ୍ତାରେ, କଥାରେ ଓ କର୍ମରେ ପ୍ରତିଫଳିତ ହୁଏ।

ସଭ୍ୟତାର ବିକାଶ ସହିତ ବିଜ୍ଞାନର ମଧ୍ୟ ବିକାଶ ହେଉଛି। ଆଦିମ ମନୁଷ୍ୟର ମନରେ ଅଙ୍କୁରିତ ହୋଇଥିବା କାହିଁକିର ପ୍ରଶ୍ନରୁ ଜନ୍ମ ନେଇଛି ବିଜ୍ଞାନ। ବୁଦ୍ଧିମତ୍ତାର ବିକାଶ ତା'କୁ ବୈଜ୍ଞାନିକ ସ୍ତରକୁ ନେଇଯାଇଛି। ସମସ୍ତ ଘଟଣା ପଛରେ କୌଣସି ଦୈବୀଶକ୍ତିର ହାତ ରହିଛି, ଏକଥାକୁ ସେ ଗ୍ରହଣ କରିପାରି ନାହିଁ। କାରଣ ତା' ମନରେ ବୁଦ୍ଧିର ବିକାଶ ସହିତ କାରଣିକତାର ଭାବନା ମଧ୍ୟ ବିକଶିତ ହୋଇଛି। ଏହାକୁ କାର୍ଯ୍ୟକରଣ ନିୟମ ବୋଲି କୁହାଯାଏ। ଏହି ନିୟମ ଜରିଆରେ ପ୍ରାକୃତିକ ଘଟଣାବଳୀକୁ ଠିକଭାବେ ବର୍ଣ୍ଣନା କରାଯାଇପାରେ। ଏ ବିଶ୍ୱବ୍ରହ୍ମାଣ୍ଡର ବିକାଶ ଏହି ନିୟମ ଜରିଆରେ ହେଉଛି। ଏହି ନିୟମ ଅନୁଯାୟୀ ପ୍ରଥମେ କାରଣ ସୃଷ୍ଟି ହୁଏ ଏବଂ ତା'ପରେ କାର୍ଯ୍ୟ ବା ଘଟଣାର ସୃଷ୍ଟି ହୁଏ। କାର୍ଯ୍ୟ ପୁଣି କାରଣକୁ ରୂପାନ୍ତରିତ ହୁଏ ଏବଂ ସେଥିରୁ ନୂଆ କାର୍ଯ୍ୟ ତିଆରି ହୁଏ। ଏହି କ୍ରମରେ ପ୍ରକୃତି ଆଗକୁ ବଢ଼ି ଚାଲିଛି। ଉଦାହରଣ ସ୍ୱରୂପ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେଲେ ଉପକୂଳ ଅଞ୍ଚଳରେ ପ୍ରବଳ ବର୍ଷାହୁଏ, ପ୍ରବଳ ବର୍ଷାହେଲେ ନଈରେ ବଢ଼ି ଆସେ, ନଈ ବଢ଼ି ଆସିଲେ ଚାରିଆଡ଼େ ଜଳ ପ୍ଳାବିତ ହୁଏ। ଫଳରେ ଶସ୍ୟହାନି ହେବା ସହିତ ଅନେକ ଘରଦ୍ୱାର ଭାଙ୍ଗିଯାଏ। ଏହିପରି କାରଣ ଓ କାର୍ଯ୍ୟର କ୍ରମସଂଗଠିତ ହୋଇଚାଲେ। ଏହି କ୍ରମ ମଧ୍ୟରେ ଦେବାଦେବୀ, ଭୂତପ୍ରେତ ଅଥବା କୌଣସି ଅଦୃଶ୍ୟ ଶକ୍ତିର ହାତ ରହିଛି ବୋଲ ବୈଜ୍ଞାନିକ ମନ ଗ୍ରହଣ କରିପାରେ ନାହିଁ।

ବୈଜ୍ଞାନିକ ହେବା ପାଇଁ ହେଲେ ବିଜ୍ଞାନର ପରୀକ୍ଷାଗାର ଜରୁରୀ ନୁହେଁ। ବସ୍ତୁର ଅନୁଧାନ ପାଇଁ ପରୀକ୍ଷାଗାର ଅଥବା ପ୍ରାକୃତିକ ପରିବେଶ ଆବଶ୍ୟକ। କିନ୍ତୁ ଗୁଣଗତ ସ୍ଥିତିର ଅନୁଧାନ ପାଇଁ ବିଜ୍ଞାନଗାର ଅନାବଶ୍ୟକ। ଏଥିପାଇଁ ଲୋଡ଼ା ତର୍କସମ୍ମତ ବିଚାର। ବିଜ୍ଞାନର ଅନୁଗାମୀ ହେବା ଏକ ସାଧନା। ଯେଉଁମାନେ ବିଜ୍ଞାନକୁ ଗ୍ରହଣ କରନ୍ତି ନାହିଁ, ସେମାନେ ପ୍ରାୟତଃ ଅନ୍ଧବିଶ୍ୱାସୀ ଓ ବିବେକବିହୀନ ହୋଇଥା'ନ୍ତି। ନିଜର ପ୍ରକୃତି ପ୍ରଦତ୍ତ ବୁଦ୍ଧିମତ୍ତାକୁ ସେମାନେ ଉପଯୋଗ କରନ୍ତି ନାହିଁ। ତେଣୁ ସମାଜରେ ସେହିମାନେ ଶ୍ରେଷ୍ଠ ଓ ଉନ୍ନତ ଯେଉଁମାନେ ବିଜ୍ଞାନର ଅନୁଗାମୀ ହୁଅନ୍ତି ଏବଂ ବୈଜ୍ଞାନିକ ଚେତନାର ଅଧିକାରୀ ହୋଇଥା'ନ୍ତି।

ବାରିପଦା, ମୋ. ୭୦୦୮ ୯୭୬୧୮୦

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ପୁରୁଣୀ

ସୌଭାଗ୍ୟସୁନ୍ଦର

ପୁରୁଣୀ କିମ୍ବା ପୁନର୍ଣ୍ଣବା ସମଗ୍ର ଭାରତ ସମେତ ବିଶ୍ୱବ୍ୟାପୀ ଅନ୍ୟାନ୍ୟ ଉଷ୍ଣମଣ୍ଡଳୀୟ ଓ ଉପ ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ବ୍ୟାପକ ଭାବରେ ବଢ଼ିଥାଏ। ଏହାକୁ ଏସିଆ, ଆଫ୍ରିକା, ଉତ୍ତର ଆମେରିକା, ଦକ୍ଷିଣ ଆମେରିକା, କାରିବିଆନ୍, ଦକ୍ଷିଣ ପ୍ରଶାନ୍ତ ମହାସାଗରର ଏକ ମୂଳ ଜାତ ଉଦ୍ଭିଦ ବୋଲି ବିଶ୍ୱାସ କରାଯାଏ। ହିମାଳୟ ସମେତ ଭାରତରେ ଏହା ପ୍ରାୟ ୨୦୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସବୁଠି ଦେଖାଯାଏ। ଏହି ଔଷଧି ତୃଣ ବିଭିନ୍ନ ଅନାବାଦୀ ଜମି, ରାସ୍ତାକଡ଼ ଓ ଚାଷ କ୍ଷେତରେ ବଢ଼ିଥାଏ। ପ୍ରକୃତରେ ଏହା ଏକ ସ୍ଥିର ଏବଂ ସ୍ୱୟଂ-ନବୀକରଣ ଉଦ୍ଭିଦ। ତେଣୁ ଏହି ତୃଣର ନାମ 'ପୁନର୍ଣ୍ଣବା' ରଖାଯାଇଛି, ଯାହାର ଅର୍ଥ ସଂସ୍କୃତରେ 'ପୁନର୍ଜୀବନ' କିମ୍ବା 'ନବୀକରଣ'।

ପୁରୁଣୀ ଏକ ବହୁବର୍ଷୀୟ ତୃଣ, ଯାହା ପ୍ରାୟ ୧ ମିଟର କିମ୍ବା ତା'ଠାରୁ ଅଧିକ ଲମ୍ବ ପର୍ଯ୍ୟନ୍ତ ବଢ଼ିଥାଏ। ଶାଖାଗୁଡ଼ିକ ବିଭାଜିତ ଏବଂ ବିସ୍ତାରିତ। ପତ୍ରଗୁଡ଼ିକ ସରଳ, ବିପରୀତ, ସାଧାରଣତଃ ୨ ରୁ ୫ ସେମି ଲମ୍ବା, ଉପର ପୃଷ୍ଠରେ ଖରସ ସବୁଜ ଏବଂ ମସୃଣ କେଶ ଥାଏ। ଫୁଲଗୁଡ଼ିକ ପ୍ରାୟ ୫ ମିମି ବ୍ୟାସ ଓ ଲାଲ ରଙ୍ଗର। ଫଳ ଗୋଟିଏ ବିହନଯୁକ୍ତ, ଗୋଲାକାର, ୬-ପାଞ୍ଜାଳିଯୁକ୍ତ, ବହୁତ ଅଠାଳିଆ।

ସିଦ୍ଧ, ୟୁନାନୀ ଓ ଆୟୁର୍ବେଦିକ ପରମ୍ପରାରେ ପୁରୁଣୀ ଏକ ବିସ୍ମୟକର ଔଷଧି। ଏହା ବାତ, କଫ ଓ ପିତ୍ତ - ତ୍ରିଦୋଷରେ ସନ୍ତୁଳନ ରଖେ। ଚରକ ସଂହିତାରେ ଏହାକୁ ଯୌବନ ରକ୍ଷା କରିବାରେ ଏବଂ ବାର୍ଦ୍ଧକ୍ୟକୁ ମନ୍ଥର କରିବାରେ ସାହାଯ୍ୟ କରୁଥିବା ଔଷଧି ମଧ୍ୟରେ ତାଲିକାଭୁକ୍ତ କରାଯାଇଛି। ଏହା କାଶ, ବ୍ରୋଙ୍କାଇଟିସ୍, ଆଜ୍‌ମା ଚିକିତ୍ସାରେ ମହୌଷଧି। ସୁଶ୍ରୁତ ସଂହିତାରେ ଏହା ଶରୀରକୁ ପୁଷ୍ଟିକର ଓ ପୁନର୍ଜୀବିତ କରିବା ପାଇଁ ଜଣାଶୁଣା ଔଷଧି ମଧ୍ୟରୁ ଅନ୍ୟତମ। ଏହାଛଡ଼ା ଦୀର୍ଘକାଳୀନ ମୂତ୍ର ଦୋଷ, ବୃକକ୍ ରୋଗ, ହେପାଟାଇଟିସ, ଜଣ୍ଡିସ୍, ସର୍ଦ୍ଦି, ଜ୍ୱର, ଆଖିରୋଗ, ପୁରୁଣା ହୃଦ୍‌ରୋଗ, ଶରୀରର ସ୍ଥୂଳତା ହ୍ରାସ, ଗଣ୍ଠି ଯନ୍ତ୍ରଣା. ମାଂସପେଶୀର ପ୍ରଦାହ, ସାଇଟିକା ବା ସ୍ନାୟୁ ଦୁର୍ବଳତା, ସ୍ନାୟୁ ବିକାର ଦୂରୀକରଣ ପାଇଁ ପ୍ରଭାବଶାଳୀ ଔଷଧି।

ଏଥିରେ ପ୍ରଦାହ-ବିରୋଧୀ, ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟି-ମାଇକ୍ରୋବାଏଲ୍ ଓ ଆଣ୍ଟି-ସ୍ପାସ୍ମୋଡିକ୍, ହାଇପୋଗ୍ଲାଇସେମିକ୍ ଗୁଣ ଅଛି। ପୁରୁଣି ମଧ୍ୟ ଗ୍ଲୁକୋଜ୍ ସ୍ତର ନିୟନ୍ତ୍ରଣ ଏବଂ ପ୍ଲାଜ୍‌ମା ଇନସୁଲିନ୍ ସ୍ତର ବୃଦ୍ଧିରେ ସହାୟତା କରେ। ଏହା ବିଭିନ୍ନ ସଂକ୍ରମଣ ସୃଷ୍ଟିକାରୀ ଜୀବାଣୁ ଯେପରିକି ଇ. କୋଲାଇ, ଏସ. ଅରିଅସ୍ ଏବଂ ପି. ଏରୁଗିନୋସା ବିରୁଦ୍ଧରେ ଶକ୍ତିଶାଳୀ ଆଣ୍ଟିମାଇକ୍ରୋବାୟଲ୍ କାର୍ଯ୍ୟକଳାପ ପ୍ରଦର୍ଶନ କରେ। ପୁରୁଣୀରେ ଦୁଇଟି ରୋଟେନୋଏଡ୍ ଅଛି, ଯେପରିକି ବୋରହାଭିଆ-ଏ ଓ ବୋରହାଭିଆ-ଔ। ଅନ୍ୟାନ୍ୟ ରାସାୟନିକ ଉପାଦାନ ମଧ୍ୟରେ ଏଥିରେ ବି-ସିଟୋଷ୍ଟେରୋଲ୍, ଏ-୨-ସିଟୋଷ୍ଟେରୋଲ୍, ପାମିଟିକ୍ ଏସିଡ୍, ବି-ସିଟୋଷ୍ଟେରୋଲ୍ ର ବୋରହାଭିଆ ଏସିଡ୍ ଏଷ୍ଟର, ଟେଟ୍ରାକୋସାନୋଇକ୍, ହେକ୍ସାକୋସୋନୋଇକ୍, ହେଣ୍ଟ୍ରିଆକୋଣ୍ଟେନ, ଷ୍ଟେରିକ୍, ଆରାକିଡିକ୍ ଏସିଡ୍, ୟୁରୋସିଲିକ୍ ଏସିଡ୍, ଟ୍ରାଇକୋଣ୍ଟାନୋଲ୍, ବି-ଏକ୍ଡିସୋନ୍, ପୁନର୍ନାଭାଇନ୍ ଇତ୍ୟାଦି ଅଛି। ଉଭିଦରେ ବିଡିପି -୩୦ ନାମକ ଏକ ପ୍ରୋଟିନ୍ ଅଛି, ଯାହା ସମ୍ଭବତଃ ଏକ ରାଇବୋସୋମ୍-ନିଷ୍କ୍ରିୟକାରୀ ପ୍ରୋଟିନ୍। ହାଇପୋକ୍ସାନ୍ଥନ ୯-ଖ-ଆରବିନୋଫୁରାନୋସାଇଡ୍, ସେରାଟାଜେନିକ୍ ଏସିଡ୍, ବୋରଭିନୋନ୍ ଇ ରୁ ର, ଲିରିଓଡେଣ୍ଡ୍ରୋନ୍, ଉର୍ସୋଲିକ୍ ଏସିଡ୍, ଓଲିଆନୋଲିକ୍ ଏସିଡ୍ ଓ ପୁନର୍ନାଭୋସାଇଡ୍ ଭଳି ଶକ୍ତିଶାଳୀ ଜୈବସକ୍ରିୟ ଯୌଗିକଗୁଡ଼ିକର ଏକ ପରିସର ଏହାର ଅନେକ ଚିକିତ୍ସା ଗୁଣ ପାଇଁ ଦାୟୀ ହୋଇପାରେ। ପୁରୁଣୀର କିଛି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ଅଛି। ଏହା ସ୍ୱାଦରେ ତିକ୍ତ ଓ କଠିନ। ଖାଲି ପେଟରେ କିମ୍ବା ପାଣି ବିନା ପିଇଲେ ଗଳାରେ ଜଳାପୋଡ଼ା ସୃଷ୍ଟି କରି ପାରେ। ଗର୍ଭବତୀ ଓ ୧୨ ବର୍ଷରୁ କମ୍ ବୟସର ଶିଶୁଙ୍କ ପାଇଁ ପୁରୁଣୀ ଦିଆଯିବା ଅନୁଚିତ। ଏହା ଏବେ ବଜାରରେ ଟାବଲେଟ, ପାଉଡର ଓ କ୍ୟାପସୁଲ୍ ଆକାରରେ ଉପଲବ୍ଧ। ଭାରତର ଅନେକ ସ୍ଥାନରେ ପୁରୁଣୀର ପତ୍ରକୁ ପ୍ରାୟତଃ ସବୁଜ ଶାଗ ଭାବରେ ରୋଷେଇରେ ବ୍ୟବହାର କରାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆଇଆଇଟି ଭୁବନେଶ୍ୱରରେ ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳାକୁ କେନ୍ଦ୍ରର ଅନୁମୋଦନ

ଭୁବନେଶ୍ୱର, ୫।୧୦ (ସମିସ): ଆଇଆଇଟି ଭୁବନେଶ୍ୱରରେ 'ନମୋ ସେମିକଣ୍ଡକ୍ଟର ପ୍ରୟୋଗଶାଳା' ସ୍ଥାପନକୁ କେନ୍ଦ୍ର ସରକାରୀ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପକୁ ସାଂସଦ ହାତ ପାଣ୍ଠି

**ପ୍ରକଳ୍ପ ପାଇଁ ଆନୁମାନିକ ୪.୯୫ କୋଟି ଟଙ୍କା ବ୍ୟୟବରାଦ**

ଯୋଜନା ଅଧୀନରେ ଅର୍ଥ ଯୋଗାଇ ଦିଆଯିବ। ପ୍ରକଳ୍ପ ପାଇଁ ଆନୁମାନିକ ୪.୯୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପ୍ରକଳ୍ପକୁ ଅନୁମୋଦନ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୃତଜ୍ଞତା ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପ ପାଇଁ କିଛିଦିନ ପୂର୍ବେ ଅନୁମୋଦନ ମିଳିଛି। ଏଥିମଧ୍ୟରୁ ଗୋଟିଏ ହେଉଛି ସିଲିକନ୍ କାର୍ବାଇଡ୍ (ଏସଆଇସି) ଆଧାରିତ ଯୌଗିକ ସେମିକଣ୍ଡକ୍ଟର ପାଇଁ ଏକ ସମନ୍ୱିତ ସୁବିଧା। ଦ୍ୱିତୀୟଟି ହେଉଛି ଏକ ଉନ୍ନତ ଥ୍ରୀଡି ଗ୍ଲାସ୍ ପ୍ୟାକେଜିଂ ସୁବିଧା। ଆଇଆଇଟି ଭୁବନେଶ୍ୱର ପୂର୍ବରୁ ସିଲିକନ୍ କାର୍ବାଇଡ୍ ଗବେଷଣା ଏବଂ ନବସୃଜନ କେନ୍ଦ୍ର କାର୍ଯ୍ୟକାରୀ କରୁଛି। ନୂତନ ପରୀକ୍ଷାଗାର ପ୍ରତିଷ୍ଠାନର ବିଦ୍ୟମାନ କ୍ଲିନ୍ ରୁମ୍ ସୁବିଧାରେ ଯୋଡିବ। ଏହା ଭାରତରେ ସେମିକଣ୍ଡକ୍ଟର ଶିଳ୍ପକୁ ସମର୍ଥନ କରିବା ପାଇଁ ଗବେଷଣା ଓ ବିକାଶ ସୁବିଧା ପ୍ରଦାନ କରିବ ବୋଲି ଜଣାପଡ଼ିଛି।

## କାଳ ହେଲା ରାସ୍ତା ଉପରେ ଅସଜ ଟ୍ରକ୍ ଦୁର୍ଘଟଣାରେ ୨ ମୃତ

ମାଲକାନଗିରି, ୫।୧୦(ସମିସ): ଜୟପୁର-ମାଲକାନଗିରି ୩୨୬ ନମ୍ବର ଜାତୀୟ ରାଜପଥର ମାଲକାନଗିରି ଥାନା ଅନ୍ତର୍ଗତ ଡଙ୍ଗଗୁଡ଼ାଠାରେ ଶନିବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଦୁଇଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ମାଲକାନଗିରି ଥାନା ସିନ୍ଧ୍ରିମାଳ ପଞ୍ଚାୟତର କଂଗବି ଗ୍ରାମର ଭୀମ ଖିଲ ଓ ସୁକୁ ଖିଲ।



ଦୁହେଁ ଏକ ବାଇକ୍‌ରେ ଯାଉଥିବା ବେଳେ ରାସ୍ତା ଉପରେ ଠିଆ ହୋଇଥିବା ଏକ ଲୁହାପଥର ବୋଝେଇ ଟ୍ରକ୍‌କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ହିଁ ଦୁଇଜଣଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଆଜି ସକାଳେ ସ୍ଥାନୀୟ ଲୋକ ରାସ୍ତାରୋକ କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ରାସ୍ତା ଉପରେ ଖରାପ ହୋଇ ଛିଡ଼ା ହୋଇଥିବା ଉକ୍ତ ଲୁହାପଥର ବୋଝେଇ ଟ୍ରକ୍‌କୁ ଶୀଘ୍ର ହଟାଇବା ପାଇଁ ଦାବି କରିଥିଲେ। ବିକ୍ଷୋଭ ଯୋଗୁଁ ଏହି ଜାତୀୟ ରାଜପଥରେ ସକାଳ ୬ଟାରୁ ଦିନ ୧୦ଟା ପର୍ଯ୍ୟନ୍ତ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ମାଲକାନଗିରି ଏସଡିପିଓ ଦିବ୍ୟରଞ୍ଜନ ଦଳେଇ, ମାଥିଲି ତହସିଲଦାର ମାନସୀ ଭୋଇ, ମାଲକାନଗିରି ଥାନା ଆଇଆଇସି ରିଗାନ କିଣ୍ଡୋ ପ୍ରମୁଖ ସଦଳବଳେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ଏବଂ ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ପୁଲିସ ଶବଦ୍ୱୟକୁ ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଗୋଟିଏ ଦିନରେ ଏକା ସାଙ୍ଗରେ ଦୁଇ ଯୁବକଙ୍କର

■ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ
■ ୪ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ

ମୃତ୍ୟୁ ଘଟିଥିବାରୁ କଂଗଡି ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ସୂଚନା ଅନୁଯାୟୀ, ଏହି ଲୁହାପଥର ବୋଝେଇ ଏକ ଟ୍ରକ୍ ଯୋଗୁଁ ଦୁଇ ଦିନରେ ଦୁଇଟି ଦୁର୍ଘଟଣା ଘଟିସାରିଲାଣି। ଶୁକ୍ରବାର ଦିନ ସେହି ଟ୍ରକ୍‌ରେ ପିଟି ହୋଇ ପାଣ୍ଡ୍ରିପାଣି ପଞ୍ଚାୟତ ସନ୍ୟାସୀଗୁଡ଼ା ଗ୍ରାମର ଦୁଇଜଣ ବାଇକ୍ ଆରୋହୀ ଆହତ ହୋଇଥିଲେ। ସେମାନଙ୍କୁ କୋରାପୁଟ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ, ପୁଣି ଶନିବାର ବିଳମ୍ବିତ ରାତିରେ ସେହି ଟ୍ରକ୍‌ରେ ଆଉ ଏକ ବାଇକ୍ ପିଟି ହେବାରୁ ଦୁଇଜଣଙ୍କ ମୃତ୍ୟୁ ହୋଇଛି।

## ନୂଆପଡ଼ାରେ କଂଗ୍ରେସର ନ୍ୟାୟ ଯାତ୍ରାକୁ ମିଳୁନି ଅନୁମତି

ଭୁବନେଶ୍ୱର, ୫।୧୦ (ସମିସ): ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଯୋଗୁଁ କଂଗ୍ରେସର ନ୍ୟାୟ ଯାତ୍ରାକୁ ମିଳୁନି ଅନୁମତି। ଯାହାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ କ୍ଷୋଭ ପ୍ରକାଶ କରିଛନ୍ତି। ଶ୍ରୀ ଦାସ କହିଛନ୍ତି ଯେ ୬ ତାରିଖରୁ ନୂଆପଡ଼ାରେ ନ୍ୟାୟ ଯାତ୍ରା ନେଇ ଗତ ୧ ତାରିଖରୁ କଂଗ୍ରେସ ଦଳ ଘୋଷଣା କରିଛି। ସେଥିପାଇଁ ସେ ନୂଆପଡ଼ାରେ ରହିବେ। ସେଠି ଚାରି ଦିନବ୍ୟାପୀ କାର୍ଯ୍ୟକ୍ରମ ହେବ। ମାତ୍ର ଦୁର୍ଭାଗ୍ୟର କଥା, ସେ ଏହି ଘୋଷଣା କରିବା ପରେ ମୁଖ୍ୟମନ୍ତ୍ରୀ ୬ ତାରିଖରେ ନୂଆପଡ଼ା ଯାଉଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ତାଙ୍କୁ ସୁରକ୍ଷା ଦେବାକୁ ବାଧ ହେଉଛି ଓ ଏଥିସହ କଂଗ୍ରେସ କାର୍ଯ୍ୟକ୍ରମ ବାତିଲ କରିବା ପାଇଁ ଆମକୁ କୁହାଯାଉଛି। ଏହାକୁ ନେଇ ଭକ୍ତ ଅସନ୍ତୋଷ ପ୍ରକାଶ କରିଛନ୍ତି।

**କ୍ଷୋଭ ପ୍ରକାଶ କଲେ ଭକ୍ତ**

ସେ କହିଛନ୍ତ, ଜାଣିଶୁଣି ଆମ କାର୍ଯ୍ୟକ୍ରମ ଭଣ୍ଡୁର କରିବାକୁ ଉଦ୍ୟମ କରଯାଉଛି। କାର୍ଯ୍ୟକ୍ରମ ଘୁଞ୍ଚାଇବାକୁ ପ୍ରଶାସନ ଆମକୁ ଅନୁରୋଧ କରୁଛି। ହେଲେ ଆମେ କାର୍ଯ୍ୟକ୍ରମ ନିଶ୍ଚିତ କରିବୁ ବୋଲି ଭକ୍ତ କହିଛନ୍ତି। ଆବଶ୍ୟକସ୍ଥଳେ ଆମେ ରାସ୍ତା ବଦଳାଇବୁ। ଆମର ସେଠି ୪୦ କିଲୋମିଟର ବାଇକ ଶୋଭାଯାତ୍ରା ହେବ। କୋମନାରୁ ଖରିଆର ରୋଡ୍ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ହେବ। ଖରିଆର ରୋଡ୍‌ରେ ଆମର ୧୦ ହଜାର ଲୋକଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହେବ। ସେ ଆହୁରି କହିଛନ୍ତି ଯେ ଘାସିରାମ ମାଝୀ ହିଁ ଆମର ଚୂଡ଼ାନ୍ତ ପ୍ରାର୍ଥୀ। ନୂଆପଡା ଆମ ସିଟ୍, ଆମେ ଜିତିବୁ ସୁନିଶ୍ଚିତ। ସେଠି ଆମ ଦଳ ଅଧିକ ଭୋଟ୍ ପାଇବ ଓ ଭଲ ସ୍ଥାନ ବଜାୟ ରଖିବାକୁ ସକ୍ଷମ ହେବ। ସେଠିକୁ ମୁଖ୍ୟମନ୍ତ୍ରୀ ଯାଆନ୍ତୁ ବା ଯାହା ବି ହେଉ ଆମର କିଛି ଅସୁବିଧା ହେବନି। ଆମେ ଜୋନ ଗଠନ କରିସାରିଲୁଣି। ଜଣେ ଜଣେ ବିଧାୟକ ଦୁଇଟି ଜୋନକୁ ନିରୀକ୍ଷଣ କରିବେ। ଆମର ପ୍ରସ୍ତୁତ ଶେଷ ହୋଇ ସାରିଲାଣି। କଂଗ୍ରେସ ସେଠି ଜିତିବା ସୁନିଶ୍ଚିତ ବୋଲି ଭକ୍ତ କହିଛନ୍ତି।

## ଚାକିରି ବିକ୍ରି: ମେଧାବୀଙ୍କ ଆଖିରେ ଲୁହ
# ବଡ଼ ଆନ୍ଦୋଳନ ପାଇଁ ସଜବାଜ

ଭୁବନେଶ୍ୱର, ୪।୧୦(ସମିସ): ରାଜ୍ୟରେ ଚାକିରି ବିକ୍ରି ହେଉଛି। ଯାହା ପାଖରେ ଟଙ୍କା ଅଛି, ସେ ଲାଞ୍ଚ ଦେଇ ଚାକିରି ପାଉଛି। ଏପରିକି, ବଡ଼ବଡ଼ ପଦରେ ଥିବା ଅଧିକାରୀମାନେ ସେମାନଙ୍କ ପୁଅ-ଝିଅ ପାଇଁ ଚାକିରି କିଣି ଦେଉଛନ୍ତି। ଫଳରେ ପରୀକ୍ଷାରେ ଆଖି ଖୋସି ହୋଇଗଲା ପରି କଟ୍-ଅଫ୍ ଯାଉଛି। ଦୀର୍ଘ ବର୍ଷ ଧରି ଦିନରାତି ପାଠ ପଢୁଥିବା ଛାତ୍ରଛାତ୍ରୀମାନେ କଟ୍-ଅଫ୍ ଦେଖିଲା ପରେ ମୁଣ୍ଡରେ ହାତ ଦେଉଛନ୍ତି। ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ଘଟଣା ପଦାକୁ ଆସିବା ପରେ ମେଧାବୀଙ୍କ ଚିନ୍ତା ବହୁଗୁଣିତ ହୋଇଛି। ଖୁଲମ୍‌ଖୁଲା ଚାକିରି କିଣାବିକା ହେଉଥିବାରୁ କେମିତି ସରକାରୀ ଚାକିରି ଖଣ୍ଡେ ପାଇବେ ବୋଲି ଚିନ୍ତାରେ ପଡ଼ିଛନ୍ତି। ପାଠପଢ଼ା ଛାଡ଼ି ବିକଳ୍ପ ଚିନ୍ତା କରିବା ସହ ତୀବ୍ର ଆନ୍ଦୋଳନ ହିଁ ଏକମାତ୍ର ବିକଳ୍ପ ବୋଲି ବିଚାର କରୁଛନ୍ତି। ଭୁବନେଶ୍ୱର ଓ କଟକରେ ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ଖୁବଶୀଘ୍ର ରାଜ୍ୟର କୋଣ ଅନୁକୋଣରେ ଆନ୍ଦୋଳନ କରବା ପାଇଁ ସଜବାଜ ହେଉଛନ୍ତି।

ମୋଟ୍ ୯୩୩ଟି ପୁଲିସ ସବ୍-ଇନ୍ସପେକ୍ଟର୍ (ଏସ୍ଆଇ) ପଦ ମଧ୍ୟରୁ ପ୍ରାୟ ୪୨୦ଟି ପଦ ବିକ୍ରି କରିବା ପାଇଁ ଡିଲ୍ ହୋଇଥିଲା। କିଛି ଦଲାଲ୍ ଏନେଇ ଆଶାୟୀ ପ୍ରାର୍ଥୀଙ୍କୁ ହ୍ୱାଟସ୍‌ଆପ୍‌ମେସେଜ୍‌ରେକହିଥିବାରସ୍କ୍ରିନ୍‌ସଟ୍‌ଏବେବିଭିନ୍ନସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଛି। ଅର୍ଥାତ୍ ପ୍ରାୟ ୫୦% ସିଟ୍ ବିକ୍ରି ହେଉଥିବା ଏକପ୍ରକାର ସ୍ପଷ୍ଟ ଜଣାପଡୁଛି। ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ରୁ ୧୧୪ଜଣ ପରୀକ୍ଷାର୍ଥୀଙ୍କ ସମେତ ୩ଜଣ ଦଲାଲ୍ ଧରା ହେବା ଚାକିରି ବିକ୍ରି ଅଭିଯୋଗ ଉପରେ ମୋହର ମାରିଛି। ହେଲେ ଏହା ପୂର୍ବରୁ ମଧ୍ୟ ପ୍ରାୟ ୨ଶହ ଆଶାୟୀଙ୍କୁ ନିଆଯାଇଥିବା ମେଧାବୀମାନେ ଅଭିଯୋଗ କରିଛନ୍ତି। କିଛି ପରୀକ୍ଷାର୍ଥୀ ଧରାପଡ଼ିବା ପରେ ଅନ୍ୟମାନେ ଅଲଗା ଅଲଗା ହୋଇ ଟ୍ରେନ୍ ଓ ବିମାନ ଯୋଗେ ବିଭିନ୍ନ ସ୍ଥାନକୁ ପଳାଇଛନ୍ତି।

'ଟଙ୍କା ଦିଅ, ଚାକିରି ନିଅ' ନାମକ ଏକ ଅଘୋଷିତ ଯୋଜନା ଆରମ୍ଭ ହୋଇଥିବାରୁ ପ୍ରକୃତ ମେଧାବୀମାନେ ଚିନ୍ତା ଓ ଚାପରେ ପଡ଼ିଛନ୍ତି। ଗ୍ରାମାଞ୍ଚଳ ଓ ଗରିବ ପରିବାରରୁ ଆସି ୫ଟଙ୍କିଆ ଆହାର ଖାଇ ପଢୁଥିବା ପିଲାମାନେ ଚାକିରି କିପରି ପାଇବେ ବୋଲି ଭାବୁଛନ୍ତି। କାରଣ ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ଟଙ୍କା ନାହିଁ, ଯାହା ଦେଇ ଚାକିରି କିଣି ପାରିବେ। ପାଠ ପଢ଼ିଲେ ମଧ୍ୟ ଚାକିରି ପାଇବେ ନାହିଁ, କାରଣ ସେମାନେ ଲକ୍ଷ୍ୟ ରଖି ପଢୁଥିବା ପଦଗୁଡ଼ିକ ବିକ୍ରି ହୋଇ ଯାଉଛି। ଟଙ୍କା ଦେଇ ପୂର୍ବରୁ ପ୍ରଶ୍ନପତ୍ର ପାଉଥିବାରୁ ୯୫%ରୁ ଅଧିକ କଟ୍-ଅଫ୍ ଯାଉଛି। ଏପରି ସ୍ଥିତିରେ ସରକାରୀ ଚାକିରି ଖଣ୍ଡେ ପାଇବା ଏକପ୍ରକାର ଅସମ୍ଭବ ହୋଇ ପଡୁଛି।

ମେଧା ଭିତ୍ତିରେ ଚାକିରି ପାଇବାକୁ ଆଶାୟୀମାନେ ବିକଳ୍ପ ଚିନ୍ତା କରୁଛନ୍ତି। ଗତକାଲି ଅର୍ଥାତ ଶୁକ୍ରବାର ଭୁବନେଶ୍ୱରସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ସମ୍ମୁଖରେ ଆଶାୟୀମାନେ ଏକତ୍ରିତ ହେବା ସହ ଆନ୍ଦୋଳନ କରିଛନ୍ତି। ସରକାର ଚାକିରି ବିକ୍ରି ବନ୍ଦ କରିବାକୁ ଦାବି କରିବା ସହ ମାଷ୍ଟମାଇଣ୍ଡକୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ଏହାର ଦିନକ ପରେ ଅର୍ଥାତ୍ ଶନିବାର କଟକସ୍ଥିତ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ଗ୍ରନ୍ଥାଗାର ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଘଟଣାର ୫ଦିନ ପରେ ମଧ୍ୟ ପୁଲିସ୍ ଅଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉନଥିବାରୁ ଆନ୍ଦୋଳନକୁ ଅଧିକ ବ୍ୟାପକ କରିବାକୁ ଯୋଜନା କରୁଛନ୍ତି।

## ଆଗୁଆ ଆସି ହଟହଟା ହବିଷିଆଳି

ପୁରୀ, ୫।୧୦(ସମିସ): ଦିନକ ପରେ ଆରମ୍ଭ ହେବ ଧର୍ମ ମାସ କାର୍ତ୍ତିକ। ପୁଣ୍ୟଭୂମି ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରିବେ ହବିଷିଆଳି। ଏଥିଲାଗି ଶ୍ରୀକ୍ଷେତ୍ରରେ ହବିଷିଆଳିଙ୍କ ସମାଗମ ହେଲାଣି। ଟ୍ରେନ୍ ଏବଂ ବସ୍ ଯୋଗେ ହବିଷ୍ୟାଳି ମା'ମାନେ ଆସି ପୁରୀରେ ପହଞ୍ଚିଛନ୍ତି। ନିଜସ୍ୱ ଉଦ୍ୟମରେ ବହୁ ସଂଖ୍ୟକ ହବିଷ୍ୟାଳି ରହୁଥିବାବେଳେ ଏ ବର୍ଷ ୨,୫୦୦ ବ୍ରତଧାରୀ ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ରହିବେ। ତେବେ ଗୋଟିଏ ଦିନ ପୂର୍ବରୁ ଆସି ହଟହଟା ହୋଇଛନ୍ତି ହବିଷ୍ୟାଳି। ରବିବାର କେତେଜଣ ବ୍ରତଧାରୀ ହବିଷ୍ୟାଳି ଯୋଜନାରେ ଆସି ବିଭିନ୍ନ ରହଣି କେନ୍ଦ୍ର ସମ୍ମୁଖରେ ପହଞ୍ଚିଛନ୍ତି। ଯେହେତୁ ପ୍ରଶାସନ ପକ୍ଷରୁ ୭ ତାରିଖରେ ହବିଷ୍ୟାଳିଙ୍କୁ ରଖାଯିବ ବୋଲି ଘୋଷଣା କରାଯାଇଛି ତେଣୁ ସେମାନଙ୍କୁ ରହଣି ପ୍ରକୋଷ୍ଠକୁ ଛଡ଼ା ଯାଇ ନ ଥିଲା। ରବିବାର ଅପରାହ୍ନରେ ମୋଚିସାହି କଲ୍ୟାଣମଣ୍ଡପରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କୁ କଲ୍ୟାଣ ମଣ୍ଡପ କ୍ୟାମ୍ପସ୍‌କୁ ଛଡ଼ାଯାଇଥିଲା। ଶେଡ୍ ତଳେ କିଛି ହବିଷ୍ୟାଳି ବସି ରହିଥିବା ଦେଖିବାକୁ ମିଳିଥିଲା।

ଗତ ଶୁକ୍ରବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି କାର୍ତ୍ତିକ ନୀତି। ରାଧାଦାମୋଦର ବେଶରେ ଦର୍ଶନ ଦେଉଛନ୍ତି ମହାପ୍ରଭୁ। କିନ୍ତୁ ପରମ୍ପରା ଅନୁଯାୟୀ, ହବିଷ୍ୟାଳିମାନେ କାର୍ତ୍ତିକ ମାସ ପ୍ରଥମ ଦିନରୁ କାର୍ତ୍ତିକ ବ୍ରତ ଆରମ୍ଭ କରିଥା'ନ୍ତି। ପ୍ରାତଃରୁ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରନ୍ତି। ଦର୍ଶନ ପରେ ରହୁଥିବା ବିଭିନ୍ନ ମଠ, ଧର୍ମଶାଳା ଏବଂ ଆଶ୍ରୟସ୍ଥଳୀର ତୁଳସୀ ଚଉରା ମୂଳେ ପୂଜା କରିଥା'ନ୍ତି। ଦିନରେ ଗୋଟିଏ ଥର ମହାପ୍ରସାଦ ସେବନ ଅର୍ଥାତ୍ ହବିଷ୍ୟାନ୍ନ କରି କାର୍ତ୍ତିକ ବ୍ରତ ପାଳିଥା'ନ୍ତି। କାର୍ତ୍ତିକ ବ୍ରତ ପାଳନ କରିବା ପାଇଁ ରବିବାର କିଛି ହବିଷ୍ୟାଳି ପୁରୀରେ ପହଞ୍ଚିଛନ୍ତି।


PUJA OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

AFFIDAVIT
I, Alia Sahu, S/o- Bikhari Sahoo, Resident of Upimara Patana, PO: Tangi, PS: Tangi, Dist.: Khordha, Odisha, PIN-752023 declared by this Affidavit No.: 1112/2025, Dated.04.10.2025. That now onwards I shall be known as **ALIA SAHOO** for all future Purposes.

AFFIDAVIT
I VANIMISETTY PRAVAKAR RAO @ VANIMISETTY PRABHAKA, S/o VANIMISETTY LAXMI PATHY resident of Laxmipathy House, N.K.T.Road, Po- P.R.Peta, Ps- Jeypore, Dist- Koraput-764 003, Odisha declare by this Affidavit No.1465, Dated - 03/10/2025, that now onwards I shall be known as **VANIMISETTY PRABHAKAR RAO** for all future purpose.

AFFIDAVIT
By virtue of an affidavit before the Executive Magistrate, Tigiria vide No- 09/3.10.2025 I Kusuma Rout W/o Rasmikanta Rout of Vill- Somapada, Po-Badabhuin, Ps-Tigiria, Dist-Cuttack that I have changed my name from Kusum Rout to Kusuma Rout. Henceforth I shall be known as Kusuma Rout for all purpose.

AFFIDAVIT
By virtue of an affidavit sworn before the Executive Magistrate, Bhubaneswar, dated 21/08/2025, CF No.- 99/ 21.08.2025. I, Ramagobinda Pradhan, S/o- Pati Pradhan, At- Hrudayaprasad, PO- Karanjamal, PS- Bansada, Dist- Bhadrak, Pin- 756164, declare that I have changed the name of my son from Suvam Mandal to Suvam Pradhan. Henceforth, he shall be known as new name Suvam Pradhan for all purposes.
**Ramagobinda Pradhan**

AFFIDAVIT
I VANIMISETTY ASHALATHA, W/o- VANIMISETTY PRABHAKAR RAO resident of Laxmipathy House, N.K.T. Road, Po- P.R. Peta, Ps- Jeypore, Dist- Koraput - 764003, Odisha declare by this Affidavit No.1466, Dated - 03/10/2025, that now onwards I shall be known as **VANIMISETTY ASHA LATA** for all future purpose.

AFFIDAVIT
By virtue of an affidavit sworn before the Executive Magistrate / Tahasildar, Oupada, Dist. Balasore, Odisha on dated 03/10/2025, I M S Raj Ariyan, S/O- Susanta Kumar Nayak, At. Patapur, Po. Oupada, Ps. Oupada, Dist. Balasore, Odisha, Pin- 756049, declare that I have changed my name from Ms Raj Ariyan to M S Raj Ariyan. Henceforth, I will be known as M S Raj Ariyan for all purposes.
**M S Raj Ariyan**


## ୧୦୦ ଫୁଟ୍ ତଳକୁ ଖସିଲା ଟ୍ରକ୍




ବରଗଡ଼, ୫।୧୦(ସମିସ): ଅମ୍ବାଭୋନା ସମରଧାରା ବୁଲାଣି ନିକଟରେ ରବିବାର ଏକ ଟ୍ରକ ଭାରସାମ୍ୟ ହରାଇ ରାସ୍ତା ଉପରୁ ପ୍ରାୟ ୧୦୦ ଫୁଟ ତଳକୁ ଖସି ପଡ଼ିଛି। ଏହି ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ସୁରକ୍ଷିତ ଥିବା ବେଳେ ଟ୍ରକଟି ବର୍ତ୍ତମାନ ଯାଏଁ ତଳେ ପଡ଼ି ରହିଛି। ଏହି ବୁଲାଣି ରାସ୍ତା ଉପରେ ବିଭିନ୍ନ ସମୟରେ ପୂର୍ବରୁ ମଧ୍ୟ ବାରମ୍ବାର ଦୁର୍ଘଟଣାମାନ ଘଟୁଥିବା ଦେଖାଦେଇଛି। ତେବେ ଆଜି ପୁଣି ଏଭଳି ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି।

## ବରଗଡ଼ ଜିଲ୍ଲାର ଜେଲଗୁଡ଼ିକରେ ପୁଲିସର ଅତର୍କିତ ଚଢ଼ଉ

ବରଗଡ଼, ୫।୧୦(ସମିସ): ଜିଲ୍ଲାର ବିଭିନ୍ନ ଜେଲ୍‌ରେ ବରଗଡ଼ ପୁଲିସ ପକ୍ଷରୁ ରବିବାର ସକାଳେ ଏକା ସାଙ୍ଗରେ ଆକସ୍ମିକ ଚଢ଼ଉ ହୋଇଛି। ବରଗଡ଼ ଏସ୍‌ପି ପ୍ରହ୍ଲାଦ ସହାଇ ମୀନାଙ୍କ ନେତୃତ୍ୱରେ ଜିଲ୍ଲା ଜେଲ ସମେତ ପଦ୍ମପୁର ସବ୍‌ଜେଲ୍ ଓ ସୋହେଲା

**ନିଶା ସାମଗ୍ରୀ ଜବତ**





ସବ୍‌ଜେଲରେ ଏକକାଳୀନ ଭାବେ ଚଢ଼ଉ ହୋଇଥିଲା। ଚଢ଼ଉରେ ଜେଲ୍ ପରିସରରେ ବର୍ଜିତ ଥିବା ଭାଙ୍ଗ, ବିଡି ଓ ଦିଆସିଲି ଆଦି ସାମଗ୍ରୀ ଜବତ କରାଯାଇଛି। ଚଢ଼ଉ ବେଳେ ବରଗଡ଼ ଏସ୍‌ପି ଶ୍ରୀ ମୀନା, ବରଗଡ଼ ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ଆସିଷ୍ଟାଣ୍ଟ କଲେକ୍ଟର ମଦନ ପଣ୍ଡା, ଅତିରିକ୍ତ ଏସ୍‌ପି ସୌରଭ ଓଟା, ଏସ୍‌ଡିପିଓ ପଦାର ବିନ୍ଦ ତ୍ରିପାଠୀ, ବିଭିନ୍ନ ଥାନା ଅଧିକାରୀ ସମେତ ୪ପ୍ଲାଟୁନ ଫୋର୍ସ ସାମିଲ ଥିଲେ। ବରଗଡ଼ ଜିଲ୍ଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଜେଲରେ କଏଦୀଙ୍କ ସୁଧାର ପାଇଁ ଅନେକ କାର୍ଯ୍ୟକ୍ରମ ସବୁ କରାଯାଉଛି। ଏହାପରେ ମଧ୍ୟ ଜେଲ୍ ପରିସରକୁ ବର୍ଜିତ ସାମଗ୍ରୀ କିଭଳି ଆସୁଛି, ତାକୁ ନେଇ ପୁଲିସ ତଦନ୍ତ ଜାରି ରଖିବା ସହ ଜିରୋ-ଟଲରାନ୍ସ ନୀତିରେ ଶୃଙ୍ଖଳା ଆଣିବା ପାଇଁ ଚଢ଼ଉ କରାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତି ମାସରେ ଏମିତି ବିଭିନ୍ନ ସମୟରେ ପୁଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ମିଳିତ ଚଢ଼ଉ ହୁଏ ବୋଲି ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜଳୁଛି କଟକ...

ଆହତ ହୋଇଥିବା ବେଳେ ୨ଜଣଙ୍କୁ ଏସସିବିରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଭସାଣୀରେ ହୋଇଥିବା ଗଣ୍ଡଗୋଳକୁ ନେଇ ଦରଘାବଜାର ଅଞ୍ଚଳରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଥିଲା। ଆଜି କଟକ ବନ୍ଦକୁ ସଫଳ କରିବା ପାଇଁ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏକ ବିରାଟ୍ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାକାରୀମାନେ ପୋଡାପୋଖରୀ ଠାରୁ ଶୋଭାଯାତ୍ରାରେ ଆସି ବକ୍ସିବଜାର, ତିନିକୋଣିଆ ବଗିଚା, ଦରଘାବଜାର, ଚୌଧୁରୀବଜାର ମୁଖ୍ୟ ରାସ୍ତା ଦେଇ ସହର ପରିକ୍ରମା କରିବାକୁ ଯୋଜନା କରିଥିଲା। ଯେତେବେଳେ ଶହ ଶହ ଶୋଭାଯାତ୍ରାକାରୀମାନେ ବଜ୍ରକବାଟୀ ଛକରେ ପହଞ୍ଚିଥିଲେ ସେତେବେଳେ ପୁଲିସ ସେମାନଙ୍କୁ ଅଟକାଇଥିଲା। କିନ୍ତୁ ପୁଲିସର ବାରଣ'କୁ ନମାନି ଶହ ଶହ ଶୋଭାଯାତ୍ରାକାରୀ ନାରା ଦେଇ ଦରଘାବଜାର ଆଡକୁ ଅଗ୍ରସର ହୋଇଥିଲେ। ଦରଘାବଜାର ବିଗ୍ ବଜାର ନିକଟରେ ବ୍ୟାରିକେଡ୍ ଦେଇ ପୁଲିସ ଯେତେବେଳେ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା, ସେତେବେଳେ ପୁଲିସ ଓ ଶୋଭାଯାତ୍ରାକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ବ୍ୟାରିକେଡ୍ ଭାଙ୍ଗି ଶହ ଶହ ଶୋଭାଯାତ୍ରାକାରୀ ଚୌଧୁରୀବଜାର ଆଡକୁ ଅଗ୍ରସର ହୋଇଥିଲେ। ଡିସିପି ଶ୍ରୀ ଦ୍ୟାନଦେଓଙ୍କୁ ଶୋଭାଯାତ୍ରାକାରୀମାନେ ମାଡ ମାରିଥିଲେ। ଏହା ଭିତରେ ପୁଲିସ ଓ ଶୋଭାଯାତ୍ରାକାରୀଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଡିସିପି ଶ୍ରୀ ଦ୍ୟାନଦେଓ, ୩ଏସିପି, ଜଣେ ଏଡିସିପି, ୨ଆଇଆଇସି ଗୁରୁତର ଆହତ ହୋଇପଡ଼ିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପକ୍ଷରୁ ଲାଠିଚାର୍ଜ କରାଯାଇଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ପୁଲିସ ଟିୟର୍ ଗ୍ୟାସ୍ ମାଡ କରିଥିଲା। ଏବେ ବିକ୍ଷୋଭକାରୀଙ୍କୁ ଘଉଡାଇବାକୁ ୩କମ୍ପାନୀ ଫୋର୍ସ ମୁତୟନ କରାଯାଇଛି। ଦରଘାବଜାର ଅଞ୍ଚଳକୁ ପୁଲିସ ଜଗି ରହିଥିବା ବେଳେ କର୍ଫ୍ୟୁ ଘୋଷଣା କରିବାକୁ ପୁଲିସ ପୂର୍ବପ୍ରସ୍ତୁତି ଚଳାଇଛି। ଅନ୍ୟପଟେ ଦରଘବଜାର ଅଞ୍ଚଳରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଛି। ଏଭଳି ପରିସ୍ଥିତିରେ ପୁଲିସ କେଉଁଭଳି ଭାବେ ଶୋଭାଯାତ୍ରାକାରୀଙ୍କୁ ସେଠାକୁ ଛାଡିଲା ଏବଂ ଶୋଭାଯାତ୍ରା ପାଇଁ ପୁଲିସ ଅନୁମତି ଦେଇଥିଲା କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି ସମ୍ପୃକ୍ତ ଅଞ୍ଚଳ ଉତ୍ତେଜନାପ୍ରବଣ ହୋଇଥିବା ବେଳେ ଏହି ବିଶାଳ ଶୋଭଯାତ୍ରାକୁ ପୁଲିସ କାହିଁକି ମୂଳରୁ ଅଟକାଇଲା ନାହିଁ? ଯଦି ଏଦିଗରେ ପୁଲିସ ପଦକ୍ଷେପ ନେଇ ଥାଆନ୍ତା ତାହାଲେ ଏହି ଗଣ୍ଡଗୋଳକୁ ଏଡାଇ ଦିଆଯାଇ ପାରି ଥାଆନ୍ତି। ପୁଲିସର ଗୁଇନ୍ଦା ବିଭାଗର ବିଫଳତା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସାଧାରଣରେ ଅଭିଯୋଗ ଉଠିଛି।

### ବିଶୃଙ୍ଖଳା କଲେ...

ସାଧାରଣ ଲୋକଙ୍କ ଜୀବନ ଯାତ୍ରାରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ସହରବାସୀ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ସେ ଅନୁରୋଧ କରିଛନ୍ତି।

### ଜାଲିଆତି ଚେର...

ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେଉଁ ସବୁ ସଂସ୍ଥା ପୂର୍ବରୁ କଳା ତାଲିକାଭୁକ୍ତ ଥିଲା ସେହିସବୁ ସଂସ୍ଥାଗୁଡ଼ିକୁ ପ୍ରଶ୍ନପତ୍ର ପ୍ରସ୍ତୁତି ଓ ପରୀକ୍ଷା ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଥିବା ସଂକ୍ରାନ୍ତରେ ତଥ୍ୟ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି। ରଘୁନାଥପୁରସ୍ଥିତ ଶ୍ରୀଲିଙ୍ଗରାଜ ଇନ୍‌ଫୋସେଲ ଅନଲାଇନ୍ ପରୀକ୍ଷା ସେଣ୍ଟରକୁ ସିଲ୍ କରିଛି କ୍ରାଇମବ୍ରାଞ୍ଚ। ଏସଆଇ ଚାକିରି ବିକ୍ରି ଘଟଣାର ଅନ୍ୟତମ ପ୍ରମୁଖ ଅଭିଯୁକ୍ତ ଶଙ୍କର ପୃଷ୍ଟି ଏଠାରେ ନିଜର କାର୍ଯ୍ୟାଳୟ ଖୋଲିଥିଲେ। ଶ୍ରୀଲିଙ୍ଗରାଜ ଇନଫୋସେଲର ପରୀକ୍ଷା ଲ୍ୟାବରେ କୌଣସି ପରୀକ୍ଷା ଉପକରଣ ନ ଥିବା କ୍ରାଇମବ୍ରାଞ୍ଚକୁ ସନ୍ଦେହରେ ପକାଇଛି। ଏଠାରେ ୫ ଓ ୬ ତାରିଖରେ ଲିଖିତ ପରୀକ୍ଷା କରାଯିବାର ବ୍ୟବସ୍ଥା ହୋଇଥିଲା, ମାତ୍ର ଅକସ୍ମାତ ଏଠାରୁ ପରୀକ୍ଷା ନିମନ୍ତେ ଆବଶ୍ୟକ ସାମଗ୍ରୀ କେଉଁଆଡ଼େ ଓ କିଏ ସ୍ଥାନାନ୍ତରିତ କଲା ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଅନୁସନ୍ଧାନ ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ଶ୍ରୀଲିଙ୍ଗରାଜ ଇନଫୋସେଲ ଅନଲାଇନ୍ ପରୀକ୍ଷା ସେଣ୍ଟରକୁ କ୍ରାଇମବ୍ରାଞ୍ଚ ସିଲ୍ କରିଛି। ଅପରପକ୍ଷରେ ସିଲିକନ୍ ଟେକ୍ ଲ୍ୟାବର ମାଲିକଙ୍କ ସମେତ ୫ରୁ ଅଧିକ ବ୍ୟକ୍ତିଙ୍କୁ ମାରାଥନ ଜେରାବେଳେ ମଧ୍ୟ କିଛି ସୂରାକ ମିଳିଥିବା କୁହାଯାଉଛି।

ଗତକାଲି କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଥିବା ବିଦ୍ୟାଧରପୁରର ବିଶ୍ୱରଞ୍ଜନ ବେହେରା ପୁଲିସ ବାହିନୀର ସ୍ପେସାଲ ସିକ୍ୟୁରିଟି ବାଟାଲିୟନ (ଏସ୍‌ଏସ୍‌ବି)ରେ କାର୍ଯ୍ୟରତ ଥିବା ସୂଚନା ମିଳିଛି। ପୂର୍ବରୁ ସେ ଲୋକସେବା ଭବନ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସେ କାର୍ଯ୍ୟ କରିଛନ୍ତି। ଆଜି କ୍ରାଇମବ୍ରାଞ୍ଚ ପକ୍ଷରୁ ଜାରି ସୂଚନା ଅନୁସାରେ ବିଶ୍ୱରଞ୍ଜନ ଠକେଇ ସିଣ୍ଡିକେଟର ଜଣେ ମେମ୍ବର ବା ଦଲାଲ ଭାବେ କାମ କରୁଥିଲେ। ତେଣୁ ବିଶ୍ୱରଞ୍ଜନ ଯଦି ଏହି ସିଣ୍ଡିକେଟ୍‌ର ମେମ୍ବର ତେବେ ଏହାର ମୁଖିଆ କିଏ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ଚାକିରି ବେପାର ଘଟଣାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଶଙ୍କର ଏବଂ ମୁନ୍ନାକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯିବା ସହ ବିଭିନ୍ନ ଶିକ୍ଷାନୁଷ୍ଠାନର ମାଲିକଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ସେହିପରି ଏହି ବ୍ୟକ୍ତିମାନଙ୍କ ଆର୍ଥିକ କାରବାର ତଥ୍ୟ ଦେବାକୁ ବିଭିନ୍ନ ବ୍ୟାଙ୍କକୁ ଚିଠି ଲେଖାଯାଇଥିବା କ୍ରାଇମ୍‌ବ୍ରାଞ୍ଚ ସୂଚନା ଦେଇଛି।

### ଶଙ୍କର ପୃଷ୍ଟିର...

ସେହି ଘରେ ତାଲା ପଡ଼ିଛି। ଶଙ୍କର ପୃଷ୍ଟି ସଂପର୍କରେ ଆଉ ଏକ ସାଂଘାତିକ ତଥ୍ୟ ମଧ୍ୟ ସାମ୍ନାକୁ ଆସିଛି। ମହାରାଷ୍ଟ୍ରର ଜଣେ ବ୍ୟକ୍ତି ସହ ଶଙ୍କର ପୃଷ୍ଟିର ଘନିଷ୍ଠତା ରହିଛି ଓ ସମ୍ପୃକ୍ତ ବ୍ୟକ୍ତିଙ୍କର ରାଜ୍ୟ ସରକାରରେ ବିଶେଷ ପ୍ରଭାବ ରହିଛି। ଶଙ୍କର ପୃଷ୍ଟି ସହ ସେହି ବ୍ୟକ୍ତି ସିଲିକନ୍ ଟେକ୍‌ଲାବ୍ ଓ ରାଜ୍ୟର ବଡ଼ବଡ଼ିଆଙ୍କ ସହ ସାକ୍ଷାତ କରିଥିଲେ। କେବଳ ସେତିକି ନୁହେଁ, ସଂପୃକ୍ତ ବ୍ୟକ୍ତିଙ୍କ ଜରିଆରେ ଶଙ୍କର ପୃଷ୍ଟି ମହାରାଷ୍ଟ୍ରରେ ମଧ୍ୟ ଘର କିଣିଥିବା ଜଣାପଡ଼ିଛି।

### ସଂଶୟରେ ଓସିଏସ୍...

ପ୍ରଘଟ, ଚାକିରି ଅନିୟମିତତା ସରକାରଙ୍କୁ ଅଡୁଆରେ ପକାଇଛି। ଏହି ସମୟରେ ପୁଲିସ ଏସ୍‌ଆଇ ଚାକିରି ବିକ୍ରି ରାକେଟ ଧରାପଡ଼ିବା ପରେ ଓସିଏସ୍, ଅମିନ ଓ ଆର୍‌ଆଇ ଚାକିରି କାହିଁକି ବିକ୍ରି ହେଉ ନ ଥିବ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି।

ଅପରପକ୍ଷରେ ଆର୍‌ଆଇ, ଅମିନ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ସରକାର ପରୋକ୍ଷରେ ସ୍ୱୀକାର କରିଥିଲେ। ଜାଲିଆତିର ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ମାତ୍ର ତଦନ୍ତ ରିପୋର୍ଟକୁ ସାର୍ବଜନୀନ ନ କରି ସମସ୍ତ ପରୀକ୍ଷାର୍ଥୀଙ୍କୁ ପାସ୍ କରାଇଦେଲେ। ଅନିୟମିତତାରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ପାଖରେ ସରକାର ପହଞ୍ଚପାରି ନ ଥିଲେ। ମାମଲା କୋର୍ଟରେ ପହଞ୍ଚିବା ପରେ ପରୀକ୍ଷାକୁ ସମ୍ପୂର୍ଣ୍ଣ ରଦ୍ଦ କରାଯାଇଛି ଓ ପୁଣି ଥରେ ପ୍ରିଲିମିନାରୀ ପରୀକ୍ଷା ଆସନ୍ତା ୮ ତାରିଖରୁ ଅନୁଷ୍ଠିତ ହେଉଛି। ଅନୁରୂପ ଭାବରେ ଡାକ୍ତରୀ ନାମଲେଖା ପାଇଁ ନେସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପରିଚାଳିତ ନିଟ୍ ୟୁଜି ପରୀକ୍ଷାରେ ବ୍ୟାପକ ଜାଲିଆତି ହୋଇଥିବା ନେଇ ଗତ ଜୁନ୍‌ରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପରେ ବହୁ ଦଲାଲ୍ ଓ ପରୀକ୍ଷାର୍ଥୀଙ୍କୁ ଗିରଫ କରାଯିବା ସହ ଏହା ପରେ ପରେ ହେବାକୁ ଥିବା ନେଟ୍ ଓ ନିଟ୍-ପିଜି ପରୀକ୍ଷାକୁ ମଧ୍ୟ ସ୍ଥଗିତ ରଖାଯାଇଥିଲା। ପରୀକ୍ଷାର ସୁରକ୍ଷା, ଗୋପନୀୟତା ଓ ସ୍ୱଚ୍ଛତାକୁ ପୁନଃ ଯାଞ୍ଚ କରିବା ପରେ ଯାଇ ପୁନଃ ଉଭୟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ନିକଟରେ ସରକାରୀ ଚାକିରି ବିକ୍ରି ରାକେଟ୍ ଧରା ପଡ଼ିଥିବାରୁ ଏହି ପରୀକ୍ଷା ଦୁଇଟିର ସ୍ୱଚ୍ଛତା ଓ ଗୋପନୀୟତା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଆଗକୁ ଅନୁଷ୍ଠିତ ହେବାକୁଥିବା ସମସ୍ତ ନିଯୁକ୍ତି ପରୀକ୍ଷାକୁ ସ୍ୱଚ୍ଛତାର ସହ କରାଯିବାକୁ ସରକାର ଗ୍ୟାରେଣ୍ଟି ଦିଅନ୍ତୁ ଓ ଅଦାଲତ ତତ୍ତ୍ୱାବଧାନରେ ପରୀକ୍ଷା ପରିଚାଳନା ନିମନ୍ତେ ଏକ କମିଟି ଗଠନ କରାଯାଉ ବୋଲି ଆଶାୟୀମାନେ ଦାବି କରିଛନ୍ତି।

## ଦେଶୀ ବନ୍ଧୁକରୁ ଗୁଳି ଫୁଟି ଶିକାରୀ ମୃତ

ଲାଞ୍ଜିଗଡ଼, ୫।୧୦(ସମିସ): ଜଙ୍ଗଲକୁ ଶିକାର କରିବାକୁ ଯାଇ ନିଜ ଗୁଳିର ଶିକାର ହେଲେ ଶିକାରୀ। ଏଭଳି ଏକ ଘଟଣା ଘଟିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କଦମ୍ବଗୁଡ଼ା ପଞ୍ଚାୟତ ତଥା ନର୍ଲା ଥାନା ଅଧୀନ ଖିଲ୍ଲାଭଟା ଗାଁରେ। ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ କଦମ୍ବଗୁଡ଼ା ପଞ୍ଚାୟତ ତଥା ନର୍ଲା ଥାନା ଅଧୀନ ଖିଲ୍ଲାଭଟା ଗାଁର ସଦା ଗଉଡ଼ ନିଜର ତିନିଜଣ ସାଙ୍ଗ ଲଛମନ ଗଉଡ଼, ଯଦୁମଣି ଗଉଡ଼ ଓ ଗୋପୀନାଥ ଗଉଡ଼ଙ୍କ ସହ ମିଶି ଶନିବାର ସକାଳୁ ଗାଁକୁ ଲାଗିଥିବା ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ଦିନସାରା ବୁଲି ବୁଲି କିଛି ନ ପାଇବାରୁ ପଖାଳ ଖାଇସାରି ପୁଣି ସନ୍ଧ୍ୟାରେ ଜନ୍ତୁ ଖୋଜିବାକୁ ବାହାରିଥିଲେ। କିନ୍ତୁ ସେଇ ସମୟରେ ଆଗରେ ଚାଲୁଥିବା ସଦା କୁଆଡେ ଏକ ପଥରରେ ଖସିପଡ଼ିଥିଲେ। ଫଳରେ ନିଜେ ଧରିଥିବା ବନ୍ଧୁକରୁ ଗୁଳି ଫୁଟି ତାଙ୍କ ଅଣ୍ଟା ଭେଦି ବାହାରିଯିବାରୁ ତାଙ୍କର ସେଠାରେ ହିଁ ମୃତ୍ୟୁ ଘଟିଥିବା ଅନ୍ୟମାନେ କହିଛନ୍ତି। ଏ ସମ୍ପର୍କରେ ତାଙ୍କ ସହ ଯାଇଥିବା ଜଣେ ଯୁବକ ଗୋପୀନାଥ ରାତି ନଅଟାରେ ଘରେ ଖବର ଦେଇଥିଲା। ଏପରିକି ଜଙ୍ଗଲ ଭିତରୁ ଶବ ଉଠାଇ ସେଇ ତିନିଜଣ ଗାଁ ନିକଟକୁ ନେଇ ଆସି ରାତି ତମାମ ଜଗି ବସିଥିଲେ। ରବିବାର ସକାଳେ ଖବର ପାଇ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀଙ୍କ ସମେତ ନର୍ଲା ଥାନାଧିକାରୀ ବିଜୟରାଜ ମାଝୀ ଓ ସିକେରକୁପା ଫାଣ୍ଡି ଅଧିକାରୀ ମୁରଲୀ ମୋହନ ପିଡିକାଙ୍କ ନେତୃତ୍ୱରେ ପୁଲିସ ପହଞ୍ଚି ଶବ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛନ୍ତି।

# ଦୁର୍ଗାପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



**କୁଳିଅଣା,୫।୧୦(ସମିସ):** ସ୍ଥାନୀୟ ଦୁର୍ଗାପୂଜାର ୫୯ ବର୍ଷ ପୂର୍ତ୍ତି ଉପଲକ୍ଷେ କୁଳିଅଣା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଆଇନଜୀବୀ ମୃତ୍ୟୁଞ୍ଜୟ ସିଂହଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁଧାଂଶୁ କୁମାର ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବେ ଭବାନୀ ଶଙ୍କର ପାଣିଗ୍ରାହୀ ଓ ଟୋଲ ପ୍ଲାଜା ମ୍ୟାନେଜର ରାକେଶ କୁମାର ଧଳ ଯୋଗଦେଇଥିଲେ। ଅତିଥି ବୃନ୍ଦ କମିଟିର ସଭାପତି ବୀରବର ମିଶ୍ର, ବହଡ଼ାଗୋଡ଼ାର ମୂର୍ତ୍ତି କାରିଗର ଲାଲଟୁ ରଣା ଏବଂ ଦିବ୍ୟ ଲଡ୍ଡୁ ଗ୍ରହଣ କରିଥିବା ରବୀନ୍ଦ୍ର ନାଥ ସିଂଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅପର ପକ୍ଷରେ କମିଟିରେ ଉତ୍ତମ କାର୍ଯ୍ୟ ପାଇଁ ରାମେଶ୍ୱର ବେହେରା, ବିରାଜ କୁମାର ବେହେରା, ସୁରଜ କୁମାର ବେହେରା, ସତ୍ୟମ ବେହେରା, ଶୁଭମ ବେହେରା, ପ୍ରତ୍ୟୁଷ କୁମାର ବେହେରା, ସୁମିତ କୁମାର ସାହା ଓ ଯୁଗଳ କିଶର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଶିଶୁମନ୍ଦିରରେ ପୂର୍ବ ଗୁରୁଜୀ ଓ ପୂର୍ବ ଛାତ୍ର ସମ୍ମିଳନୀ



**ମହୁଲଡିହା/ଠାକୁରମୁଣ୍ଡା,୫।୧୦(ସମିସ):** ଶିକ୍ଷା ବିକାଶ ସମିତି ଓଡିଶାଙ୍କ ଯୋଜନା ଅନୁସାରେ ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେନ୍ଦୁଜିଆଣୀରେ ବିଦ୍ୟାଳୟର ପୂର୍ବ ଗୁରୁଜୀ ଓ ପୂର୍ବ ଛାତ୍ର ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେଇ ସମାଜର ପରିବର୍ତ୍ତନରେ ଛାତ୍ରମାନଙ୍କ ଭୂମିକା ଓ ବିଦ୍ୟାଳୟସ୍ତରରେ ସେବା କାର୍ଯ୍ୟର ଆବଶ୍ୟକତା ବିଷୟରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବ ଛାତ୍ର ସଭାପତି ପ୍ରଭାସ ରଂଜନ ମହାନ୍ତ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଆରଏସଏସର ମୟୂରଭଞ୍ଜ ବିଭାଗ ସଂଘ ଚାଳକ ତଥା ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ରତିକାନ୍ତ ବୈଦ୍ୟ ପୂର୍ବ ଗୁରୁଜୀ ଓ ପୂର୍ବ ଛାତ୍ରଙ୍କ ଏକତ୍ରୀକରଣ ଫଳରେ ସମାଜର ପରିବର୍ତ୍ତନର ବାର୍ତ୍ତା ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ଅତିଥି ପରିଚୟ ଓ ସମ୍ମିଳନୀର ଆଭିମୁଖ୍ୟ ଏବଂ ଆଗାମୀ ଯୋଜନାର ରୂପରେଖ ପ୍ରଦାନ କରିଥିଲେ। ପୂର୍ବ ଛାତ୍ର କୃପାଚାର୍ଯ୍ୟ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ବ୍ୟାଚର ଛାତ୍ରମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳତା ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ସନାତନ ମହାନ୍ତ ଧନ୍ୟବାଦ ଦେଇଥିଲେ। ଏଥିରେ ସମସ୍ତ ଆଚାର୍ଯ୍ୟ ଓ ସେବକ ଭାଇ ସହଯୋଗ କରିଥିଲେ।

# ସୋସିଆଲ ମିଡିଆର ଯୁଗ: ଫିକାପଡ଼ିଛି କୁଆଁର ପୁନେଇଁ ଗୀତ ଓ ପୁଚିଖେଳ

**ବଡସାହି,୫।୧୦(ସମିସ):**



ସୋମବାର ମା' ଲକ୍ଷ୍ମୀଙ୍କର ପୂଜା ଓ କୁମାରୋତ୍ସବ ପାଳିବା ପାଇଁ ଗାଁଠାରୁ ସହର ଯାଏଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଘରେ ଘରେ ପୋଡ଼ପିଠା, ମଣ୍ଡା ଓ ଗଇଁଠାଗୁଡ଼ି ପିଠା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହିଦିନ କୁମାରୀ ଝିଅମାନେ ଓଷା କରିବା ସହିତ ଚାନ୍ଦ ବନ୍ଦାପନା ପରେ ସାଙ୍ଗ ସାଥୀମାନଙ୍କ ସହିତ ବିଭିନ୍ନ ପ୍ରକାର ଖେଳ ବିଶେଷ କରି ପୁଚିଖେଳରେ ସମୟ କାଟିଥାନ୍ତି। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସେମାନେ କୁଆଁର ପୁନେଇଁ ଜହ୍ନ ଗୋ... ଫୁଲ ବଉଳବେଣୀ ଗୀତରେ ନିଜକୁ ହଜାଇ ଦେଇଥାନ୍ତି। ମାତ୍ର ଏବେ କିନ୍ତୁ ଗାଁଗୁଡ଼ିକରେ ନା ଶୁଣାଯାଉଛି ଫୁଲ ବଉଳବେଣୀ ଗୀତ, ନାଁ ଦେଖିବାକୁ ମିଳୁଛି ପୁଚିଖେଳ। ଚାନ୍ଦ ବନ୍ଦାପନା ଚଳିତ ବର୍ଷ ଆଦୌ÷ ହୋଇ ନ ଥିବା ବେଳେ ଏହାର ଗୁରୁତ୍ୱ ମଧ୍ୟ କମିବାକୁ ବସିଛି। ସହରୀ ସଭ୍ୟତା ଓ ଆଧୁନିକତାର ମୋହରେ ଏହି କୁମାର ଉତ୍ସବ ପାଳନ ଫିକାପଡିଛି। ସତେ ଯେପରି ଧିରେ ଧିରେ ଲୁଚିଯାଉଛି କୁମାର ପୂର୍ଣ୍ଣିମାର ଚାନ୍ଦ ଓ ନିଷ୍ପ୍ରଭ ହୋଇଯିବାକୁ ବସିଛି ଏହି ପର୍ବ। ଆଗରୁ କୁମାରୀ ଝିଅମାନେ କୁଆଁର ପୁନେଇଁ ପହଞ୍ଚିଲେ ଏହା କିପରି ପାଳନ କରିବେ ସେଥିପାଇଁ ବେଶ୍ ତତ୍ପର ହୋଇ ଉଠୁଥିବା ବେଳେ ଏବେ କିନ୍ତୁ ଆଧୁନିକତାର ଦ୍ୱାହିଦେଇ ହେଉ କିମ୍ବା ବ୍ୟସ୍ତତା ପାଇଁ ସେମାନେ ଏଥିପ୍ରତି ଆଗ୍ରହ ପ୍ରକାଶ କରୁ ନଥିବାର ଦେଖାଯାଇଛି। ଆଧୁନିକ ସଭ୍ୟତା ସହିତ ତାଳଦେଇ ସେମାନେ ମଧ୍ୟ ପୁରୁଣାକାଳିଆ ରୀତିନୀତିକୁ ଆଉ ମାନିବାକୁ ନାରାଜ। କୁମାରୀ କୁମାର ମାନେ ମୋବାଇଲ ଧରି ବିଭିନ୍ନ ସୋସିଆଲ ମିଡିଆରେ ସମୟ ବିତାଉଥିବା ବେଳେ ପୁଚିଖେଳ, ଚାନ୍ଦ ବନ୍ଦାପନା ଓ ଫୁଲ ବଉଳବେଣୀ ଗୀତ ବୋଲିବାକୁ କାହା ପାଖରେ ସମୟ ନାହିଁ। ଏସମ୍ପର୍କରେ ଛାତ୍ରୀ ସୁଚିସ୍ମିତା ମହାପାତ୍ରଙ୍କୁ ପଚାରିବାରୁ ସେ କହନ୍ତି, ଆମେ ଛୁଆ ବେଳେ କୁମାର ପୂର୍ଣ୍ଣିମା ଦିନ ଚାନ୍ଦ ବନ୍ଦାପନା ପରେ ନୂଆ ପୋଷାକ ପିନ୍ଧି ସାଙ୍ଗମାନଙ୍କ ସହିତ ପୁଚି ଖେଳିବା ଓ ତାଙ୍କ ମେଳରେ ଗୀତ ବୋଲିବାକୁ ବେଶ ଭଲ ପାଉଥିଲୁ। କିନ୍ତୁ ଏବେ ଚାନ୍ଦ ବନ୍ଦାପନା ଛଡ଼ା ଆଉକିଛି ନାହିଁ। ଏବେ ସେ ସବୁ କରିବାକୁ କେହି ଝିଅ ପସନ୍ଦ କରୁନାହାନ୍ତି। +୩ କଳା ଛାତ୍ରୀ ମୋନାଲିସା ମହାପାତ୍ର କହନ୍ତି, ଆମେ ଚାନ୍ଦ ବନ୍ଦାପନା ପରେ ନୂଆ ପୋଷାକ ପିନ୍ଧି ସାଙ୍ଗମାନଙ୍କ ଘର ବୁଲିବା ସହିତ ପିଠା ଖାଇବା ଓ ବିଭିନ୍ନ ଲକ୍ଷ୍ମୀ ପୂଜାମଣ୍ଡପ ବୁଲି ସମୟ କାଟିଥାଉ। ଅନ୍ୟପକ୍ଷରେ ଏ ସବୁର ଆବଶ୍ୟକତା ରହିଛି ଓ ଏହାକୁ ସହରୀ ସଭ୍ୟତା ଓ ଆଧୁନିକତାର ଦ୍ୱାହିଦେଇ ଏଡ଼ାଇ ହେବନାହିଁ ବୋଲି କହନ୍ତି ୭୦ବର୍ଷର ବୟୋଜ୍ୟେଷ୍ଠା ବୃଦ୍ଧା ସୁଲୋଚନା ମହାନ୍ତି। ଚାନ୍ଦ ବନ୍ଦାପନା କରି କୁମାରୀମାନେ ଚନ୍ଦ୍ର ପରି ସୁନ୍ଦର ସ୍ୱଭାବ ଓ ସ୍ୱଚ୍ଛମନ ଥିବା ସ୍ୱାମୀ ପାଇଁ ପ୍ରାର୍ଥନା କରିଥାନ୍ତି ବୋଲି ଲୋକକଥା ରହିଛି। ଏତଦ୍‌ବାଦ କୁମାରୀ ମାନେ ଏହି ପୂଜା ଓ ଓଷା କରି ଲକ୍ଷ୍ମୀଙ୍କ ଠାରୁ ଧନ, ସୌଭାଗ୍ୟ ଓ ସମ୍ପଦ କାମନା କରିଥାନ୍ତି। ଶିକ୍ଷକ ଶୋଭାକର ଲେଙ୍କା ମତରେ ରଜ ଓ କୁଆଁର ପୁନେଇ ଉତ୍ସବରେ ବିଶେଷ କରି ଝିଅମାନେ ପୁଚି ଖେଳିଥାନ୍ତି। ଏହା ଦ୍ୱାରା ବ୍ୟାୟାମ ହୋଇ ସେମାନଙ୍କର ଶାରୀରିକ ବିକାଶ ଘଟିଥାଏ ଓ ଖୋଲାମନରେ ଗୀତ ଗାଇବା ଦ୍ୱାରା ମନ ପ୍ରଫୁଲ୍ଲ ହୋଇଥାଏ। ଫଳରେ ସ୍ୱାସ୍ଥ୍ୟ ଭଲ ରହିବା ସହିତ ମାନସିକ ଶାନ୍ତି ମିଳିଥାଏ। ଗୃହିଣୀ ସୁଭଦ୍ରା ମହାପାତ୍ରଙ୍କ ମତରେ ଏହି ଦିନରେ ଚନ୍ଦ୍ର ଓ ତାଙ୍କ ଭଉଣୀ ଲକ୍ଷ୍ମୀକୁ ପୂଜା କରାଯାଇ ରୋଗରୁ ମୁକ୍ତି ଓ ଧନ ପ୍ରାପ୍ତି ପାଇଁ ପ୍ରାର୍ଥନା କରାଯାଇଥାଏ। ବଡସାହି ବ୍ଲକ୍ ଅଞ୍ଚଳରେ ଲକ୍ଷ୍ମୀ ପୂଜା ବିଭିନ୍ନ ସ୍ଥାନରେ ଧୁମ୍‌ଧାମ୍‌ରେ ପାଳନ ହେଉଥିବା ବେଳେ କୁମାରୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି।

# କଂଗ୍ରେସର ଜିଲ୍ଲା ସାଂଗଠନିକ ବୈଠକ ଓ ସମ୍ବର୍ଦ୍ଧନା ଉତ୍ସବ



**କରଞ୍ଜିଆ,୫।୧୦(ସମିସ):** କରଞ୍ଜିଆସ୍ଥିତ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ କରଞ୍ଜିଆ-ଯଶିପୁର ନିର୍ବାଚନମଣ୍ଡଳୀ କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାସ୍ତରୀୟ ସାଂଗଠନିକ ବୈଠକ ଓ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। ଆଇଏନଟିୟୁସିର ବରିଷ୍ଠ ଶ୍ରମିକ ନେତ୍ରୀ ଜବାମଣୀ ଟୁଡୁଙ୍କ ସଭାପତିତ୍ୱରେ ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ସିଂ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପୂର୍ବତନ ସାଂସଦ ତଥା ରାଜ୍ୟ ଆଦିବାସୀ ମୋର୍ଚ୍ଚାର ଅଧ୍ୟକ୍ଷ ଯୋଶବନ୍ତ ସିଂ ଲାଗୁରି, ପର୍ଯ୍ୟବେକ୍ଷକ ସୁଦର୍ଶନ ଜେନା, ନିରୋଜ ଚନ୍ଦ୍ର ଦାସ, ବରିଲି ସିରକା ଓ କ୍ଷୀରୋଦ ପାତ୍ର ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବୈଠକରେ କରଞ୍ଜିଆ, ଶୁକୃଳି, ଠାକୁରମୁଣ୍ଡା ଓ ରରୁଆଁ ବ୍ଲକ ସମେତ ସାରସକଣା ଓ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀର ଶତାଧିକ କର୍ମୀ ଯୋଗଦେଇଥିଲେ। ନବ ନିଯୁକ୍ତ ଦୁଇ ସଭାପତି ଭୁବନ ସାହୁ (ପଶ୍ଚିମାଞ୍ଚଳ) ଓ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ (ପୂର୍ବାଞ୍ଚଳ)ଙ୍କୁ ଏଆଇସିସି ମନୋନୀତ କରି ସାଙ୍ଗଠନିକ ଜିଲ୍ଲା ଦାୟିତ୍ୱ ଅର୍ପଣ କରିଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲକ୍ଷ୍ମଣ ମାଝୀ, ମଦନ ମହନ ମାଝୀ, ଚୈତନ୍ୟ ହାଁସଦା ପ୍ରମୁଖ ଉପସ୍ଥିତ ରହି କର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଜୟଦୁର୍ଗା କ୍ଲବ୍ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା

**ଖୁଣ୍ଟି,୫।୧୦(ସମିସ):** ଶୁକୃଳି ବ୍ଲକସ୍ଥିତ ଆଦିପୁର ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ଶାରଦୀୟ ପୂଜା ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତନ୍ମଧ୍ୟରୁ ବିଜୟଦଶମୀ ପରବର୍ତ୍ତୀ ସନ୍ଧ୍ୟାରେ ଅଞ୍ଚଳର ଛୋଟ ଛୋଟ ପିଲାଙ୍କ ସମେତ କିଶୋର କିଶୋରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାପାଇଁ 'ଡ୍ୟାନ୍ସ ପ୍ରତିଯୋଗିତା' କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜର ଉତ୍କର୍ଷ ପ୍ରତିଭା ପ୍ରଦର୍ଶନ କରିବାର ଅପୂର୍ବ ସୁଯୋଗ ପାଇଥିଲେ। ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ମଧ୍ୟରେ ଶ୍ୟାମଳୀ ପାତ୍ର, ମିସ ସୋନା ଓ ଶୁଭସ୍ମିତା ଲୋହାର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଗ୍ରୁପ ଡ୍ୟାନ୍ସରେ ଆଦିପୁରର କ୍ରାଜି ଡ୍ୟାନ୍ସ ଗ୍ରୁପ, ଜାମଦାପାଳ ଡ୍ୟାନ୍ସ ଗ୍ରୁପ ଓ ଗୀତା ନାଏକ ଡ୍ୟାନ୍ସ ଗ୍ରୁପ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କାର ଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ପୂଣ୍ୟତୀର୍ଥ ଦୋମୁହାଣୀ ବିକାଶ ପରିଷଦର ସଭାପତି ଡ. ବଳଭଦ୍ର ଘଡ଼ାଇ, ସମ୍ପାଦକ ମହେଶ୍ୱର ବେହେରା, କୋଷାଧ୍ୟକ୍ଷ ସହଦେବ ମୁଣ୍ଡା, ଯୁଗ୍ମ ସମ୍ପାଦକ ଜଗଦୀଶ ନାଏକ, ବିଶିଷ୍ଟ ସମାଜସେବୀ ପ୍ରଶାନ୍ତ କୁମାର ଦାସ ଅଧିକାରୀ, ବିଶିଷ୍ଟ ସଂଗଠକ ହେମନ୍ତ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଦମୟନ୍ତୀ ଦାସ ଓ ପ୍ରତିଭା ମଞ୍ଜରୀ ଦାସ ସୁଲଳିତ କଣ୍ଠରେ ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ ଯଶୋବନ୍ତ ଦାସ ଓ ଚନ୍ଦନ ମହାନ୍ତ ଆଙ୍କରିଂ ଦାୟିତ୍ୱ ତୁଲାଇଥିଲେ। ଗ୍ରାମବାସୀ ତଥା କ୍ଲବର ସମସ୍ତ ସଦସ୍ୟଙ୍କ ସହଯୋଗରେ ଆୟୋଜିତ ଏହି ନିଆରା କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଆଖପାଖ ଗ୍ରାମମାନଙ୍କରୁ ହଜାର ହଜାର ଦର୍ଶକଙ୍କ ସମାଗମ ଦେଖିବାକୁ ମିଳିଥିଲା।

# ଚିନ୍ମୟ ମିଶନର ବ୍ୟକ୍ତିତ୍ୱ ବିକାଶ ଶିବିର 'ଜାଗୃତି' ଉଦ୍‌ଯାପିତ

**ବାରିପଦା,୫।୧୦(ସମିସ):** ବାରିପଦା ଚିନ୍ମୟ ମିଶନ ଦ୍ୱାରା ତିନିଦିନ ଧରି ସ୍କୁଲ ପିଲାଙ୍କ ୧୭ତମ ବ୍ୟକ୍ତିତ୍ୱ ବିକାଶ ଶିବିର 'ଜାଗୃତି ୨୦୨୫' ରବିବାର ଉଦ୍‌ଯାପିତ ହୋଇଯାଇଛି। ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବରିଷ୍ଠ ଆଇନଜୀବୀ ସତ୍ୟବ୍ରତ ମହାନ୍ତି ଶିବିରର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ। ଆଚାର୍ଯ୍ୟ ବ୍ରହ୍ମଚାରିଣୀ ପ୍ରତିଭା ଚୈତନ୍ୟ ଓ ଆଚାର୍ଯ୍ୟ ବ୍ରହ୍ମଚାରୀ ଅଚ୍ୟୁତ ଚୈତନ୍ୟ ପିଲାମାନଙ୍କୁ ମାତୃପୂଜା କରାଇଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ଡ. ସରୋଜ ନାୟକ, ସାମ୍ବାଦିକ ସଞ୍ଜୟ ଚୌଧୁରୀ, ମୟୂରଭଞ୍ଜ ଆଥେଲେଟିକ ଆସୋସିଏସନ ସମ୍ପାଦକ ବିଜୟ ଦାସ, ଶିକ୍ଷାବିତ ମାଧୁରୀ ଦ୍ୱିବେଦୀ, ହୃଦାନନ୍ଦ ଆଚାର୍ଯ୍ୟ, ଯୋଗଗୁରୁ ରାକେଶ ମହାନ୍ତ, ନର୍ସିଂ ଡାଇରେକ୍ଟର ଡା. ପ୍ରାଣକୃଷ୍ଣ ବେହେରା, ଆଇନଜୀବୀ ପ୍ରଦୀପ ମହାନ୍ତି, ସାଇଓମ ପ୍ରକାଶ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ଶିବିରାର୍ଥୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଚିନ୍ମୟ ମିଶନ ବାରିପଦାର ସମ୍ପାଦକ ଅଜିତ ବେହେରା ଶିବିର ପରିଚାଳନା କରିଥିଲେ। ଛାତ୍ରୀ ଶ୍ରଦ୍ଧାସୁମନ ମହାନ୍ତ ଓ ଆୟୁଷ ଶତପଥୀ ସର୍ବଶ୍ରେଷ୍ଠ ଶିବିରାର୍ଥୀ, ହୃଷୀକେଶ ମୁର୍ମୁଙ୍କୁ ଶ୍ରେଷ୍ଠ ଶୃଙ୍ଖଳିତ ଶିବିରାର୍ଥି ରୂପେ ପୁରସ୍କୃତ ହୋଇଥିଲେ। ସଚ୍ଚିଦାନନ୍ଦ ଗୁରୁକୁଳର ହରପ୍ରିୟା ମାହାର୍ଣ୍ଣା ଓ ଲାଲୁ ଟୁଡୁ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସଚ୍ଚିଦାନନ୍ଦ ଗୁରୁକୁଳକୁ ଶ୍ରେଷ୍ଠ ଅନୁଷ୍ଠାନ ରୂପେ ସମ୍ମାନିତ କରାଯାଇଥିଲା। ହିମାଂଶୁ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଦେବୀଦର୍ଶିନୀ ବେହେରା, ତନ୍ୟତା ମହାନ୍ତ, ତୁଳସୀ ସାହୁ, ନନ୍ଦିନୀ ବେହେରା, ସିବାଙ୍ଗୀ ଖଣ୍ଡେୱାଲ, ରୀତିକା ଖଣ୍ଡେଲୱାଲ, ଅଙ୍କିତା ସାହୁ, ଡିମ୍ପଲ୍ ଦାସ, ରିୟା ଗିରି, ଓମ ପ୍ରକାଶ ସାହୁ, ବିଷ୍ଣୁପଦ ବେରା ଓ ସବ୍ୟସାଚି ପଲେଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବାରିପଦା ସହରର ବିଭିନ୍ନ ବିଦ୍ୟାଳୟର ୧୦୮ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ।




**ଶ୍ରଦ୍ଧାସୁମନ ଓ ଆୟୁଷ ହେଲେ ସର୍ବଶ୍ରେଷ୍ଠ ଶିବିରାର୍ଥୀ**

# ଜାତୀୟ ସେବା ଯୋଜନାର ଉଦ୍‌ଯାପନୀ ସମାରୋହ



**ଶୁଳିଆପଦା,୫।୧୦(ସମିସ):** ସ୍ଥାନୀୟ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ଆୟୋଜିତ ସପ୍ତ ଦିବସୀୟ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବଜେଟ୍ କମ୍ ଆକାଉଣ୍ଟ ଅଫିସର ଦେବେନ୍ଦ୍ର କୁମାର ପତି ଉପସ୍ଥିତ ରହି ୭ ଦିନ ରହିଛି କାର୍ଯ୍ୟକ୍ରମ ବିଷୟରେ ସ୍ୱେଚ୍ଛାସେବୀମାନଙ୍କୁ ପଚାରି ବୁଝିଥିଲେ। ଉକ୍ତ ଶିବିରକୁ ଜାତୀୟ ସେବା ଯୋଜନାର ସଂଯୋଜକ ଡା. ବସନ୍ତ ମହାନ୍ତ, ଡିପିଓ ଡା. ଅନାମ ଚରଣ ରାଉଳ ଓ ଶୁଳିଆପଦା ଅଗ୍ନିଶମ ବିଭାଗର ଭାରପ୍ରାପ୍ତ ଅଧିକାରୀ ଗୌରଚନ୍ଦ୍ର ନାଏକ ପ୍ରମୁଖ ବିଭିନ୍ନ ଦିବସରେ ଉପସ୍ଥିତ ରହି ବହୁ ଶିକ୍ଷଣୀୟ କଥା କହିଥିଲେ। ଜାତୀୟ ସେବା ଯୋଜନା ଦିବସ ସେପ୍ଟେମ୍ବର ୨୪ ତାରିଖ ଦିନ ପୂର୍ବତନ ସଂଯୋଜକ ଡା.ସୁଭେନ୍ଦୁ କୁମାର ସେନାପତି ସ୍ୱେଚ୍ଛାସେବୀ ମାନଙ୍କୁ ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିବା ବେଳେ ନାରୀ ସଶକ୍ତିକରଣର ଅର୍ପିତା ସର୍ଦ୍ଦାର ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟଅଧ୍ୟକ୍ଷ କିଶୋର କୁମାର ଗିରି, ଜାତୀୟ ସେବା ଯୋଜନା ମହିଳା ବିଭାଗର ପ୍ରୋଗ୍ରାମ୍ ଅଫିସର ଡା.ସୁଧାଶ୍ରୀ ସେଠୀ, ସହ ବିଭାଗର ପ୍ରୋଗ୍ରାମ୍ ଅଫିସର ପଙ୍କଜ କୁମାର ଦାସ୍ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ୫୦ ଜଣ ଶିବିରାର୍ଥୀ ଅଂଶଗ୍ରହଣ କରିଥିବା ବେଳେ ପୂର୍ବତନ ସ୍ୱେଚ୍ଛାସେବୀ ସଦ୍ଦାମ୍ ହୋସେନ୍, ପିଣ୍ଟୁ ସି, ସମାଜସେବୀ ଜଗଦୀଶ ପାଲବାବୁ, ଦେବାଶିଷ ଖଟୁଆ ପ୍ରମୁଖ ଯୋଗଦେଇଥିଲେ।

# ଯୁବ କ୍ରିକେଟ ଖେଳାଳିଙ୍କ ଅକାଳ ବିୟୋଗ

**କରଞ୍ଜିଆ,୫।୧୦(ସମିସ):** କରଞ୍ଜିଆ ବ୍ଲକ୍ ଅଧୀନ ସାନଦେଉଳି ଗ୍ରାମର ଯୁବ କ୍ରିକେଟର ଅମିତ କୁମାର ଘଣା (ବାପି)ଙ୍କ ୪୭ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି। ସେ ମିଷ୍ଟଭାଷୀ ସହିତ ଲୋକପ୍ରିୟ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ବନ୍ଧୁବାନ୍ଧବମାନେ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ସାନଦେଉଳି ଶ୍ମଶାନରେ ସତ୍କାର କରାଯାଇଥିଲା।



# ମୟୂରଭଞ୍ଜରେ ଆଦି କର୍ମଯୋଗୀ ଅଭିଯାନର ୧୩୬୩ଟି ସ୍ୱତନ୍ତ୍ର ଗ୍ରାମସଭା

**ବାରିପଦା,୫।୧୦(ସମିସ):**




ଆଦି କର୍ମଯୋଗୀ ଅଭିଯାନରେ ଭାରତ ସରକାରଙ୍କ ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ୧୩୬୩ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜିତ ହୋଇଯାଇଛି। ଆଦିବାସୀ ମାନଙ୍କୁ ସେମାନଙ୍କ ସାମଗ୍ରିକ ବିକାଶ ଏବଂ ଗ୍ରାମସଭା ମାଧ୍ୟମରେ ଗ୍ରାମ ବିକାଶର ପୂର୍ଣ୍ଣାଙ୍ଗ ନକ୍ସା ଓ କାର୍ଯ୍ୟ ଯୋଜନା ପ୍ରସ୍ତୁତିକରି ସମ୍ପ୍ରଦାୟଗୁଡିକର ନିଜସ୍ୱ ବିକାଶ ଯାତ୍ରାକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ପରିକଳ୍ପନା କରାଯାଇଛି। ଜିଲ୍ଲାର ସମସ୍ତ ୨୬ ବ୍ଲକର ୧୩୬୩ ଗ୍ରାମରେ ସିଙ୍ଗଲ-ୱିଣ୍ଡୋ କେନ୍ଦ୍ର ସ୍ଥାପନ କରିବା ସହ ପ୍ରତି ରବିବାର ଲୋକଙ୍କୁ ସେମାନଙ୍କ ବିକାଶ ସମ୍ପର୍କିତ ପ୍ରସ୍ତାବ, ଆପତ୍ତି, ଅଭିଯୋଗ ଉପସ୍ଥାପନ ପାଇଁ ସୁଯୋଗ ଦିଆଯିବ ବୋଲି ଜିଲ୍ଲାପାଳ ହେମକାନ୍ତ ସଏ କହିଛନ୍ତି। ଯୋଜନାର ସଫଳ ରୂପାୟନ ପାଇଁ ବ୍ଲକର ବିଡ଼ିଓ, ଉପଜିଲ୍ଲାପାଳ, ଜିଲ୍ଲାର ସମସ୍ତ ୪ଟି ଆଇଟିଡିଏର ପ୍ରକଳ୍ପ ପ୍ରଶାସକଙ୍କ ସହ ବିଭିନ୍ନ ବିଭାଗର ଅଫିସରଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ଗ୍ରାମର ବିକାଶ ନକ୍ସା-୨୦୩୦ ଓ କାର୍ଯ୍ୟ ଯୋଜନା ପ୍ରସ୍ତୁତି, ସିଙ୍ଗଲ-ୱିଣ୍ଡୋ ସେବାକେନ୍ଦ୍ର ପ୍ରତିଷ୍ଠା, ଯୁବକମାନଙ୍କୁ ଆଦିସାଥୀ ଭାବେ ସକ୍ରିୟ କରିବା। ଆଦିବାସୀ ସମ୍ପ୍ରଦାୟର ସାମାଜିକ ଆର୍ଥିକସ୍ଥିତିରେ ଉନ୍ନତି ଆଣିବା, ଶିକ୍ଷା, ଜୀବନ ଜୀବିକା, ବାସଗୃହ, ଗମନା ଗମନ, ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ବିଦ୍ୟୁତ ସେବା, ଡିଜିଟାଲ ସଂଯୋଗ ଭଳି ମୌଳିକ ସୁବିଧା ଯୋଗାଇବା ପାଇଁ ପ୍ରୟାସ ଚାଲିଛି ବୋଲି ଜିଲ୍ଲାପାଳ କହିଛନ୍ତି। ଆଗକୁ ଜିଲ୍ଲାସ୍ତରରେ ୧୩୬୩ ଗାଁର କାର୍ଯ୍ୟ ଯୋଜନାର ଏକତ୍ରୀକରଣ, ଗ୍ରାମସଭାର ପ୍ରାଥମିକତା ସହ ବିଭାଗୀୟ ସମନ୍ୱୟ ପାଇଁ ଗ୍ରାମ ତଦାରଖ କମିଟି ଗଠନ କରାଯିବ। ବ୍ଲକ୍ ଓ ଜିଲ୍ଲାସ୍ତରରେ ଅଭିଯାନର ଅଗ୍ରଗତି ଉପରେ ନିୟମିତ ସମୀକ୍ଷା କରାଯିବ। ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରାଳୟର ନିର୍ଦ୍ଦେଶିକା ଡ. ବର୍ଣ୍ଣଲୀ ଡେକା ଗତ ସେପ୍ଟେମ୍ବର ୧୭ରେ ଜିଲ୍ଲା ଗସ୍ତରେ ଆସି ଶୁକୃଳି ବ୍ଲକର ପାଣ୍ଡାବିଲା, ବାରିପଦା ବ୍ଲକର କେସିପୁର ପଞ୍ଚାୟତ ପରିଦର୍ଶନ କରି ଗ୍ରାମବାସୀଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଅଭିଯାନ ଅଧୀନ ଆଦି ସହଯୋଗୀ ଓ ଆଦି ସାଥିମାନଙ୍କ ପାଇଁ ବେତନଟୀରେ ଆୟୋଜିତ ଅଭିମୁଖୀକରଣ ପ୍ରଶିକ୍ଷଣ ଶିବିରରେ ଯୋଗଦାନ କରି ପ୍ରଶକ୍ଷାର୍ଥୀ ମାନଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଉକ୍ତ ମନ୍ତ୍ରାଳୟର ସେକ୍ସନ ଅଫିସର, ସୁଭାଷ କୁମାର ଅକ୍ଟୋବର ୨ତାରିଖରେ ଜିଲ୍ଲା ଗସ୍ତରେ ଆସି କୁସୁମୀ ବ୍ଲକର ତଳକପୋଖରୀ ଓ ଜର୍ଦା ପଞ୍ଚାୟତରେ ଆୟୋଜିତ ଗ୍ରାମସଭାରେ ଯୋଗଦେଇ ଗ୍ରାମବାସୀଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ବିଶ୍ୱ ଶିକ୍ଷକ ଦିବସ ପାଳିତ




**ରାଇରଙ୍ଗପୁର,୫।୧୦(ସମିସ):** ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ) ସମ୍ବଲପୁରର ମହିଳା ମହାବିଦ୍ୟାଳୟ ରାଇରଙ୍ଗପୁର ଆନୁକୂଲ୍ୟରେ ବିଶ୍ୱ ଶିକ୍ଷକ ଦିବସ ପାଳିତ ହୋଇଯାଇଛି। କୋର୍ଡିନେଟର ବିଜୟ କୁମାର ରାମଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ସର୍ବ ପ୍ରଥମେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନ ଚର୍ଚ୍ଚା ପରେ ୟୁନେସ୍କୋକୁ ୧୯ ୯୪ ମସିହାରେ ବିଶ୍ୱ ଶିକ୍ଷକ ଦିବସ ଘୋଷଣା ନିମନ୍ତେ ଧନ୍ୟବାଦ ଅର୍ପଣ କରାଯାଇଥିଲା। ବିଜୟ ରାମ କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କ ସମ୍ମାନ ନିମନ୍ତେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଗଙ୍ଗାଧର ମହାନ୍ତ ଏବଂ ଗୁରୁପ୍ରସାଦ ଗିରି ତାଙ୍କର ବକ୍ତବ୍ୟରେ ଶୀକ୍ଷକ ଦିବସ ପାଳନର ଉଦ୍ଦେଶ୍ୟ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏସଓୟୁ ସପୋର୍ଟ ଷ୍ଟାଫ୍ ଅମିତ ଗୋପାଳ ଓ ଶୀକ୍ଷାର୍ଥି ରମେଶ ପାଟବନ୍ଧା, ଦୀପିକା ମହାନ୍ତ, ମାଳତିଲତା ମଲ୍ଲିକ, ପବିତ୍ରା ବାସ୍କେ, ଭାନୁମତି ମହାନ୍ତ, ପାନୋ କିସ୍କୁ, ହୀରନମୟୀ ମହାନ୍ତ, କାର୍ମି ସୋରେନ, ଅର୍ଚ୍ଚିତା ବେହେରା, ପ୍ରତିମା ପାତ୍ର, ଦିପ୍ତିରେଖା ପାତ୍ର, ଡୁମୁନୀ ହାଁସଦା ଅନୁସୁୟା ସେଠି ଉପସ୍ଥିତ ଥିଲେ। ଓଏସଓୟୁ ସପୋର୍ଟ ଷ୍ଟାଫ ଶ୍ୟାମ ସୁନ୍ଦର ମଣ୍ଡଳ ବକ୍ତବ୍ୟ ପ୍ରଦାନ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ



ଭଦ୍ରକ,୫ ।୧୦(ସମିସ): ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଭଦ୍ରକ ଜାନୁଗଞ୍ଜସ୍ଥ ଦିବ୍ୟମ ପରିସରରେ ଲଲାଟେନ୍ଦୁ ମହାନ୍ତିଙ୍କ ସଭାପତିତ୍ୱରେ ପାଳନ କରାଯଇଛି । ସାଧାରଣ ସମ୍ପାଦକ କୈଳାଶଚନ୍ଦ୍ର ମହାପାତ୍ର ଏକ ସୁସ୍ଥ ପରମ୍ପରା ମଧ୍ୟରେ ସମସ୍ତ ବରିଷ୍ଠ ନାଗରିକଙ୍କ ଦୀର୍ଘାୟୁ କାମନା କରିଥିଲେ । ଆସନ୍ତା ୧୦ ତାରିଖ ଜିଲ୍ଲା ପ୍ରଶାସନ ତରଫରୁ ଭଦ୍ରକ ସହୀଦ ସ୍ମୃତି ଭବନ (ଟାଉନହଲ)ରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଜିଲ୍ଲାର ୨୮ ଟି ସଙ୍ଘର କର୍ମକର୍ତ୍ତା ଓ କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ରହିବାକୁ ନିବେଦନ କରାଯାଇଛି । ସମାରୋହରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାସଚନ୍ଦ୍ର ନାୟକ ସୂଚନା ଦେଇଥିଲେ । କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ, ଉପଦେଷ୍ଟା ଅଜୟ କୁମାର ନାୟକ, ଭାଗବତ ତ୍ରିପାଠୀ, ଶଶିକାନ୍ତ ପାଢ଼ୀ, ଇନ୍ଦ୍ରମଣି ପଣ୍ଡା, ବିଚିତ୍ରାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ବିଜୟ ସେନାପତି, କାର୍ଯ୍ୟକାରୀ ସଦସ୍ୟ ଗଦାଧର ପଣ୍ଡା, ଲକ୍ଷ୍ମଧର ସାହୁ, ଶ୍ୟାମସୁନ୍ଦର ଦାସ, ଦିଲୀପ ନାୟକ, ଇଂ ମହେଶ ପ୍ରସାଦ ଦାସ, ଶାନ୍ତିଲତା ବାରିକ, ସଂଯୁକ୍ତା ଯାଦବ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ୩ ବାଲି ବୋଝେଇ ଟିପ୍ପର ଜବତ; ତିନି ଗିରଫ

ଭଣ୍ଡାରିପୋଖରୀ,୫।୧୦(ସମିସ): ମଞ୍ଜୁରୀରୋଡ ଫାଣ୍ଡି ପୁଲିସ ୧୬ ନଂ ଜାତୀୟ ରାଜପଥରୁ ୩ ବେଆଇନ ବାଲି ବୋଝେଇ ଟିପ୍ପର ଶନିବାର ରାତ୍ରରେ ଜବତ କରିଥିବା ଜଣାଯାଇଛି । ଫାଣ୍ଡି ଅଧିକାରୀ ବୁଦ୍ଧିରାମ ମହାନ୍ତିଙ୍କ ନେତୃତ୍ୱରେ ପୁଲିସ ପାଟ୍ରୋଲିଂ ଦଳ ଭାଗଡା-ନାରାୟଣପୁର ଟୋଲପ୍ଲାଜା ନିକଟରୁ ଯାଜପୁର ଆଡୁ ଆସୁଥିବା ଓଡି ୨୨ ଜେଡ ୨୦୪୩, ଓଡି ୨୨ କେ ୨୩୦୯ ଓ ଓଡି ୨୨ ଜେଡ ୨୨୪୯ ନଂ ବେଆଇନ ବାଲି ବୋଝେଇ ଟିପ୍ପର ଜବତ କରିଥିଲେ । ସଂପୃକ୍ତ ଟିପ୍ପର ଚାଳକ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଶେଖସରାଇ ଗ୍ରାମର ଜୟଦେବ କବି(୨୪), ସିମୁଳିଆ ଥାନା ମମିନାବାଦ ଗ୍ରାମର ଦାଶରଥୀ ସେଠୀ(୩୯) ଓ ବସ୍ତା ଥାନା ଗୋଠଗଡିଆ ଗ୍ରାମର ଟିକିନା ସିଂ(୩୫)ଙ୍କୁ ଗିରଫ କରାଯାଇଛି । ଫାଣ୍ଡି ଅଧିକାରୀ ଶ୍ରୀ ମହାନ୍ତିଙ୍କ ଅଭିଯୋଗକ୍ରମେ ୪୫୩/୨୦୨୫ନଂ ମାମଲା ରୁଜୁ ହୋଇଥିବା ଜଣାଯାଇଛି ।

## ବିଶ୍ୱ ବିନାୟକ ଡିଗ୍ରୀ କଲେଜ କମ୍ପ୍ୟୁଟର ପରୀକ୍ଷା କେନ୍ଦ୍ର ଉଦ୍‌ଘାଟିତ

ତୁରୁମୁଙ୍ଗା, ୫।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଖିରେଇଟାଙ୍ଗିରୀରସ୍ଥିତ ବିଶ୍ୱ ବିନାୟକ ଡିଗ୍ରୀ କଲେଜରେ ଶହେ ସିଟ ବିଶିଷ୍ଟ କମ୍ପୁଟର ପରୀକ୍ଷା କେନ୍ଦ୍ରକୁ ରବିବାର ସାଂସଦ ଅନନ୍ତ ନାୟକ ଭର୍ଚୁଆଲ ମାଧ୍ୟମରେ ଉଦଘାଟନ କରିଛନ୍ତି । କଲେଜ ଅଧକ୍ଷ ରବିନାରାୟଣ ମହାନ୍ତ, ବିଜେପି ନେତା ରାଧାକାନ୍ତ ମହାନ୍ତ, ଅବସରପ୍ରାପ୍ତ ସେନା ଅଧିକାରୀ ନନ୍ଦକିଶୋର ପରିଡ଼ା, ଦୟାନିଧି ମହାନ୍ତ ଅବସରପ୍ରାପ୍ତ ଶିକ୍ଷକ ଜଗବନ୍ଧୁ ନାଏକ ପ୍ରମୁଖ ସାମିଲ ହୋଇଥିଲେ । ଏହି ପରୀକ୍ଷା କେନ୍ଦ୍ର ଆରମ୍ଭ ହେବା ଫଳରେ ଆଖପାଖ ଅଞ୍ଚଳର ପିଲାଙ୍କୁ ଆଉ ଦୂରଦୁରାନ୍ତକୁ ଯାଇ ପରୀକ୍ଷା ଦେବାକୁ ପଡିବ ନାହିଁ । ଏଠାରେ ଆରଆଇ ଓ ଅମିନ ପରୀକ୍ଷା କେନ୍ଦ୍ର ହେବାକୁ ଯାଉଥିବାରୁ ସାଂସଦ ଖୁସି ବ୍ୟକ୍ତ କରିଥିଲେ ।

## ସାଇଁକୁଳ ଜନବସତିରେ ମୁକୁଳା ଟ୍ରାନ୍ସଫର୍ମର

ରାମଚନ୍ଦ୍ରପୁର,୫।୧୦(ସମିସ): ସାଇଁକୁଳ ବଜାର ଉପକଣ୍ଠସ୍ଥ ଜନବସତି ମଝିରେ ଅତି ବିପଦପୂର୍ଣ୍ଣ ଭାବରେ ମୁକୁଳା ପଡିଛି ବିଜୁଳି ବିଭାଗର ଟ୍ରାନ୍ସଫର୍ମର । ଏହି ଟ୍ରାନ୍ସଫର୍ମରଟି ଲଟାବୁଦାରେ ପରିପୂର୍ଣ୍ଣ ହେବା ସହ ଦୁଇ ନମ୍ବର ୱାର୍ଡର ମଝି ରାସ୍ତାକଡରେ ଥିବାରୁ ଗୃହପାଳିତ ପଶୁ ସମ୍ପଦ ଏବଂ ସାଧାରଣ ଜୀବନ ଅସୁରକ୍ଷିତ ହୋଇପଡିଛି । ସାଧାରଣ ଜନଜୀବନକୁ ସୁରକ୍ଷିତ ରଖିବା ପାଇଁ ଏହି ଟ୍ରାନ୍ସଫର୍ମର ଚାରିକଡକୁ ଆବଦ୍ଧ କରିବା ପାଇଁ ଜନସାଧାରଣଙ୍କ ତରଫରୁ ଅନେକ ବାର ବିଜୁଳି ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏଯାବତ୍ କୌଣସି ବିହିତ ପଦକ୍ଷେପ



ଗ୍ରହଣ କରାଯାଇନାହିଁ । ବିଭାଗୀୟ କର୍ତ୍ତୃପକ୍ଷ ସାଧାରଣ ବିଜୁଳି ଉପଭୋକ୍ତାଙ୍କଠାରୁ ଦେୟଆଦାୟ ବେଳେ ଅତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ବେଳେ ଏଠାରେ କେବଳ ନିରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ଅସନ୍ତୋଷର ଦାନା ବାନ୍ଧୁଛି । ଖୁବ୍ ଶୀଘ୍ର ବିଦ୍ୟୁତ ବିଭାଗ ସାଧାରଣ ଧନଜୀବନର ସୁରକ୍ଷା ନିମନ୍ତେ ଟ୍ରାନ୍ସଫର୍ମର ଚାରିପାଖ ଆବଦ୍ଧ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ପୁଣି ଅଲୋଡ଼ା ଶିଶୁକନ୍ୟା !

# ତିନି ଦିନର ଶିଶୁକନ୍ୟାକୁ ବିକ୍ରି ଅଭିଯୋଗ

ଭଦ୍ରକ/ବାସୁଦେବପୁର, ୫।୧୦(ସମିସ)





ଘରର ଲକ୍ଷ୍ମୀ କୁହାଯାଉଥିବା କନ୍ୟାକୁ ପରିବାର ବୋଝ ଭାବେ ଦେଖିଛି । ଡାକ୍ତରଖାନାରେ ଶିଶୁକନ୍ୟାର ଜନ୍ମ ପରେ ସୃଷ୍ଟି ହେଲା ଅଶାନ୍ତିର ବାତାବରଣ । ବୋଝ ହେଲା ଝିଅ ଜନମ । ବାପାଙ୍କ ମୁଣ୍ଡରେ ଚଡ଼କ ପଡିଲା । ଡାକ୍ତରଖାନାର କର୍ମଚାରୀଙ୍କଠାରୁ ଆରମ୍ଭ କରି ପତ୍ନୀ ଓ ନିଜର ବାପା ଓ ମାଆଙ୍କୁ ଗାଳି ଗୁଲଜ କରିବାକୁ ପଛାଇଲେ ନାହିଁ । ଖବର ପାଇ ବାସୁଦେବପୁର ପୁଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ।

ମାଆ କୋଳରୁ ବିକ୍ରି ହେଲା ତିନି ଦିନର ଶିଶୁ । ବଞ୍ଚିତ ହେଲା ମାଆର ଅମୃତରୁ । ମାଆର ସ୍ନେହ ମମତା ପାଇବା ଆଗରୁ ବିକ୍ରି ହେଲା ଶିଶୁ । ଦୁଇ ଗୁଣ୍ଠ ଜମି ଲୋଭରେ ବିକିଲା ତିନିଦିନର ଶିଶୁ କନ୍ୟା । ଏମିତି ଅଭାବନୀୟ ଘଟଣା ଘଟିଛି ବାସୁଦେବପୁର ବ୍ଲକର ଖରିଦା ବିନାୟକପୁର ପଞ୍ଚାୟତରେ । ବଡ ମଳିକ ସାହିର ନୃସିଂହ ମଳିକଙ୍କ ପୁଅ ସଞ୍ଜୟ ମଳିକ । ସଞ୍ଜୟ ମଳିକଙ୍କ ପତ୍ନୀ ବନିତା

**ନିରାଶ ହୋଇ ଫେରିଲେ ଅଧିକାରୀ**

ଦାସ ଗର୍ଭବତୀ ଥିଲେ । ଯନ୍ତ୍ରଣା ହେବାରୁ ୩୦ ତାରିଖ ମଙ୍ଗଳବାର ବନିତାକୁ ବାସୁଦେବପୁର ମେଡିକାଲରେ ଭର୍ତ୍ତି କରିଥିଲେ । ଅପରାହ୍ନ ୪.୦୧ରେ କନ୍ୟା ସନ୍ତାନ ଜନ୍ମ ହୋଇଥିଲା; ଯାହାକୁ ନେଇ ସଞ୍ଜୟ ମେଡିକାଲରେ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ । ପତ୍ନୀଙ୍କୁ ଗାଳିଗୁଲଜ କରିବାରୁ କଥା ପୁଲିସ ପାଖରେ ପହଞ୍ଚିଥିଲା । ହସ୍ତକ୍ଷେପ କରିଥିଲା ପୁଲିସ ।

ସଞ୍ଜୟଙ୍କର ପୂର୍ବରୁ ଦେଢ ବର୍ଷର କନ୍ୟା ସନ୍ତାନ ଅଛି । ପୁନଶ୍ଚ କନ୍ୟା ଜନ୍ମ ହେବାରୁ ପତ୍ନୀଙ୍କ ଉପରେ ସବୁ ରାଗ ଶୁଝାଇଥିଲେ । ପାଟିତୁଣ୍ଡ ପରେ ଘରକୁ କନ୍ୟା ସନ୍ତାନ ସହିତ ଘରକୁ ପଳାଇ ଯାଇଥିଲେ । ଗତକାଲି ରାତିରେ ଶିଶୁ କନ୍ୟାକୁ ବିକ୍ରି ହେବାର ଗାଁର ପ୍ରଚାରିତ ହୋଇଥିଲା । ସକାଳେ ଅଙ୍ଗନବାଡି କେନ୍ଦ୍ର ଶିଶୁର ଓଜନ ମାପିବା ଡକାଇଥିଲେ । ଶିଶୁ ନାହିଁ ବୋଲି କହିଥିଲେ ଶିଶୁର ବାପା ସଞ୍ଜୟ ମଳିକ । ପ୍ରଥମେ ଶିଶୁ ବିକ୍ରିକୁ ଅସ୍ୱୀକାର କରିଥିଲେ ସଞ୍ଜୟ । ପରେ ଶିଶୁକୁ ପୁଲିସ ଆଗରେ ଓ କୋର୍ଟ କାଗଜପତ୍ରରେ ବିକିଛି ବୋଲି ସଫେଇ ଦେଇଥିଲେ । ତିହିଡି ଅଞ୍ଚଳର ଜଣେ ବ୍ୟକ୍ତି ଦୁଇ ଗୁଣ୍ଠ ଜମି ଝିଅ ନାମରେ କରିବ । ତେଣୁ ତାକୁ ଝିଅକୁ ଦେଇ ଦେଲି । ମୁଁ ସେ ଝିଅକୁ ପୋଷିପାରିବି ନାହିଁ । ତେଣୁ ଦେଇଦେଲି । ଶିଶୁକୁ ବିକି ଦେଇ ମନକୁ ମାରି ବାପ ଘରକୁ ଚାଲି ଯାଇଛନ୍ତି ଜନ୍ମିତ ମାଆ । ଗ୍ରାମବାସୀଙ୍କ ମଧ୍ୟରେ ଶିଶୁ ବିକ୍ରିକୁ ନେଇ ଗୁଞ୍ଜରଣ ସୃଷ୍ଟି ହୋଇଛି । ବାସୁଦେବପୁର ପୁଲିସ ପାଖରେ କିଛି ସୂଚନା ନାହିଁ ବୋଲି କହିଛନ୍ତି । କଣ ଏକ ଲକ୍ଷ ଟଙ୍କା ନେଇ ଶିଶୁ କନ୍ୟା ବିକ୍ରି ହୋଇଛି ବୋଲି ସଞ୍ଜୟ ତାସ୍ୱଲ୍ୟ ଭରା କଣ୍ଠରେ ଗଣମାଧ୍ୟମକୁ କହିଛନ୍ତି । ଘଟଣାର ତଦନ୍ତ ହେଲେ ପ୍ରକୃତ ସତ୍ୟ ପଦାକୁ ଆସିବ । ଖବର ପାଇ ଶିଶୁ ସୁରକ୍ଷା କର୍ମଚାରୀ ଓ ଚାଇଲ୍ଡଲାଇନ କର୍ମଚାରୀ ବିନାୟକପୁରରେ ପହଞ୍ଚି ଗ୍ରାମବାସୀଙ୍କୁ ପଚରାଉଚରା କରି ନିରାଶ ହୋଇ ଫେରିଯାଇଛନ୍ତି ।

## ଭଦ୍ରକ ନଗର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପଥ ସଞ୍ଚାଳନ



ଭଦ୍ରକ, ୫।୧୦(ସମିସ): ଚଳିତବର୍ଷ ବିଜୟା ଦଶମୀରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶହେ ବର୍ଷରେ ପଦାର୍ପଣ କରିଛି । ଏହି ଶତାବ୍ଦୀ ବର୍ଷରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏକ ବର୍ଷ ଧରି ଅର୍ଥାତ୍ ୨୦୨୫ ବିଜୟା ଦଶମୀରୁ ୨୦୨୬ ବିଜୟ ଦଶମୀ ପର୍ଯ୍ୟନ୍ତ ସାତଟି କାର୍ଯ୍ୟକ୍ରମ କରିବାକୁ ସ୍ଥିର କରିଛି । ଦଶମୀରେ ସଂଘର ଉଦଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଯାହା ଜିଲ୍ଲାର ସମସ୍ତ ବସତି/ମଣ୍ଡଳର କାର୍ଯ୍ୟକର୍ତ୍ତାଙ୍କ ସଂଯୋଜନାରେ ଜିଲ୍ଲାର ମୁଖ୍ୟତଃ ୫୧ଟି ସ୍ଥାନରେ ଉଦଘାଟନ କାର୍ଯ୍ୟକ୍ରମ ଶେଷ ହୋଇଯାଇଛି । ଭଦ୍ରକ ନଗରରେ ୮ଟି ବସତିରେ ଉଦ୍ଘାଟନ କାର୍ଯ୍ୟକ୍ରମ ଶେଷ ହେବାପରେ ଆଜି ଏକ ପଥ ସଞ୍ଚଳନ ଅନୁଷ୍ଠିତ ହୋଇଯାଇଛି । ଏହି ପଥ ସଞ୍ଚଳନକୁ ସଞ୍ଚାଳନ କରିଥିଲେ ଭଦ୍ରକ ନଗରର ନଗର କାର୍ଯ୍ୟବାହ ରତିକାନ୍ତ ଆଚାର୍ଯ୍ୟ ଏବଂ ଜିଲ୍ଲା କାର୍ଯ୍ୟବାହ ରଶ୍ମିରଂଜନ ରାଉତ, ମାନ୍ୟ ନଗର ସଂଘଚାଳକ ସୁଧୀର ରଞ୍ଜନ ନାୟକ ପ୍ରମୁଖ । ମୁଖ୍ୟ ପ୍ରଶିକ୍ଷକ ଧର୍ମେନ୍ଦ୍ର ଦାସ, ଧ୍ୱଜ ବାହକ ହିତେଶ ମହାନ୍ତି ଏବଂ ଘୋଷ ପ୍ରମୁଖ ସଞ୍ଜୟ ବାରିକଙ୍କ ଏବଂ ଅନ୍ୟାନ୍ୟ ସ୍ୱୟଂସେବକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା । ଏହି ସଞ୍ଚଳନରେ ୨୦୦ରୁ ଊର୍ଦ୍ଧ୍ୱ ସ୍ୱୟଂସେବକ ପୂର୍ଣ୍ଣ ଗଣବେଶରେ ଉପସ୍ଥିତ ରହି ଘୋଷ ବାଦ୍ୟର ତାଳେ ତାଳେ ପଥ ସଞ୍ଚଳନରେ ନଗର ପରିଭ୍ରମଣ କରିଥିଲେ । ବିଭିନ୍ନ ସ୍ଥାନରେ ପୂଜା କମିଟି ଦ୍ୱାରା ଘଣ୍ଟା ବାଦ୍ୟ ଆଳତୀରେ ସ୍ୱାଗତ କରିଥିଲେ ଏବଂ ମାଆ ଭଉଣୀମାନଙ୍କ ଦ୍ୱାରା ଶଙ୍ଖ ବାଦନ କରି ପୁଷ୍ପ ଅକ୍ଷତରେ ଗୈରିକ ଧଜ ଏବଂ ସଞ୍ଚଳନକୁ ସ୍ୱାଗତ କରାଯାଇଥିଲା । ଏହି ଶତାବ୍ଦୀ ବର୍ଷରେ ସଂଘ ସମାଜରେ ପଞ୍ଚ ପରିବର୍ତ୍ତନ ପାଇଁ କାର୍ଯ୍ୟ କରିବା ସହ ଆଗାମୀ ଦିନରେ ସଂଘ କାର୍ଯ୍ୟର ବିସ୍ତାର ପାଇଁ ବିଭିନ୍ନ ପ୍ରକାର ଯୋଜନା ହାତକୁ ନେଇଛି ।

## ● ଜାତୀୟ ରାଜପଥ ପୋଲ ନିର୍ମାଣ ବେଳେ ଅଘଟଣ

## ନାବାଳିକା ମୃତ; ଶବ ରଖି ରାଜପଥ ଅବରୋଧ

ଭଦ୍ରକ,୫ ।୧୦(ସମିସ): ଜଣେ ନାବାଳିକା ରବିବାର ସନ୍ଧ୍ୟା ପ୍ରାୟ ୬ଟା ବେଳେ ଟ୍ୟୁସନରୁ ଘରକୁ ଫେରୁଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥର ବିଷ୍ଣୁପୁର ଛକଠାରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଜେସିବି ଦ୍ୱାରା ପ୍ରୋଟେକ୍ସନ ୱାଲ ଉଠାଯାଉଥିବା ବେଳେ ବେଲ୍ଟ ଛିଡି ଏହି ଅଘଟଣ ଘଟିଥିବା କୁହାଯାଉଛି । ନାବାଳିକା ମୃତ୍ୟୁକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ଉକ୍ତ





ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁ ହୋଇଛି । ମୃତ ନାବାଳିକା ହେଲେ ଭଜହରୀ ମଲିକଙ୍କ ଝିଅ କବିତା । ଧାମନଗର ଥାନା ବିଷ୍ଣୁପୁର ଛକ ନିକଟ ଓଭରବ୍ରିଜ କାର୍ଯ୍ୟ ବେଳେ ଏହି ଅଘଟଣ ଘଟିଛି । ଜାତୀୟ ରାଜପଥ ଲୋକେ ଉକ୍ତ ଜେସିବିଟିକୁ ପୋଡିଦେବା ସହ ଜାତୀୟ ରାଜପଥରେ ମରଶରୀର ରଖି ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି । ଫଳରେ ରାଜପଥରେ ଅଟକି ରହିଛି ହଜାର ହଜାର ଗାଡ଼ି ।

## ୩୯ ବର୍ଷ ପରେ ଏକାଠି ହେଲେ ଗୁରୁଶିଷ୍ୟ



ଭଦ୍ରକ,୫।୧୦(ସମିସ): ଦୀର୍ଘ ୩୯ ବର୍ଷର ବ୍ୟବଧାନ ପରେ ଏକାଠି ହେଲେ ଗୁରୁଶିଷ୍ୟ । ସୃଷ୍ଟି ହେଲା ଭାବବିହ୍ୱଳ ପରିବେଶ । ରବିବାର ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ସର୍ବପୁରାତନ ମତୋ ଉଚ୍ଚବିଦ୍ୟାଳୟର ୧୯୮୬ ମସିହାର ଛାତ୍ରଛାତ୍ରୀମାନେ ଏକାଠି ହୋଇଥିଲେ । ମତୋ କଲ୍ୟାଣ ମଣ୍ଡପଠାରେ ଏକ ବନ୍ଧୁ ମିଳନ ସହ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୧୯୮୬ ବ୍ୟାଚ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ସେତେବେଳର ଶିକ୍ଷକ ପଞ୍ଚାନନ ପଲାଇ, ବିମୋହିତ ଦାସ, ଅର୍ଜୁନ ଚରଣ ସାହୁ, ବୁଧିରାମ ରାଉତ, ବିଷ୍ଣୁପ୍ରସାଦ ମହାପାତ୍ର, ବିଦ୍ୟାଳୟର ପୂର୍ବତନ କର୍ମଚାରୀ ମାଧବାନନ୍ଦ ଦାସ, ସ୍ୱର୍ଗତ ନୀଳକଣ୍ଠ ରଥ, ସ୍ୱର୍ଗତ ନନ୍ଦକିଶୋର ବାରିକ, ସ୍ୱର୍ଗତ ପ୍ରଫୁଲ୍ଲ କୁମର ସାହୁ, ସ୍ୱର୍ଗତ ଦଶରଥ ମାଝି, ସ୍ୱର୍ଗତ ବଂଶୀଧର ନାୟକ, ଜନାର୍ଦ୍ଦନ ସାହୁ(କିରାଣି)ଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ପରେ ସଭା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଶିକ୍ଷକଙ୍କୁ ଉପହାର ଦେଇ ସମ୍ମାନିତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଗୋଲକ ବିହାରୀ ସାହୁ, ନିମାଇ ଚରଣ ଦାସ, ପୁରୁଷୋତ୍ତମ ପରିଡ଼ା, ଗୋବର୍ଦ୍ଧନ ପରିଡ଼ା, ବିନୋଦ କୁମାର ନାୟକ, କଳାକାର ନାୟକ, ଭରତ ମହାଳିକ, ପ୍ରଭଞ୍ଜନ ପୁହାଣ, ଅରୁଣ ପଣ୍ଡା, ବିଜୟ କୁମାର ନାୟକ, ସୁକାନ୍ତ ପାଣିଗ୍ରାହୀ, ଅଶୋକ କୁମାର ନାୟକ, ଜଗନ୍ନାଥ ନାୟକ, ପ୍ରଶାନ୍ତ ମହାନ୍ତି, ଶୁଭଶ୍ରୀ ପଣ୍ଡା, ଗୈରିବାଳା ସାହୁ, ଅନୁସୟା ବରାଳ, ସଞ୍ଜୟ ସାହୁ, ଉର୍ମିଳା ସାହୁ, ସୁମିତ୍ରା ସାହୁ, ଉମାକାନ୍ତ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ୪ ଭାଗବତ ଟୁଙ୍ଗି ସମ୍ବର୍ଦ୍ଧିତ

ରାମଚନ୍ଦ୍ରପୁର,୫ ।୧୦(ସମିସ): ଭୁବନେଶ୍ୱର ସତ୍ୟନଗରସ୍ଥିତ ଡେରାପନ୍ଥ ଭବନରେ ପୂଜ୍ୟସ୍ୱଦ ପଦ୍ମଶ୍ରୀ ବାବା ବଳିଆ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଦ୍ୱାରା ଏହି ଭାଗବତ ମହୋତ୍ସବ ଉଦ୍‌ଘାଟିତ ହୋଇଛି । ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ସାଧୁସନ୍ଥଙ୍କ ଗହଣରେ ଭାଗବତ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ଆସିଥିବା ସାଧୁ ସନ୍ଥ, ଭାଗବତ ପ୍ରଚାର ପ୍ରସାରର ମୁଖ୍ୟ ପୁରୋଧା, ଭାଗବତ ଟୁଙ୍ଗି ପରିଚାଳକ ତଥା ଭଗବତ୍ ରସଗ୍ରାହୀ ସଜ୍ଜନ ବୃନ୍ଦ ଉଦ୍ ବୋଧନ ଦେଇଥିଲେ । କେନ୍ଦୁଝର ଜିଲ୍ଲାରୁ ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନ, ସମେତ ଅନେକ ଭାଗବତ ପ୍ରେମୀ ଯୋଗଦେଇଥିଲେ । ଇତିଅବସରରେ ଘସିପୁରା ବ୍ଲକ ଅନ୍ତର୍ଗତ କଇଁସିଆରୀ, ଗଡବାନ୍ଧଗୋଡା, ଦାନ୍ତିଆ ଏବଂ ଜଳସୁଆଁ ଭାଗବତ ଟୁଙ୍ଗିକୁ ଅତିଥିଙ୍କ ଗହଣରେ ପୁରସ୍କୃତ କରାଯାଇଥିଲା । ଭାଗବତପ୍ରେମୀ ଦିଲ୍ଲୀପ ମାଝୀ, ଶରତ ସ୍ୱାଇଁ, ଭ୍ରମରବର ରାଉତ, ନୃସିଂହ ମଲ୍ଲିକ, ପ୍ରେମାନନ୍ଦ ନାଥ, ପ୍ରଶାନ୍ତ ଚକ୍ର ଭାଗବତଟୁଙ୍ଗିର



ପ୍ରତିନିଧି ଭାବେ ସମ୍ବର୍ଦ୍ଧିତ ହୋଇଥିଲେ । ସମ୍ବର୍ଦ୍ଧିତ ଭାଗବତ ଟୁଙ୍ଗି ନିରନ୍ତର ଭାବେ ଭାଗବତ ପ୍ରଚାର ପ୍ରସାର ସହ ଧର୍ମ ଜାଗେରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଜାରି ରଖିଥିବା ଜଣାପଡିଛି ।

## ୫୪ତମ ବିଜୟା ମିଳନ

# ଉନ୍ନତ ପରମ୍ପରାରୁ ସାହିତ୍ୟ ସଂସ୍କୃତିର ପରିଚୟ ମିଳେ

ଭଦ୍ରକ,୫ ।୧୦(ସମିସ): ସାଂସ୍କୃତିକ ଜୀବନ ସମାଜକୁ ସୁସ୍ଥ ଓ ସୁନ୍ଦର କରିବାରେ ସହାୟକ ହେବା ସହିତ ଦିଗ୍?ଦର୍ଶନ ଦେଇଥାଏ । ଯେଉଁଠି ସଂସ୍କୃତିର ଅବକ୍ଷୟ ଦେଖାଯାଏ, ସେଠାରେ ସାଂସ୍କୃତିକ ଜୀବନ ଦୁର୍ବଳ ହୋଇପଡେ ବୋଲି ଭଦ୍ରକ ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ଆୟୋଜିତ ୫୪ତମ ବିଜୟା ମିଳନ ଉତ୍ସବରେ ମତପ୍ରକାଶ ପାଇଛି । ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଉତ୍ସବକୁ ଭଦ୍ରକର ଜିଲ୍ଲାପାଳ ଦିଲୀପ ରାଉତରାଏ ଉଦ୍‌ଘାଟନ କରି କହିଲେ ଯେ ଭାଷା ଜ୍ଞାନ ବିଜ୍ଞାନର କଥା କହୁଥିବା ବେଳେ, ସାହିତ୍ୟ ହୃଦୟର କଥା କହିଥାଏ । ମୁଖ୍ୟଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ ଯୋଗଦେଇ ଓଡିଶାର ସାହିତ୍ୟ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବାରେ ଏପରି ବିଜୟା ମିଳନ ଦୀର୍ଘ ୫୪ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଯେପରି ପାଳନ କରିଆସୁଛି ତାହା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକା ମନୋରମା ବିଶ୍ୱାଳ ମହାପାତ୍ର କହିଲେ ଯେ, ସମାଜକୁ ଦିଗ୍?ଦର୍ଶନ ଦେବା ଦିଗରେ ସାହିତ୍ୟିକ ଭୀରୁତା ପ୍ରଦର୍ଶନ କରିବା ଉଚିତ ନୁହେଁ । ସମ୍ମାନିତ ବକ୍ତା ଭାବେ ଡେପୁଟି କଲେକ୍ଟର




କାର୍ତ୍ତିକ ନାଥ ମଣ୍ଡଳ ଓ ସୁସାହିତ୍ୟିକା ତଥା ସ୍ମୃତି ସାନ୍ତ୍ୱନାର ସଂପାଦିକା ସବିତାରାଣୀ ବେହେରା ଯୋଗଦେଇ ବିଜୟା ମିଳନ ପରି ଉତ୍ସବ ସାମାଜିକ ଜୀବନରେ ବନ୍ଧୁତା ଓ ପ୍ରୀତି ବଜାୟ ରଖେ ବୋଲି କହିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ସାହିତ୍ୟରତ୍ନ ସ୍ୱର୍ଗତ ଅପୂର୍ବ ରଂଜନ ରାୟଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଚଳିତବର୍ଷ ମର୍ଯ୍ୟାଦାଜନକ 'ବିଜୟା ସମ୍ମାନ' ବିଶିଷ୍ଟ ସାହିତ୍ୟ ସମାଲୋଚକ, ନାଟ୍ୟକାର ଏବଂ ପ୍ରାବନ୍ଧିକ ଡ. ବିଜୟ କୁମାର ଶତପଥୀଙ୍କୁ ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ସଭାପତି କରୁଣାକର ବେହୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ 'ବିନୋଦ ବିହାରୀ ସ୍ମୃତି ସମ୍ମାନ' ପ୍ରଫେସର ଜ୍ୟୋତ୍ସ୍ନା ମହାପାତ୍ର, 'ନିଶାମଣି ସ୍ମୃତି ସମ୍ମାନ' ସାହିତ୍ୟିକା ଅନ୍ନପୂର୍ଣ୍ଣା ମହାନ୍ତି, 'ସରୋଜ କଳା ସ୍ମୃତି ସମ୍ମାନ' ଚିତ୍ରଶିଳ୍ପୀ କ୍ଷୀରୋଦ ରାଉତ ଏବଂ 'ଗୌରାଙ୍ଗଚନ୍ଦ୍ର ମହାନ୍ତି ସ୍ମୃତି ସମ୍ମାନ' ଡ. ସୁଚେତା ରାଉତଙ୍କୁ ପ୍ରଦାନ କରାଯାଇଥିଲା । ଅଧାପକ ଦତ୍ତାତ୍ରେୟ ଦାସ ଉତ୍ସବ ସଂଚଳନା କରିଥିବା ବେଳେ, ଅନୁଷ୍ଠାନର ସହସଂପାଦକ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆମନ୍ତ୍ରଣ ଓ ସଂପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଲିପିପୁଷ୍ପା ରାୟ,ଜାନକୀ ପାଢ଼ୀ, ମନୋରମା ରାୟ, ମମତା ଦାସ ଓ ବିଚିତ୍ରା ନନ୍ଦ ଜେନା ପ୍ରମୁଖ ମାନପତ୍ର ପାଠ କରିଥିଲେ । ମାଷ୍ଟର ରୁଦ୍ରମାଧବ ବାରିକଙ୍କ ନିର୍ଦ୍ଦେଶନାରେ ଶିଶୁ କଳାକାର ସଙ୍ଗୀତ ପରିବେଷଣ କରିଥିଲେ । ଏହି ଅବସରରେ କବି କରୁଣାକର ବେହୁରିଆଙ୍କ 'ପିଲାଙ୍କ ମନଛୁଆଁ ଗପ', ବିଚିତ୍ରା ନନ୍ଦ ଜେନାଙ୍କ 'ଅଙ୍କୁର' ଓ ବିଜୟା ସ୍ମାରକୀ ପୁସ୍ତକ ଉନ୍ମୋଚିତ ହୋଇଥିଲା । କବି ଅକ୍ଷୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ କବିତା ପର୍ବରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଗୋଲୋକ ବିହାରୀ ସାହ ସଭାପତିତ୍ୱ କରିଥିବା ବେଳେ, ସମ୍ମାନିତ ବକ୍ତା ଭାବେ ସୁସାହିତ୍ୟିକ ଡ. ଅଶୋକ କୁମାର ପୁହାଣ ପ୍ରମୁଖ ଯୋଗଦେଇ କବିତା ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । କବୟିତ୍ରୀ ସଂଯୁକ୍ତା ବଳ, କବି ମୁସ୍ତକ ଗହ୍ୱର, ଶରତଚନ୍ଦ୍ର ଜେନା, ପ୍ରମୁଖ କବିତା ସଂଯୋଜନା କରିଥିଲେ । କବି ଅରୂପା ନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଓଡିଶାରୁ ବିଭିନ୍ନ ଅଞ୍ଚଳରୁ ଭିନ୍ନ ଭିନ୍ନ ଭାଷାଭାଷୀ କବି ଓ କବୟିତ୍ରୀମାନେ ଅଂଶଗ୍ରହଣ କରି ସ୍ୱରଚିତ କବିତା ପାଠ କରିଥିଲେ । ଦିବସବ୍ୟାପୀ ଏହି କାର୍ଯ୍ୟକ୍ରମକୁ କାଳନ୍ଦୀ ମଲ୍ଲିକ, ସୁଶ୍ରୀ ସ୍ୱାଗତିକା ଦାସ, ମନୋଜ ଦାସ, ଆଶିଷ ରାୟ, ସଂଗ୍ରାମ ସାହୁ, ସାଇ ସିଦ୍ଧି ଦାସ, ତ୍ରିଲୋକ ରାୟ ପ୍ରମୁଖ ପରିଚାଳନା କରିଥିଲେ ।

## ୟୁନାଇଟେଡ୍ କ୍ଲବ୍ କ୍ରିକେଟର୍-ସଂଗଠକ ସୁରେଶଙ୍କ ସ୍ମୃତିସଭା

ଭଦ୍ରକ, ୫।୧୦(ସମିସ): ଦିବଂଗତ ସୁରେଶଚନ୍ଦ୍ର ଦାସ ଭଦ୍ରକରେ ଜଣେ ଚର୍ଚ୍ଚିତ ଚରିତ୍ର ଥିଲେ । 'କୁଶା' ନାମରେ ସର୍ବପରିଚିତ ସୁରେଶ ୧୯୭୧ରେ ଚରମ୍ପାର ଗୋଟିଏ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ବାଲ୍ୟ ବୟସରୁ ସେ କ୍ରୀଡା ପ୍ରତି, ବିଶେଷତଃ କ୍ରିକେଟ୍ ପ୍ରତି ଆସକ୍ତ ଥିଲେ । ଏହି ଆସକ୍ତି ତାଙ୍କୁ ୟୁନାଇଟେଡ୍ କ୍ଲବ୍ ସହ ଯୋଡିଥିଲା । ଏଇଠି ସେ କ୍ରିକେଟ୍ ଶିଖିଥିଲେ । ୯୦ ଦଶକରେ ସେ ନିୟମିତ କ୍ଲବ୍‌ର ପ୍ରତିନିଧିତ୍ୱ କରୁଥିଲେ । ଜଣେ ଓପନିଂ ବ୍ୟାଟ୍ସମ୍ୟାନ୍ ରୂପେ ତାଙ୍କର ଖ୍ୟାତି ଥିଲା । ସମୟାନୁକ୍ରମେ ସେ କ୍ରିକେଟ୍‌ରୁ ଅବସର ନେଲେ, କିନ୍ତୁ କ୍ଲବ୍ ପ୍ରତି ତାଙ୍କର ଅନୁରକ୍ତି ଅକ୍ଷୁଣ୍ଣ ଥିଲା । ୟୁନାଇଟେଡ୍ କ୍ଲବ୍ ଦ୍ୱାରା ଆୟୋଜିତ ହେଉଥିବା ସର୍ବଭାରତୀୟ ବୀରେନ ପଲାଇ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ହେଉ ଅଥବା ଯୋଗେନ୍ଦ୍ର ପ୍ରସାଦ ସ୍ମାରକୀ ଭଲିବଲ୍ ଟୁର୍ଣ୍ଣାମେଣ୍ଟ, ରଜୋତ୍ସବ ହେଉ ବା ଭଜନ ସନ୍ଧ୍ୟା, ସବୁ କାର୍ଯ୍ୟକ୍ରମରେ ସେ ସକ୍ରିୟ ଥିଲେ । ଏଥିସହ ସେ ଚରମ୍ପାସ୍ଥିତ ସ୍କୁଲ ରୋଡ୍ ପୂଜା କମିଟି ସହ ଜଡ଼ିତ ଥିଲେ । ଶ୍ରୀ କ୍ଷେତ୍ର ଡେକୋରେଟର୍ସନାମକ ସଂସ୍ଥା ପ୍ରତିଷ୍ଠା ଓ ପରିଚାଳନା କରୁଥିଲେ । ସେପ୍ଟେମ୍ବର ୨୩ ତାରିଖ ପୂର୍ବାହ୍ନରେ ହୃଦଘାତ ହେତୁ ତାଙ୍କର ଆକସ୍ମିକ ମୃତ୍ୟୁ ହେଲା । ମୃତ୍ୟୁ ବେଳକୁ ତାଙ୍କ ବୟସ ୫୫ ଥିଲା । ସ୍କୁଲ ରୋଡ୍ ପୂଜା କମିଟି ଓ ୟୁନାଇଟେଡ୍ କ୍ଲବ୍ ପ୍ରତି ତାଙ୍କର ଅନୁରାଗ ତଥା ଅବଦାନକୁ ସମ୍ମାନ ଜଣାଇ ଏକ ବିରଳ ଘଟଣାକ୍ରମେ ଉଭୟ ଅନୁଷ୍ଠାନର ସଦସ୍ୟମାନେ ତାଙ୍କର ଶୁଦ୍ଧିକ୍ରୀୟା ଆୟୋଜନ କରିଥିଲେ । ଦିବଂଗତ ଆତ୍ମାର ସଦଗତି ନିମନ୍ତେ ଏକ ପ୍ରାର୍ଥନା ସଭା




ଅନୁଷ୍ଠିତ ହୋଇଥିଲା । କ୍ଲବର ସଭାପତି ହେମନ୍ତ କୁମାର ମିଶ୍ର, ଉପସଭାପତି ଅନୁପ ନାୟକ, ସାଧାରଣ ସମ୍ପାଦକ ବିଶାଳ ଗୋପାଳ ଲଖାନୀ, ଯୁଗ୍ମ ସମ୍ପାଦକ ସୁରେଶ ପଲାଇ ଓ କୋଷାଧ୍ୟକ୍ଷ ସନ୍ତୋଷ ଜେନା, ପୂଜା କମିଟି ସମୂହର ସଭାପତି ଦିଲ୍ଲୀପ ନାୟକ ଓ ସାଧାରଣ ସମ୍ପାଦକ ସଞ୍ଜୟ ତ୍ରିପାଠୀ, ଦୁର୍ଗାପୂଜା କମିଟିର ସଭାପତି ସୌଭାଗ୍ୟ ପରିଡା ଓ ସମ୍ପାଦକ ଅଶୋକ କୁମାର ଦତ୍ତ ଏବଂ କାଳୀପୂଜା କମିଟିର ସଭାପତି କଲ୍ଲୋଳ କୁମାର ଲେଙ୍କା ଓ ସମ୍ପାଦକ ମଦନମୋହନ ମହାନ୍ତି ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପୂର୍ବତନ ବିଧାୟକ ତଥା ଉଭୟ ଅନୁଷ୍ଠାନର ଉପଦେଷ୍ଟା ନରେନ୍ ପଲାଇ, ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନର ସଭାପତି ବିଜୟ କୁମାର ଜେନା, ଯୁଗ୍ମ ସମ୍ପାଦକ ବିଜୟ ଲଖାନୀ, ଓଡିଶା କ୍ରିକେଟ୍ ଆସୋସିଏସନର ପୂର୍ବତନ ଅଧ୍ୟକ୍ଷ ଧୀରେନ୍ ପଲାଇ, ରୋଟାରୀଆନ୍ ସୀତାକାନ୍ତ ଦାସ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସମ୍ପାଦକ ପବନ କୁମାର ଶର୍ମା, ସଦସ୍ୟ ବିଦ୍ୟାଧର ବାରିକ, ସବୁଜ କ୍ଲବ୍ ସମ୍ପାଦକ ଅଜୟ କୁମାର ଧଳ, ପୂଜାକମିଟିର ବରିଷ୍ଠ ସଦସ୍ୟ ରତିକାନ୍ତ ପରିଡା, ପ୍ରଦୀପ କୁମାର ମହାନ୍ତି, ବାବୁଲାଲ୍ ଦାସ, ଆନନ୍ଦ ଚନ୍ଦ୍ର ପାଣିଗ୍ରାହୀ, ପ୍ରଫୁଲ୍ଲ ପଲାଇ ଏବଂ ସହପାଠୀ ପ୍ରଦୀପ କୁମାର ପାଢ଼ୀ, ସରୋଜ କୁମାର ପଣ୍ଡା, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

# ଆର୍‌ଡି ରାସ୍ତା ମରଣଯନ୍ତା



ତେଲକୋଇ, ୫।୧୦(ସମିସ): ତେଲକୋଇ ବ୍ଲକ ମୁଖ୍ୟାଳୟର ବିର୍ସାମୁଣ୍ଡା ଛକ ନିକଟରୁ ଶିବନାରାୟଣପୁର ଗୋଡା ରାସ୍ତା ମରଣଯନ୍ତା ପାଲଟିଛି। ଫଳରେ ଯାତାୟାତରେ ବହୁତ ବାଧାବିଘ୍ନ ଉପୁଜିଛି।ଏହି ରାସ୍ତାଟି ଆରଡି ବିଭାଗ ଅଧୀନରେ ରହିଥିବା ବେଳେ ହଜାର ହଜାର ସଂଖ୍ୟାରେ ଗାଡ଼ି ମୋଟର ଚଳାଚଳ କରୁଛି। ସେହିପରି ଶିବନାରାୟଣପୁର ଗୋଡ଼ା ପଞ୍ଚାୟତ, ତେଲକୋଇ ପଞ୍ଚାୟତ ଓ ତାଳପଦା ପଞ୍ଚାୟତର ପ୍ରାୟ ୨୦ଟି ଗ୍ରାମ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଉକ୍ତ ରାସ୍ତାଟି ୧୩କିମି ରହିଥିବା ବେଳେ ରାସ୍ତାଟି ବହୁତ ଖାଲଖମାରେ ଭର୍ତ୍ତି ହୋଇଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ଜମି ରହୁଛି। ଫଳରେ ବହୁ ସମୟରେ ଗାଡ଼ି ମୋଟର ଦୁର୍ଘଟଣାଗ୍ରସ୍ତ ହେଉଛି। ତୁରନ୍ତ ବିଭାଗ ପକ୍ଷରୁ ରାସ୍ତା ମରାମତି କରିବା ପାଇଁ ଦାବି ହୋଇଛି।

## ପୂଜକ ଇନ୍ଦ୍ରମଣି ପଣ୍ଡାଙ୍କ ପରଲୋକ



ଆନନ୍ଦପୁର, ୫।୧୦ (ସମିସ): ବାଲିବରୁଆଁ ଗ୍ରାମର ବିଶିଷ୍ଟ କର୍ମକାଣ୍ଡ ପୁରୋହିତ ଇନ୍ଦ୍ରମଣି ପଣ୍ଡାଙ୍କ ୯୫ବର୍ଷରେ ପରଲୋକ ହୋଇଯାଇଛି। ସେ ତାଙ୍କ ପୁଅ ତଥା କର୍ମକାଣ୍ଡି ପଣ୍ଡାଙ୍କ ଆନନ୍ଦପୁରସ୍ଥିତ ବାସଭବନରେ ରହୁଥିଲା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କ ପ୍ରାଣବାୟୁ ଉଡିଯାଇଛି। ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ଶେଷ ଦର୍ଶନ କରିଥିଲେ। ପରିବାର ଲୋକେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରିଛନ୍ତି।

## ଚେନ୍ନାଇରେ ଓଡ଼ିଆ ଡେଲିଭରି ବୟଙ୍କ ଦୁର୍ଘଟଣାରେ ମୃତ୍ୟୁ



ରାମଚନ୍ଦ୍ରପୁର/ଆନନ୍ଦପୁର, ୫।୧୦(ସମିସ): ରାଜ୍ୟରେ ଦାଦନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ସରକାର କୌଣସି ସୁଧାର ଆଣିବାରେ ସଫଳ ହେଉ ନଥିବା ଦେଖିବାକୁ ମିଳିଛି। ଘସିପୁରା ବ୍ଲକ ବଳରାମପୁର ପଞ୍ଚାୟତ ଅନ୍ତର୍ଗତ ଅତାସାହି ଗ୍ରାମର ଗୋଲଖ ବିହାରୀ ସାହୁଙ୍କ ବଡ଼ପୁଅ ଜଗନ୍ନାଥ ସାହୁ(କାଳିଆ, ୨୭ ବର୍ଷ) ଚେନ୍ନାଇରେ ଫୁଡ୍ ଡେଲିଭରୀବୟ ଭାବେ କାର୍ଯ୍ୟ କରି ଆସୁଥିଲେ। ଗତକାଲି ସେଠାରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାର ନିକଟରେ ଶବ ପହଞ୍ଚିବା ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ହେବ ବୋଲି କହିଛନ୍ତି ତାଙ୍କ ପରିବାର ଲୋକେ। ରୋଜଗାରକ୍ଷମ ପୁଅକୁ ହରାଇ ସମ୍ପୂର୍ଣ ଭାଙ୍ଗି ପଡିଛନ୍ତି। ଏଭଳି ମୃତ୍ୟୁ ପରେ ପରିବାର ଲୋକେ ଅସହାୟ ହୋଇ ପଡ଼ିଥିବା କହିଛନ୍ତି। ସରକାରଙ୍କ ତରଫରୁ ସହାୟତା ରାଶି ପ୍ରଦାନ କଲେ ପରିବାର ଲୋକେ ଉପକୃତ ହୁଏନ୍ତେ ବୋଲି କହିଛନ୍ତି। ତାଙ୍କ ସାନ ଭାଇ ଜିତେନ୍ଦ୍ର ସାହୁ ମଧ୍ୟ ଚେନ୍ନାଇରେ ଫୁଡ୍ ଡେଲିଭରି କାର୍ଯ୍ୟରତ ଥିବା ଜଣାପଡିଛି।

## ଦିବ୍ୟାଙ୍ଗ ଶିବାଂଶୀଙ୍କୁ ମିଳୁନି ସହାୟତା



ହାଟଡ଼ିହୀ, ୫।୧୦(ସମିସ): ହାଟଡ଼ିହୀ ବ୍ଲକ ସୁଲଣ ଗ୍ରାମର ଗୋପୀନାଥ ନାଥଙ୍କ ଏକମାତ୍ର ୩ବର୍ଷୀୟା ଝିଅ ଶିବାଂଶୀ ନାଥ ଜନ୍ମରୁ ଭିନ୍ନକ୍ଷମ ଅଟେ। ବାପା ଗୋପୀନାଥ ରାଜ୍ୟ ବାହାରେ ଦାଦନ ଖଟୁଥିବା ବେଳେ ଏପଟେ ପରିବାର ଚଳାଇ ପ୍ରତ୍ୟେକ ମାସ ଝିଅର ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରିବାରେ ସକ୍ଷମ ହୋଇପାରୁ ନାହାନ୍ତି। ଯାହା ଫଳରେ ଝିଅର ଚିକିତ୍ସା କ୍ଷେତ୍ରରେ ଅର୍ଥ ପ୍ରତିବନ୍ଧକ ସାଜୁଛି। ଭିନ୍ନକ୍ଷମ ପ୍ରମାଣପତ୍ର ଅନୁଯାୟୀ ଶତକଡା ୮୫% ପ୍ରତିଶତ ଭିନ୍ନକ୍ଷମ ହୋଇଥିଲେ ହେଁ କୁନି ଝିଅ ଆଜି ପର୍ଯ୍ୟନ୍ତ ସରକାରୀ ସହାୟତା ବ୍ୟବସ୍ଥା ହୋଇପାରି ନାହିଁ। ଆନନ୍ଦପୁର ଉପଜିଲ୍ଲାପାଳ ଏ ଦିଗରେ ସରକାରୀ ବ୍ୟବସ୍ଥାରୁ କୌଣସି ପ୍ରକାର ସହାୟତା ଯୋଗାଇ ପାରିଲେ ପରିବାର ସହ ଶିବାଂଶୀ ଉପକୃତ ହୋଇପାରନ୍ତା ବୋଲି ଯୁବ ସମାଜସେବୀ ଉମାକାନ୍ତ ରାଉତ କହିଛନ୍ତି।

**ଜଘନ୍ୟ ହତ୍ୟାକାଣ୍ଡ**

# ସାବତ ପୁଅର ଭୁଜାଲି ଚୋଟରେ ବାପ ମୃତ

ଯୋଡ଼ା, ୫।୧୦(ସମିସ)

କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଯୋଡ଼ା ହନୁମାନ ହଟିଙ୍ଗରେ ଏକ ଅଭାବନୀୟ ଘଟଣାକ୍ରମରେ ସାବତ ପୁଅର ଭୁଜାଲି ଚୋଟରେ ବାପର ପ୍ରାଣ ଯାଇଛି। ସାଙ୍ଗମାନଙ୍କ ସହ ମିଶି ସାବତ ବାପାଙ୍କୁ ଆକ୍ରମଣ ପରେ ହତ୍ୟା କରାଯାଇଛି। ମୃତ ବ୍ୟକ୍ତି ହେଉଛନ୍ତି ମନୋଜ କାଳନ୍ଦୀ। ସୂଚନା ଅନୁଯାୟୀ, ରବିବାର ସକାଳ ସମୟରେ ସେ ସ୍କୁଟିରେ ଯାଉଥିଲେ। ପୂର୍ବରୁ ଛକି ବସିଥିବା ସାବତ ପୁଅ ବିଶାଳ କାରୁଆ ଓ ତାର ସାଙ୍ଗମାନେ ତାଙ୍କୁ ଏକ ଲୁହା ପାଇପ ଦ୍ୱାରା ବାଡେଇଥିଲେ। ତଳେ ପଡିଯିବାରୁ ବିଶାଳ ଏକ ଭୁଜାଲିରେ ପେଟକୁ ହାଣି ପକାଇଥିଲା। ଘଟଣା ଘଟାଇ ବିଶାଳ ଓ ସାଥୀମାନେ ଫେରାର ହେବା ପରେ ସ୍ଥାନୀୟ ଲୋକ ପୁଲିସକୁ ଖବର ଦେଇଥିଲେ। ମନୋଜଙ୍କ ପରିବାର ତୁରନ୍ତ ତାଙ୍କୁ ଡାକ୍ତରଖାନା ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୋଡ଼ା ପୁଲିସ ଘଟଣାର ସରଜମିନ ଅନୁଧ୍ୟାନ କରିବା ସହ ଶବକୁ ଉକ୍ତ ଡାକ୍ତରଖାନାର ଶବ ଗୃହରେ ରଖାଇ ଫେରାର ଥିବା ବିଶାଳ ଓ ସାଙ୍ଗମାନଙ୍କୁ ଖୋଜିବାରେ ଚେଷ୍ଟା ଚଳାଇଛି। ମନୋଜ କାଳନ୍ଦୀ ପୂର୍ବରୁ ବିବାହିତ ଥିବା ବେଳେ ବିଶାଳ କାରୁଆର ମା' ଲକ୍ଷ୍ମୀଙ୍କୁ ଦ୍ୱିତୀୟ ସ୍ତ୍ରୀ ଭାବେ ଘରକୁ ଆଣିଥିଲେ। ବିଶାଳ ଓ ମନୋଜ ମଧ୍ୟରେ ପୂର୍ବରୁ ଅନେକ ଥର ଝଗଡା ହୋଇଛି। ପୂର୍ବରୁ ଉଭୟଙ୍କ ମଧ୍ୟରେ ତିକ୍ତତା ରହିଥିବା ହେତୁ ଆଜି ଏତେବଡ଼ ଜଘନ୍ୟ କାଣ୍ଡ ଘଟିଗଲା ବୋଲି ମୃତକଙ୍କ ମା' ଓ ପୀଡସି ପ୍ରକାଶ କରିଛନ୍ତି।

# ବସ୍ ଚାପାରେ ହେଲ୍ପର ମୃତ



ଆନନ୍ଦପୁର/ହାଟଡ଼ିହୀ, ୫।୧୦(ସମିସ): ନନ୍ଦିପଦା ଥାନା ଛେନାପଦି ଛକ ନିକଟରେ ଦୁର୍ଘଟଣା ଘଟି ଜଣେ ହେଲ୍ପରଙ୍କ ପ୍ରଣାହାନି ଘଟିଛି। ରବିବାର ଦିନ ୧୨ଟା ସମୟରେ ପାଟଣା ଦମାହୁଦାରୁ ହଦଗଡ଼ ବଉଳା ଅଞ୍ଚଳକୁ ଯାଉଥିବା ବର୍ଷାରାଣୀ ବସର ହେଲ୍ପର ରାଇଜିଙ୍ଗ ମୁର୍ମୁ(୨୨) ଅସାବଧାନତା ଯୋଗୁଁ ବସ ତଳକୁ ଖସି ପଡ଼ିବାରୁ ଚକ ଅଣ୍ଟା ଉପରେ ଚଢ଼ି ଯାଇଥିଲା। ଚଳନ୍ତା ବସ୍‌ରେ ରହି ଏକ ଇଟା ବୋଝେଇ ଟ୍ରାକ୍ଟରରୁ ହାତ ବଢ଼ାଇ ଇଟା ଆଣିବା ବେଳେ ସେ ଭାରସାମ୍ୟ ହରାଇ ତଳେ ପଡ଼ି ଯାଇଥିଲେ। ପରେ ହାଟଡ଼ିହୀ ଅଗ୍ନିଶମ ବାହିନୀଙ୍କ ସହଯୋଗରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଦୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ନନ୍ଦିପଦା ପୁଲିସ ବସଟିକୁ ଜବତ କରି ଥାନାକୁ ନେଇ ଅଧିକ ତଦନ୍ତ ଜାରି ରଖିଛି। ହେଲ୍ପର ରାଇଜିଙ୍ଗ ମୁର୍ମୁଙ୍କ ଘର ଆନନ୍ଦପୁର ଥାନା ମନୋହରପୁର ଗ୍ରାମରେ।

# ଧୁମଧାମ୍‌ରେ ପାଳନ ହେଲା 'ରାବଣପୋଡ଼ି'



ଯୋଡ଼ା, ୫।୧୦(ସମିସ): ଯୋଡ଼ା କେନ୍ଦ୍ରୀୟ ଖେଳ ପଡିଆଠାରେ ଖୁବ ଧୂମଧାମରେ ପାଳନ ହୋଇଛି ରାବଣ ପୋଡି ଉତ୍ସବ। ରାବଣ ପୋଡି କମିଟିର ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ଜିତେନ୍ଦ୍ର ପଟନାୟକଙ୍କ ତତ୍ତ୍ୱାବଧାନରେ ସଭାପତି ସୁଶାନ୍ତ ବାରିକ ଓ ସମ୍ପାଦକ ନିହାର ରଞ୍ଜନ ରାଉତଙ୍କ ପ୍ରଚେଷ୍ଟାରେ ରାବଣ ପୋଡ଼ି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ବିଶ୍ୱହିନ୍ଦୁ ପରିଷଦ ଯୋଡ଼ା ସଭାପତି ରଂଜିତ ମହାକୁଡ଼ ଯୋଗ ଦେଇଥିଲେ। ବର୍ଷା ସତ୍ତ୍ୱେ ଯୋଡ଼ା ସହରର ହଜାର ହଜାର ଦର୍ଶକ ରାବଣ ଦହନ ଓ ରଙ୍ଗବେରଙ୍ଗୀ ଆତସବାଜିର ଆନନ୍ଦ ଉଠାଇଥିଲେ। ବିଶ୍ୱ ହିନ୍ଦୁ ପରିଷଦର ଯୋଡ଼ା ସଦସ୍ୟବୃନ୍ଦ, ରାବଣ ପୋଡି କମିଟି ଉପଦେଷ୍ଟା ପୁରୁଷୋତ୍ତମ ଦାସ, ମୁକେଶ ସିଂଘାଣିଆ, ପିଣ୍ଟୁ ସାହୁ, ପାଣ୍ଡବ କାରୁଆ, ସୁବାସ ବିହାରୀ, କେଜ୍ରିୱାଲଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ପାଇଁ ପୁଲିସ ବିଭାଗ ପକ୍ଷରୁ ସହଯୋଗ କରାଯାଇଥିଲା।

## ଜମିଲା ଲାଖ ବିନ୍ଧା ଓ ରାବଣ ପୋଡ଼ି ଉତ୍ସବ

ହାଟଡ଼ିହୀ, ୫।୧୦(ସମିସ):

ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଦଶହରା ପର୍ବ ସହ ରାବଣ ପୋଡ଼ି ଉତ୍ସବ ପାଳିତ ହୋଇଯାଇଛି। ତହସିଲ ପାଖ ପଡ଼ିଆରେ ଲଘୁଚାପ ବର୍ଷା କିଞ୍ଚିତ୍ ମାତ୍ରାରେ ଫିକା ପକେଇ ଦେଇଥିଲା। ହାଟଡ଼ିହୀ ରାବଣ ପୋଡ଼ି ଉତ୍ସବଟି ନିତ୍ୟାନନ୍ଦ ପହିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ବିଜେପି ନେତା ଆଲୋକ ସେଠୀ ଏଥିରେ ମୁଖ୍ୟଅତିଥି ଭାବେ ଦଶମୁଣ୍ଡିଆ ରାବଣ ଉପରକୁ ବାଣ ପ୍ରହାର ପୂର୍ବକ ଅଗ୍ନି ସଂଯୋଜନା କରିଥିଲେ। ଗ୍ରାମର ଟୁନା ଜେନା ଲାଖ ବିନ୍ଧାରେ ବିଜୟୀ ହେବାରୁ ତାଙ୍କୁ ପୁଷ୍ପଗୁଚ୍ଛ ସହ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ସୁଶାନ୍ତ ଜେନାଙ୍କ ସହ ଗ୍ରାମର କାର୍ତ୍ତିକ ମହାନ୍ତି, ସୁରେଶ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲା ବେଳେ ବିଜୟ କୁମାର ଜେନା, ବାସୁଦେବ ଜେନା, ନିରାକାର ଜେନା, ପ୍ରହ୍ଲାଦ ଜେନା, କାହ୍ନା ଜେନା, ରାମଚନ୍ଦ୍ର ଜେନା, ବିଶ୍ୱରଞ୍ଜନ ରାଉତ, ମନୋଜ ରଣା, ରଞ୍ଜନ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ପୋଡ଼ାସିଙ୍ଗିଡ଼ିରେ ଶ୍ରୀନିବାସ ଜେନାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ହାଟଡ଼ିହୀ, ୫।୧୦(ସମିସ)

ହାଟଡ଼ିହୀ ବ୍ଲକ ପଦାଡୋ ପଞ୍ଚାୟତ ପୋଡାସିଙ୍ଗିଡ଼ିସ୍ଥିତ ସାଇ ଫାର୍ମାହାଉସ୍‌ଠାରେ ସ୍ୱର୍ଗତ ଶ୍ରୀନିବାସ ଜେନାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ବାପାଙ୍କ ସ୍ମୃତିକୁ ଉଦଜୀବିତ ରଖିବା ନେଇ ପୁଅ ପ୍ରିୟବ୍ରତ ଜେନା ତାଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ଯୁବନେତା ଚିତ୍ତରଞ୍ଜନ ପାତ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ପଦାଡୋ ସରପଞ୍ଚଙ୍କ ପ୍ରତିନିଧି ନିକୁଞ୍ଜ ଓଝା, ବରିଷ୍ଠ ସମାଜସେବୀ ଗୌରାଙ୍ଗ ରଣା, ବରିଷ୍ଠ ବିଜେପି ନେତା ଆଲୋକ ସେଠୀଙ୍କ ସମେତ ଭଦ୍ରକ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ପ୍ରଦୀପ୍ତ ବାଘ, ଭଦ୍ରକ ତହସିଲ କାର୍ଯ୍ୟାଳୟର ରାଜସ୍ୱ ପରିଦର୍ଶକ ଜ୍ୟୋତିରଞ୍ଜନ ପଣ୍ଡା, ପ୍ରଫେସର ଡ.ବଳରାମ ମିଶ୍ର, ପ୍ରଫେସର ଡ. ଶଶଧର ଦାଶ, ନିହାର ରଞ୍ଜନ ଦାଶ, ବରିଷ୍ଠ ସାମ୍ବାଦିକ ବୈଲୋଚନ ବେହୁରିଆଙ୍କ ସହ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ସାହିତ୍ୟିକା, ବୁଦ୍ଧିଜିବୀ ଓ ଗ୍ରାମବାସୀ ସାମିଲ ହୋଇଥିଲେ। ସ୍ୱର୍ଗତ ଜେନା ଭଦ୍ରକ ଜିଲ୍ଲା ରାଜସ୍ୱ ବିଭାଗର ରାଜସ୍ୱ ପରିଦର୍ଶକ ଭାବେ ଜଣେ ଦକ୍ଷ ଅଧିକାରୀ ଥିଲେ। ସେ ଗ୍ରାମ ଓ ସମାଜ ପାଇଁ ଯେଉଁ ସେବା କରିଥିଲେ, ତାହା ସଦାସ୍ମରଣୀୟ ରହିବ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ଏହି ସମାରୋହରେ ଶ୍ରୀନିବାସ ଜେନାଙ୍କ ଆଦର୍ଶ, ମୂଲ୍ୟବୋଧ ଓ ଆଚରଣକୁ ନିଜ ଜୀବନରେ ଅନୁସରଣ କରିବେ ବୋଲି ସମସ୍ତେ ସଂକଳ୍ପ କରିଥିଲେ।

# ୩୨ ବର୍ଷରେ ସୁନ୍ଦରାପାଳ ଫୁଟବଲ ପ୍ରତିଯୋଗିତା



ହାଟଡ଼ିହୀ, ୫।୧୦(ସମିସ): ହାଟଡ଼ିହୀ ବ୍ଲକ୍ ଜମ୍ବିରା ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରାପାଳଠାରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ୩୨ ବର୍ଷରେ ଏଥର ଆୟୋଜିତ ହେଉଛି। ୧୯୯୩ରୁ ଏନଏଲୱାସି କ୍ଲବ୍ ପକ୍ଷରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ପ୍ରତି ବର୍ଷ ଗାନ୍ଧୀ ଜୟନ୍ତୀରୁ ୫ ଦିନ ଧରି ଆୟୋଜିତ ହୋଇଆସୁଛି। ଏନଏଲୱାସି କ୍ଲବ୍ ସମ୍ପାଦକ ତଥା ମୁଖ୍ୟ ପରିଚାଳକ ପ୍ରଦ୍ୟୁମ୍ନ ପାତ୍ର, ସଭାପତି କୃଷ୍ଣଚନ୍ଦ୍ର ମୁଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଜମ୍ବିରା ସରପଞ୍ଚ ପ୍ରତିନିଧି ଖଗେଶ୍ୱର ମଲ୍ଲିକ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ରତ୍ନାକର ସାହୁ, ଟୁଙ୍ଗି, ମାଛୁଆ, ଗୁଡ୍ଡୁ, ଶୁକୁରା, ଯୋଗୀ ପ୍ରମୁଖ ଖେଳ ପରିଚାଳନା କରିଥିଲା ବେଳେ ପ୍ରଥମ ଦିନରେ ୪୮ ଟି ଟିମ୍ ସାମିଲ ହୋଇଥିଲେ। ସୁଶାନ୍ତ ବେହେରା ଓ ବିଜୟ କୁମାର ଖେଳର ରେଫରୀ ଥିଲେ।

# ମେଲାଣି ନେଲେ ମା'





ବାଲିବନ୍ଧ, ୫।୧୦(ସମିସ): ମା' ଦୁର୍ଗତିନାଶିନୀ ଯୁବ ସଙ୍ଘ, ଝୁମ୍ପୁରା ଆନୁକୂଲ୍ୟରେ ଦୁର୍ଗାପୂଜା ସମ୍ପନ୍ନ ହୋଇଯାଇଛି। ରବିବାର ମା'ଙ୍କ ମେଲାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ୫୨ତମ ଶାରଦୀୟ ଦୁର୍ଗାପୂଜା ୭ଦିନ ବ୍ୟାପି ଅନୁଷ୍ଠିତ ହୋଇଥିଲା। ରବିବାର ମା'ଙ୍କ ମେଲାଣି ଉତ୍ସବ ଏକ ଭକ୍ତିମୟ ପରିବେଶରେ ଘଣ୍ଟଘଣ୍ଟା, ବାଜାବାଣ, ହରିବୋଲ, ହୁଳହୁଳି ସହ ବିରାଟ ପଟୁଆରରେ ଆୟୋଜିତ ହୋଇଥିଲା। ଯୁବ ସଙ୍ଘର ସଭାପତି ଶଶିଭୂଷଣ ସାହୁ, ଉପସଭାପତି ଅନୁପ ରାମ, ସମ୍ପାଦକ ଧନେଶ୍ୱର ବେହେରା, ସହସମ୍ପାଦକ ପ୍ରଦ୍ୟୁମ୍ନ ପ୍ରଧାନ, କୋଷାଧ୍ୟକ୍ଷ ମନୋହର ପ୍ରସାଦ ରାମ, ବରିଷ୍ଠ ସଦସ୍ୟ ରାଧାବଲ୍ଲଭ ମିଶ୍ର, ପ୍ରଭାକର ସିଂ, କୈଳାଶ ଧଳ, ରମେଶ ସାହୁ, ମୁନା ବାରିକ, ରାଧାଗୋବିନ୍ଦ ପଟ୍ଟନାୟକ, ଭୂପତି ସିଂ, ଲୋକନାଥ ସାହୁ, ବୁଲଗାଲିନ ପ୍ରଧାନ, ରବି ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଝୁମ୍ପୁରା ଥାନାଧିକାରିଣୀ ସମବାରୀ ହାଁସଦାଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ବିଭିନ୍ନ ଅଞ୍ଚଳରେ ମା' ଦୁର୍ଗାଙ୍କ ପୂଜା ସମ୍ପନ୍ନ

ହାଟଡ଼ିହୀ, ୫।୧୦(ସମିସ): ହାଟଡ଼ିହୀ ବ୍ଲକ ନନ୍ଦିପଦା ଓ ସୋସୋ ଥାନା ସହ ବଉଳା ଫାଣ୍ଡିରେ ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ପୂଜାପାଠ ହୋଇଯାଇଛି। ନନ୍ଦିପଦା ଥାନାରେ ଅନୁଷ୍ଠିତ ଦୁର୍ଗାପୂଜାରେ ଆଇଆଇସି ରବିନ୍ଦ୍ର କୁମାର ପାତ୍ର ସଂକଳ୍ପ କରିଥିଲେ। ଏସଆଇ ଅନୁପ କର, ଗୋପାଳ ମିଶ୍ର, ବଳିଆ ବାରିକ, ବିନୀତା ଲାକ୍ରା, ଏଏସଆଇ ସୁଷମା ସୁନ୍ଦରୀ ସେଠୀ, ଜମ୍ବୁବତୀ ପାତ୍ର ପ୍ରମୁଖ ସହଯୋଗ କରିଥିଲା ବେଳେ ସୋସୋ ଥାନାରେ ଅନୁଷ୍ଠିତ ପୂଜାରେ ଆଇଆଇସି ଶିବଶଙ୍କର ଆଲଦା ସଂକଳ୍ପ କରିଥିଲେ। ଏସଆଇ ଯମୁନା ମାରାଣ୍ଡି, ଏଏସଆଇ କୈଳାସଚନ୍ଦ୍ର ସାମଲ ବାବୁ, ନରସିଂହ ତନ୍ତୀ, ମହିମଣି ଟୁଡ୍ଡୁ ପ୍ରମୁଖ ସହଯୋଗ କରିଥିଲେ। ସେହପରି ବଉଳା ଫାଣ୍ଡି ଅଧିକାରୀ ଯତୀନ ପାତ୍ର ଅନୁଷ୍ଠିତ ମା' ଦୁର୍ଗାଙ୍କ ପୂଜାରେ ସଂକଳ୍ପ କରିଥିଲା ବେଳେ ଅନ୍ୟ କର୍ମଚାରୀମାନେ ପରିଚାଳନା କରିଥିଲେ।



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ନିଜ ଲୋକ ଶତ୍ରୁ ସାଜିବେ। ପରିବାର ଲୋକଙ୍କ ସହିତ ସମୟ ବିତାଇବେ। କୋର୍ଟ କଚେରୀ ମାମଲାର ସମାଧାନ ହେବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିବ। ଚକ୍ଷୁଜନିତ ସମସ୍ୟା ଭୋଗିପାରନ୍ତି। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ।

**ମିଥୁନ:** ସମ୍ପର୍କୀୟଙ୍କ ସହିତ ଭେଟ ହେବ। ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। କ୍ରୋଧ ନିୟନ୍ତ୍ରଣ ରଖନ୍ତୁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ପାରିବାରିକ ଜୀବନ ସୁଖମୟ ହେବ।

**କର୍କଟ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଅଫିସ୍ କର୍ମୀଙ୍କ ସହଯୋଗ ମିଳିବ। ପେଟଜନିତ ସମସ୍ୟା ଦେଖାଦେବ। ଉଧାର ଧନ ଫେରିପାଇବେ।

**ସିଂହ:** ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। କଳା ଓ ସଙ୍ଗୀତ ପ୍ରତି ରୁଚି ବଢ଼ିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। ଯେକୌଣସି ପରିସ୍ଥିତିକୁ ମୁକାବିଲା କରନ୍ତୁ। ଧାର କରଜ କରିବାରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଧନଧାନ ବୃଦ୍ଧି ହେବ। ଭାବପ୍ରବଣ ହୋଇ ଭୁଲ୍ ନିଷ୍ପତ୍ତି ନେଇ ପାରନ୍ତି। ନୂତନ ବ୍ୟବସାୟ ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ଇଚ୍ଛା ପୂରଣ ହେବ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୭୬୨- ବ୍ରିଟିଶ୍ ସୈନିକ ଫିଲିପାଇନ୍ସର ମାନିଲାକୁ କବ୍‌ଜା କଲେ।
- ୧୯୧୨- ଆମେରିକୀୟ ସେନା ନିକାରଗୁଆ ସହର ଲିୟୋନ ଉପରେ କବ୍‌ଜା କଲା।
- ୧୯୮୩- ପଞ୍ଜାବରେ ରାଷ୍ଟ୍ରପତି ଶାସନ ଲାଗୁ କରାଗଲା।
- ୧୯୮୭- ଫିଜି ଗଣରାଜ୍ୟ ଭାବେ ଘୋଷିତ ହେଲା।
- ୧୯୯୯- ସଂଯୁକ୍ତ ରାଷ୍ଟ୍ର ନିରସ୍ତ୍ରୀକରଣ ସମ୍ମିଳନୀ ଭିଏନାରେ ଆରମ୍ଭ ହେଲା।

## ସ୍ୱାସ୍ଥ୍ୟ ଖରାପ କରୁଛି ହ୍ୟାଣ୍ଡ ଡ୍ରାୟର

ସାଧାରଣତଃ ହାତ ଧୋଇବା ପରେ ଏହାକୁ ପୋଛି ଶୁଖାଇବା ପାଇଁ ଲୋକେ ପେପର୍ ଟାୱେଲ, ରୁମାଲ, ଟିସୁ ଆଦି ବ୍ୟବହାର କରନ୍ତି। ହେଲେ ଆଜିକାଲି ଅନେକ ଶୌଚାଳୟରେ ହାତକୁ ଶୁଖାଇବା ପାଇଁ ହ୍ୟାଣ୍ଡ ଡ୍ରାୟର ବ୍ୟବହାର କରାଯାଉଛି। ହାତକୁ ଶୁଖାଇବା ପାଇଁ ଏହା ବେଶ୍ ସୁବିଧା ଉପାୟ ବୋଲି ଲୋକେ ଭାବୁଛନ୍ତି। ହେଲେ ଅନେକ ଗବେଷଣାରୁ ଜଣାପଡ଼ିଛି ଯେ, ସର୍ବସାଧାରଣ ସ୍ଥାନରେ ଲଗାଯାଉଥିବା ହ୍ୟାଣ୍ଡ ଡ୍ରାୟର ଆଦୌ ସୁରକ୍ଷିତ ନୁହେଁ। ବାୟୋଲୋଜିଷ୍ଟ ଡା. ଲାରା ଗୋଞ୍ଜାଲେଜ୍



ସର୍ବସାଧାରଣ ସ୍ଥାନରେ ଲାଗିଥିବା ହ୍ୟାଣ୍ଡ ଡ୍ରାୟରର ବିପଦ ସମ୍ପର୍କରେ ଲୋକଙ୍କୁ ଚେତାଇଛନ୍ତି। ଶୌଚାଳୟରେ ପୂର୍ବରୁ ହିଁ ଜୀବାଣୁ ଏବଂ ଭୂତାଣୁ ଆଦି ଥାନ୍ତି। ଯେତେବେଳେ ହ୍ୟାଣ୍ଡ ଡ୍ରାୟର ବ୍ୟବହାର କରାଯାଏ, ଏହା ଟଏଲେଟ୍‌ରୁ ବାହାରୁଥିବା ମାଇକ୍ରୋଅର୍ଗାନିଜମ୍‌କୁ ଟାଣିଥାଏ। ଫଳରେ ଏହା ସିଧାସଳଖ ହାତକୁ ଆସେ। ସେହିପରି ଏହା କେବଳ ହାତକୁ ନୁହେଁ, ବରଂ ପୂରା ଶୌଚାଳୟକୁ ଅପରିଷ୍କାର କରିଥାଏ। ଅନ୍ୟପଟେ ଅଧିକ ପବନ ଯୁକ୍ତ ଜେଟ୍ ଡ୍ରାୟର ଏହି ବିପଦକୁ ଆହୁରି ବଢ଼ାଇ ଦିଏ। କାରଣ ଏହି ଦୂଷିତ କଣିକା, ହାତ, ପୋଷାକ ଏବଂ ଆଖପାଖ ଜିନିଷରେ ବ୍ୟାପିଯାଏ। ଏହାଦ୍ୱାରା ଡ୍ରାୟର ବ୍ୟବହାର କରୁଥିବା ଲୋକେ ଜୀବାଣୁର ଅଧିକ ନିକଟବର୍ତ୍ତୀ ହୋଇଥାନ୍ତି। ଏହି ଡ୍ରାୟର ଛୋଟ ପିଲା ଓ ବୟସ୍କଙ୍କ ପାଇଁ ଅଧିକ ବିପଜ୍ଜନକ କାରଣ ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ହୋଇଥିବାରୁ ଏଥିରୁ ସେମାନଙ୍କୁ ସଂକ୍ରମଣ ହେବା ଆଶଙ୍କା ଅଧିକ ଥାଏ। ସେହିପରି ଏହାକୁ ମଧୁମେହ, କର୍କଟ କିମ୍ବା ଅନ୍ୟ ରୋଗରେ ପୀଡ଼ିତ ଲୋକେ ବ୍ୟବହାର କରିବା ଅନୁଚିତ। କାରଣ ଏମାନଙ୍କର ରୋଗପ୍ରତିରୋଧକ ଶକ୍ତି କମ୍ ଥାଏ। ଏହାବାଦ୍ ଫୁଡ୍ ଇଣ୍ଡଷ୍ଟ୍ରି, ହସ୍ପିଟାଲ, ଏବଂ କ୍ଲିନିକ୍‌ରେ କାମ କରୁଥିବା ଲୋକେ ମଧ ଏହାଦ୍ୱାରା ଶୀଘ୍ର ସଂକ୍ରମିତ ହେବା ଆଶଙ୍କା ଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ହାତ ଶୁଖାଇବା ପାଇଁ ପେପର ଟାୱେଲ ସବୁଠୁ ସୁରକ୍ଷିତ। କାରଣ ଏହା ଶୀଘ୍ର ହାତର ଆର୍ଦ୍ରତାକୁ ଶୋଷି ନିଏ। ସବୁଠୁ ବଡ଼ କଥା ହେଲା, ଏହାଦ୍ୱାରା ଜୀବାଣୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବ୍ୟାପିବା ଆଶଙ୍କା କମ୍ ଥାଏ।

## ଅଦ୍ଭୁତ ପ୍ରଥା ପରମ୍ପରା

## ବିନା ବରରେ ବିବାହ

ବିବାହକୁ ନେଇ ଆମ ଦେଶରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ରୀତିନୀତି, ପ୍ରଥା, ପରମ୍ପରା ଦେଖିବାକୁ ମିଳିଥାଏ। ଏହି କ୍ରମରେ ହିମାଚଳ ପ୍ରଦେଶରେ ମଧ ବିବାହକୁ ନେଇ ଏକ ନିଆରା ପରମ୍ପରା ପ୍ରଚଳିତ। ଖଞ୍ଜର ବିବାହ ନାମରେ ପରିଚିତ ଏହି ପରମ୍ପରା ହିମାଚଳ ପ୍ରଦେଶର କୁଲ୍ଲୁ, ଶିମ୍‌ଲା, କିନ୍ନୌର ଅଞ୍ଚଳରେ ଦେଖିବାକୁ ମିଳିଥାଏ। ଏହି ପରମ୍ପରା ଅନୁଯାୟୀ, ବିବାହ ପାଇଁ ବର, କନିଆ ଘରକୁ ଯାଇ ନ ଥାଏ। ବର ବଦଳରେ ଛୁରୀ ବରଯାତ୍ରୀ ସହ କନିଆ ଘରକୁ ଯାଇଥାଏ। ଏହି ଛୁରୀକୁ ବରର ପ୍ରତୀକ ଭାବେ ଜଣାଯାଏ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ବିବାହ ସମୟରେ ବର ଘରୁ ମଧ ବାହାରି ନ ଥାଏ। ଅନ୍ୟ ବିବାହ ଭଳି ଏଥିରେ ରୋଷଣି, ନୃତ୍ୟ, ଗୀତର ଆସର ଦେଖିବାକୁ ମିଳେନାହିଁ। ବରପକ୍ଷରୁ ୫, ୭ କିମ୍ବା ୧୧ ଜଣ କନିଆ ଘରକୁ ଯାଇଥାନ୍ତି। ଏହି ଦଳର ନେତୃତ୍ୱ ବରର ବଡ଼ ଭାଇ କିମ୍ବା କେହି ନିକଟ ସମ୍ପର୍କୀୟ ନେଇଥାନ୍ତି। ବରର ପ୍ରତୀକାତ୍ମକ ଭାବେ ସେହି ଛୁରୀଟି ସେ ସଙ୍ଗରେ ନେଇଥାନ୍ତି। ବର, ବଦଳରେ ଛୁରୀରେ ବିବାହର ସମସ୍ତ ରୀତିନୀତି କରାଯାଇଥାଏ। କନିଆ ଘରେ ହଳଦୀ, ମେହେନ୍ଦୀ ବିଭିନ୍ନ ପରମ୍ପରା ଛୁରୀ ସାହାଯ୍ୟରେ କରାଯାଇଥାଏ। ସମସ୍ତ ରୀତିନୀତି ପୂର୍ଣ୍ଣ ହେବା ପରେ, ଛୁରୀକୁ ସାଥିରେ ନେଇ କନିଆ ବର ଘରକୁ ଯାଇଥାଏ। ସେଠାରେ ସେ ପ୍ରଥମ କରି ବରକୁ ଦେଖେ। ବାହାଘରର ଶେଷ ରୀତିନୀତିଗୁଡ଼ିକ ବର ଘରେ କରାଯାଏ। ବର ଛୁରୀ ନେଇ କନିଆ ମଥାରେ ସିନ୍ଦୂର ଦିଏ। କୁହାଯାଏ, ଏହି ପରମ୍ପରା ଆର୍ଥିକ ସମସ୍ୟାକୁ ଦୃଷ୍ଟିରେ ରଖି ଆରମ୍ଭ ହୋଇଥିଲା। ହିମାଚଳ ପ୍ରଦେଶ ଭଳି ପାହାଡ଼ିଆ ଅଞ୍ଚଳରେ ଭୋଜିଭାତ, ଭବ୍ୟ ରୋଷଣି ଆଦି କରିବା କଠିନ ଓ ବ୍ୟୟ ବହୁଳ ହୋଇଥାଏ। ତେଣୁ କନିଆ ଘର ଉପରେ ଆର୍ଥିକ ବୋଝ ନ ପଡ଼ିବା ପାଇଁ ଏହି ପରମ୍ପରାର ଆରମ୍ଭ କରାଯାଇଥିଲା। ସେହିଭଳି ଏଠାରେ ପ୍ରଚଳିତ ଆଉ କିଛି ଲୋକକଥା ଅନୁସାରେ, ହିମାଚଳର ଘାଟି ଅଞ୍ଚଳରେ ବର ବିବାହ ପାଇଁ କନିଆ ଘରକୁ ଯିବାକୁ ଲୋକେ ସୁରକ୍ଷିତ ମନେ କରୁ ନ ଥିଲେ। ସେଥିପାଇଁ ଏଭଳି ଏକ ପ୍ରଥାର ଆରମ୍ଭ କରାଯାଇଥିବା କୁହାଯାଏ। ସେହିପରି ଏଠାରେ ପ୍ରଚଳିତ ଅନ୍ୟ ଲୋକକଥା ଅନୁସାରେ, ଛୁରୀକୁ କନିଆର ରକ୍ଷକ କୁହାଯାଏ। ଏହା କନିଆକୁ ଏକ ନୂଆ ଘରକୁ ଯିବା ପୂର୍ବରୁ ସବୁପ୍ରକାର ନକାରାତ୍ମକତାରୁ ରକ୍ଷା କରିଥାଏ ବୋଲି ବିଶ୍ୱାସ ରହିଛି। ଅବଶ୍ୟ ଏବେ ଏଠାରେ ଏଭଳି ବିବାହ ବହୁତ କମ୍ ଦେଖିବାକୁ ମିଳୁଛି। ଏହା କେବଳ ପାହାଡ଼ିଆ ଘାଟି ଅଞ୍ଚଳରେ ଦେଖିବାକୁ ମିଳୁଛି।



## 'ଫୋର୍ସ ୩'ରେ ମୀନାକ୍ଷୀ

ଦୀର୍ଘ ନଅ ବର୍ଷ ପରେ ଜନ୍ ଅବ୍ରାହମ୍‌ଙ୍କ 'ଫୋର୍ସ' ସିରିଜ୍‌ର ତୃତୀୟ ଫିଲ୍ମ 'ଫୋର୍ସ ୩' ଆସିବାକୁ ଯାଉଛି। ୨୦୨୨ରେ ଜନ୍ 'ଫୋର୍ସ'ର ରାଇଟ୍ସ କିଣିବା ସହ ଏହି ସିରିଜ୍‌ର ତୃତୀୟ ଫିଲ୍ମ ଖୁବ୍‌ଶୀଘ୍ର ଆଣିବେ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ଇତିମଧରେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଫିଲ୍ମର ପ୍ରିପ୍ରଡକ୍ସନ କାମ ସରିଯାଇଛି। ଆସନ୍ତା ନଭେମ୍ବରରୁ ଏହାର ସୁଟିଂ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ସବୁଠୁ ବଡ଼ କଥା ହେଉଛି, ଏହାର ହିରୋଇନ୍‌ଙ୍କୁ ଇତିମଧରେ ଫାଇନାଲ କରାଯାଉଛି। ସାଉଥ୍‌ର ଲୋକପ୍ରିୟ ଅଭିନେତ୍ରୀ ମିନାକ୍ଷୀ ଚୌଧୁରୀଙ୍କୁ ଏଥିରେ ନାୟିକା ପାଇଁ ଫାଇନାଲ କରାଯାଇଛି। ତେବେ ୨୮ ବର୍ଷୀୟା ମିନାକ୍ଷୀ ପ୍ରଥମ ଥର ପାଇଁ ୫୨ ବର୍ଷୀୟ ଜନ୍‌ଙ୍କ ସହ ପରଦା ଉପରେ ଏକାଠି ନଜର ଆସିବେ। ଏହି ଫିଲ୍ମ ମାଧମରେ ମୀନାକ୍ଷୀ ବଲିଉଡ୍‌ରେ ଡେବ୍ୟୁ କରିବେ। ଭବ ଧୂଳିଆଙ୍କ ନିର୍ଦ୍ଦେଶିତ 'ଫୋର୍ସ ୩' ଏକ ଆକ୍ସନ୍ ଭିତ୍ତିକ ଡ୍ରାମା ହେବ। ଜନ୍ ଏବେ ରାକେଶ ମାରିଆଙ୍କ ବାୟୋପିକ୍ ଫିଲ୍ମର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହାର ସୁଟିଂ ଅକ୍ଟୋବର ଶେଷ ବେଳକୁ ସରିଯିବ। ଏହାପରେ ଜନ୍ 'ଫୋର୍ସ ୩'ର ସୁଟିଂ ଆରମ୍ଭ କରିବେ।



## କୁମାର ପୂର୍ଣ୍ଣିମା

**ଆଶ୍ୱିନ ମାସ ପୂର୍ଣ୍ଣିମା ତିଥିରେ ପାଳନ କରାଯାଏ କୁମାର ପୂର୍ଣ୍ଣିମା। ଏହା ଶରତ ପୂର୍ଣ୍ଣିମା ଭାବେ ମଧ ପରିଚିତ। ଏହିଦିନ ମା' ଲକ୍ଷ୍ମୀଙ୍କର ଆରାଧନା କରାଯାଉଥିବାରୁ ଏହାକୁ ଗଜଲକ୍ଷ୍ମୀ ପୂଜା କୁହାଯାଏ। ଏହାକୁ ମୁଖ୍ୟତଃ କୁମାରୀ କନ୍ୟାମାନଙ୍କର ପର୍ବ ରୂପେ ବିବେଚନା କରାଯାଏ।**



କୁମାରୀମାନେ କାର୍ତ୍ତିକେୟଙ୍କ ଭଳି ସୁନ୍ଦର ଜୀବନସାଥୀ ପାଇବା ପାଇଁ ଏହାକୁ ପାଳନ କରନ୍ତି। ଏହିଦିନ ପୂଜା କଲେ ଭଲ ବର ମିଳେ ବୋଲି ବିଶ୍ୱାସ ରହିଛି। ସନ୍ଧ୍ୟାରେ ଜହ୍ନ ଆସିଲେ କୁମାରୀ ମାନେ ଚାନ୍ଦ ପୂଜା କରନ୍ତି। ସେହିପରି ଏହିଦିନ ତୁଳସୀ ଚଉରା, ଚନ୍ଦ୍ର, ସୂର୍ଯ୍ୟ ଓ କାର୍ତ୍ତିକଙ୍କର ପୂଜା କରାଯାଇ ଧନ, ଯଶ ଓ ପୌରୁଷ କାମନା କରାଯାଏ। ଅନ୍ୟପଟେ କୁମାରୀମାନେ ବଡ଼ି ଭୋରରୁ ଉଠି ସ୍ନାନକର୍ମ ସାରି ନୂତନ ବସ୍ତ୍ର ପରିଧାନ କରନ୍ତି। ଏହାପରେ ବୃନ୍ଦାବତୀଙ୍କ ପାଖରେ ଆଞ୍ଜୁଳାରେ ସାତ ପ୍ରକାର ଫଳ ନେଇ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଅର୍ପଣ କରନ୍ତି। ଏହାକୁ ଆଞ୍ଜୁଳା ଟେକା କୁହାଯାଏ। ଏହାବାଦ୍ ଚଉଳା ମୂଳ ଲିପି ଝୋଟିଚିତା ପକାନ୍ତି। ଖଇ, ଗୁଆ, କଦଳି, କସି କାକୁଡ଼ି, ନଡ଼ିଆ, ଜହ୍ନି, ଆଖୁ ଆଦି ଫଳ ଫୁଲ ପୂଜା କରାଯାଏ। ତେବେ ସନ୍ଧ୍ୟାରେ କୁମାରୀମାନେ ଏକତ୍ର ହୋଇ ଚଉରା ମୂଳେ ଚାନ୍ଦ ପୂଜା କରନ୍ତି। ଭୋଗ ପାଇଁ ଖଇ, ନଡ଼ିଆ, କଦଳୀ, ଛେନା, ଦହି, କ୍ଷୀର ଆଦି ମିଶାଇ ଚକଟା ପ୍ରସ୍ତୁତ କରାଯାଏ। ଏହାକୁ ଚାନ୍ଦ ଚକଟା କୁହାଯାଏ। ଏହି ଚକଟା ପୁନେଇଁ ଜହ୍ନରେ ଭୋଗ ଲାଗି ହୁଏ। ପୂଜା ସରିଲା ପରେ ଭୋଗ ଖାଇ କୁମାରୀ କନ୍ୟାମାନେ ଉପବାସ ଭାଙ୍ଗିଥାନ୍ତି। ପୂଜା ପରେ ଗାଁ ଗହଳିର ଝିଅମାନେ ଗୀତ ଗାଇ ପୁଚି ଖେଳିଥାନ୍ତି।

## ସ୍ମୃତି

## ପବିତ୍ର କାର୍ତ୍ତିକ ମାସ

ଆରମ୍ଭ ହେବ ପବିତ୍ର କାର୍ତ୍ତିକ ମାସ। ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀ ମା'ଙ୍କ ପ୍ରିୟ ମାସ ହେଉଛି କାର୍ତ୍ତିକ। ଏହି ମାସରେ ତୁଳସୀ ପୂଜାର ସ୍ୱତନ୍ତ୍ର ବିଧାନ ଅଛି। କୁହାଯାଏ, ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରୁ ଜାଗ୍ରତ ହୁଅନ୍ତି। ଉକ୍ତ ମାସରେ ମା' ଲକ୍ଷ୍ମୀ ଧରାପୃଷ୍ଠରେ ଭ୍ରମଣ କରନ୍ତି ଏବଂ ଭକ୍ତଙ୍କୁ ଅପାର ଧନ ଦିଅନ୍ତି। ତେବେ କାର୍ତ୍ତିକ ମାସରେ ତୁଳସୀ ପୂଜାର ବିଶେଷ ମହତ୍ତ୍ୱ ଅଛି। ଏଣୁ ଏହି ମାସ ତୁଳସୀ ଗଛ ଲଗାଇବାର ସର୍ବୋତ୍ତମ ସମୟ। ଏହି ମାସରେ ତୁଳସୀ ପୂଜା କରିବା ଦ୍ୱାରା ସମସ୍ତ ମନସ୍କାମନା ପୂରଣ ହୁଏ। ଘର ଅଗଣାର ମଝାମଝିରେ ତୁଳସୀ ଗଛ ଲଗାଇବା ଉଚିତ। ଏହାକୁ ଶୋଇବା ଘର ନଚେତ୍ ବାଲକୋନିରେ ଲଗାଇପାରିବେ। ପ୍ରାତଃକାଳରେ ତୁଳସୀ ଚଉଁରା ମୂଳେ ଜଳ ଅର୍ପଣ କରନ୍ତୁ ଏବଂ ଏହାର ଚତୁଃପାର୍ଶ୍ୱରେ ବେଢ଼ା କରନ୍ତୁ। ସେହିପରି କାର୍ତ୍ତିକ ମାସରେ ନିୟମିତ ସକାଳେ ଓ ସନ୍ଧ୍ୟାରେ ଘିଅ ଦୀପ ପ୍ରଜ୍ୱଳନ କରିବା ଉଚିତ। ତୁଳସୀ ପୂଜା ସମୟରେ ତୁଳସୀ ମନ୍ତ୍ର ଅବଶ୍ୟ ଉଚ୍ଚାରଣ କରନ୍ତୁ। ଏହାସହ ତୁଳସୀ ଚଉଁରାରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଶୁଭ ବୋଲି କୁହାଯାଏ। ମଙ୍ଗଳବାର ଦିନ ତୁଳସୀ ପତ୍ରକୁ ହନୁମାନଙ୍କଠାରେ ଲାଗି କଲେ ଧନ ପ୍ରାପ୍ତି ହୁଏ। ଅନ୍ୟପଟେ କାର୍ତ୍ତିକ ମାସରେ ଖାଦ୍ୟରେ ତୁଳସୀ ପତ୍ର ଉପଯୋଗ କଲେ ଘରେ ଶସ୍ୟର ଅଭାବ ରହେ ନାହିଁ।



## ସ୍ୱସ୍ତିକ ଚିହ୍ନର ମହତ୍ତ୍ୱ

**ସନାତନ ଧର୍ମରେ ସ୍ୱସ୍ତିକ ଚିହ୍ନର ବିଶେଷ ମହତ୍ତ୍ୱ ଅଛି। କୌଣସି ଶୁଭକାର୍ଯ୍ୟର ଆରମ୍ଭ ସ୍ୱସ୍ତିକ ଚିହ୍ନରୁ ହୋଇଥାଏ। ଧାର୍ମିକ ମାନ୍ୟତାନୁସାରେ, ସ୍ୱସ୍ତିକ ଚିହ୍ନକୁ ଘରେ ଅଙ୍କନ କରିବା ଦ୍ୱାରା ସକାରାତ୍ମକ ଶକ୍ତି ସଞ୍ଚାର ହୁଏ। ଏହା ବାସ୍ତୁଦୋଷ ଦୂର କରିବାରେ ସାହାଯ୍ୟ କରେ।**

- ପୂଜା ଏବଂ ଘରର ମୁଖ୍ୟ ଦ୍ୱାରରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଭଲ। ଏହା ଘରର ବାସ୍ତୁଦୋଷ ଦୂର କରିଥାଏ।
- ବ୍ୟବସାୟ ସ୍ଥଳରେ କୌଣସି ପ୍ରକାର ବାସ୍ତୁଦୋଷ ଥିଲେ ପୂର୍ବ, ଉତ୍ତର-ପୂର୍ବ ଏବଂ ଉତ୍ତର ଦିଗରେ ସ୍ୱସ୍ତିକ ଚିହ୍ନ ଅଙ୍କନ କରିବା ଉଚିତ।



- ଏହି ସ୍ଥାନରେ ଅଷ୍ଟଧାତୁ ବା ତମ୍ବା ନିର୍ମିତ ସ୍ୱସ୍ତିକ ଚିହ୍ନକୁ ଲଗାଇପାରିବେ।
- ପଢ଼ାରେ ବିଦ୍ୟାର୍ଥୀଙ୍କ ଧ୍ୟାନ କେନ୍ଦ୍ରିତ କରିବା ପାଇଁ ପଢ଼ା ଘରର ଦକ୍ଷିଣ-ପଶ୍ଚିମ ଦିଗରେ ସ୍ୱସ୍ତିକ ଚିହ୍ନ କରିବା ଭଲ।
- ସ୍ୱସ୍ତିକ ଚିହ୍ନ ପାଖରେ ଜୋତା ଚପଲ ରଖିବା ବାସ୍ତୁ ସମ୍ମତ ନୁହେଁ।

## ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ

ଶିବନାରାୟଣ ମହାପାତ୍ର

('ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ'ର ଗତ ସଂସ୍କରଣରେ 'ପୁରଞ୍ଜନ ଉପାଖ୍ୟାନ' ନାମ କିଭଳି ହେଲା ସେ ସମ୍ପର୍କରେ କୁହାଯାଇଥିଲା। ଏଥର ପୁରଞ୍ଜନ ଉପାଖ୍ୟାନ ସମ୍ପର୍କରେ କୁହାଯାଇଛି)

ଉପାଖ୍ୟାନଟି ଏହିପରି:

ପୁରଞ୍ଜନ ଓ ଅଭିଜ୍ଞାତ ଦୁଇ ଜଣ ପରମ ମିତ୍ର ଥିଲେ ଏବଂ ସେମାନଙ୍କର ସମ୍ପର୍କ ଅତି ନିବିଡ ଥିଲା। ଅଭିଜ୍ଞାତ ସହିତ ମିଶିକରି ଥିବା ପର୍ଯ୍ୟନ୍ତ ପୁରଞ୍ଜନର ସମୟ ଅତି ସୁନ୍ଦର ଭାବରେ ଅତିବାହିତ ହେଉଥିଲା ଏବଂ ସେ ଆନନ୍ଦିତ ଥିଲା।

ଏକଦା ପୁରଞ୍ଜନର ସହର ଭ୍ରମଣ ପାଇଁ ଇଚ୍ଛା ହେଲା। ବିଭିନ୍ନ ସହର ପରିଭ୍ରମଣ କରି ପୁରଞ୍ଜନ ହିମାଳୟର ଦକ୍ଷିଣ ଦିଗରେ ଥିବା ଏକ ସହରରେ ପହଞ୍ଚିଲା। ସେହି ସହରରେ ନବଦ୍ୱାର ବିଶିଷ୍ଟ ଏକ ଦ୍ୱି ତଳ ପ୍ରାସାଦ ଦେଖିଲା। ସେହି ପ୍ରାସାଦରେ ଉପରେ ସାତ ଗୋଟି ଓ ତଳେ ଦୁଇ ଗୋଟି, ଏଭଳି ୯ ଗୋଟି ଦ୍ୱାର ଥିଲା। ସେହି ପ୍ରାସାଦର ପାଞ୍ଚ ଗୋଟି ପ୍ରାଚୀର ମଧ ଥିଲା।

ସେହି ପ୍ରାସାଦ ଭିତରେ ଜଣେ ସୁନ୍ଦରୀ କନ୍ୟା ବାସ କରୁ ଥିଲା - ତା'ର ନାମ ପୂରଞ୍ଜନୀ। ପୂରଞ୍ଜନୀଙ୍କୁ ପାଞ୍ଚ ଫଣା ବିଶିଷ୍ଟ ଏକ ସର୍ପ ଘେରି ରହି ଥିଲା। ପୂରଞ୍ଜନୀର ଦଶ ଜଣ ଅଙ୍ଗ ରକ୍ଷକ ଓ ଜଣେ ସେନାପତି ଥିଲେ। ପୂରଞ୍ଜନୀ ଦୁଇ ଚକ ବିଶିଷ୍ଟ ଏକ ରଥରେ ଭ୍ରମଣ କରୁଥିଲା ଓ ଏହାକୁ ପାଞ୍ଚଟି ଘୋଡା ଟାଣୁ ଥିଲେ।

ପୂରଞ୍ଜନୀ ଅବିବାହିତ ଥିଲା। ପୁରଞ୍ଜନଙ୍କୁ ଦେଖି ପୂରଞ୍ଜନୀ ବିବାହ ପ୍ରସ୍ତାବ ଦିଅନ୍ତେ ପୁରଞ୍ଜନ ଆଗ୍ରହ ସହକାରେ ପୂରଞ୍ଜନୀ ଙ୍କୁ ବିବାହ କଲା। ଉଭୟ ପୁରଞ୍ଜନ ଓ ପୂରଞ୍ଜନୀଙ୍କ ସମୟ ଅତି ଖୁସୀ ରେ ଅତିବାହିତ ହେଲା। ପୁରଞ୍ଜନ ପୂରଞ୍ଜନୀଙ୍କ ପ୍ରତି ଏତେ ବିମୋହିତ ହୋଇ ଗଲା ଯେ, ପୂରଞ୍ଜନୀ ଯାହା କହେ, ପୁରଞ୍ଜନ ବିନା ଦ୍ୱିଧାରେ ମାନି ଯାଏ। ପୂରଞ୍ଜନୀ ହସିବାକୁ କହିଲେ ପୁରଞ୍ଜନ ହସେ, ପୂରଞ୍ଜନୀ କାନ୍ଦିବାକୁ କହିଲେ ପୁରଞ୍ଜନ କାନ୍ଦେ।

ଏଇ ଭଳି ଭୋଗ ବିଳାସ ରେ ସମୟ ଅତିବାହିତ ହେଲା ଓ କାଳ କ୍ରମେ ପୁରଞ୍ଜନ ଓ ପୂରଞ୍ଜନୀ ଅନେକ ସନ୍ତାନ ସନ୍ତତିଙ୍କ ପିତା ମାତା ହେଲେ।

କିଛି କାଳ ଅତିବାହିତ ହେବ ପରେ ଜରା ନାମକ ଏକ ଅତି କଦର୍ଯ୍ୟ ଚେହେରା ବିଶିଷ୍ଟ ନରଙ୍କର ପୁରଞ୍ଜନଙ୍କ ଉପରେ ନଜର ପଡିଲା। ଜରା ପୁରଞ୍ଜନଙ୍କୁ ବିବାହ କରିବାକୁ ଚାହିଁଲା। ଜରାର ଚେହେରା ଏତେ କଦର୍ଯ୍ୟ ଥିଲା ଯେ ତାକୁ କେହି ବିବାହ କରୁ ନ ଥିଲେ। ଜରାର ଚଣ୍ଡବେଗ ନାମକ ଜଣେ ବନ୍ଧୁ ଥିଲା। ତା'ର ତିନିଶହ ପଞ୍ଚଷଠି ଜଣ ଧଳା ଓ ତିନିଶହ ପଞ୍ଚଷଠି ଜଣ କଳା ସୈନିକ ଥିଲେ। ଚଣ୍ଡବେଗ ସାହାଯ୍ୟରେ ଜରା ପୂରଞ୍ଜନୀ ଓ ପୁରଞ୍ଜନ ଙ୍କୁ ଆକ୍ରମଣ କଲା। ଏହି ଆକ୍ରମଣ ରେ ଉଭୟ ମୃତ୍ୟୁ ବରଣ କଲେ। ମାତ୍ର ପୁରଞ୍ଜନ ପୂରଞ୍ଜନୀ ପ୍ରତି ଏତେ ବିମୋହିତ ଥିଲେ ଯେ ମୃତ୍ୟୁ ବେଳେ ପୂରଞ୍ଜନୀକୁ ଝୁରି ଝୁରି ମୃତ୍ୟୁ ବରଣ କଲା। କୁହାଯାଏ, ମଣିଷ ଯାହାକୁ ଝୁରି ମୃତ୍ୟୁ ବରଣ କରେ, ସେହି ଯୋନିରେ ପରବର୍ତ୍ତୀ ଜନ୍ମ ପାଏ। ଏହି ସତ୍ୟରେ ପୁରଞ୍ଜନ ପରଜନ୍ମରେ ବିଦେହ ଦେଶର ରାଜାଙ୍କ କନ୍ୟା ଭାବରେ ଜନ୍ମ ନେଲା। ତା'ର ନାଁ ରହିଲା ବୈଧର୍ବୀ। ପରବର୍ତ୍ତୀ ଅବସ୍ଥାରେ ସେ ମଳୟ ଦେଶର ରାଜକୁମାର ମଳୟଧ୍ୱଜଙ୍କୁ ବିବାହ କଲା।

ଏକଦା ଶିକାର ଖେଳୁ ଖେଳୁ ମଳୟଧ୍ୱଜ ମୃତ୍ୟୁ ବରଣ କଲେ। ତତ୍କାଳିନ ପ୍ରଥା ଅନୁଯାୟୀ ବୈଧର୍ବୀ ମଳୟଧ୍ୱଜଙ୍କ ଚିତାରେ ସତୀ ହେବାକୁ ଚେଷ୍ଟା କରୁଥିବା ଅବସ୍ଥାରେ ଅଭିଜ୍ଞାତ ଆବିର୍ଭାବ ହେଲେ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କର ଅବସ୍ଥା ଦେଖି ଅତ୍ୟନ୍ତ ଦୁଃଖିତ ହେଲେ। ପୁରଞ୍ଜନଙ୍କୁ ନିଜର ପରିଚୟ ଦେଇ ପୁନର୍ବାର ପୂର୍ବ ଅବସ୍ଥାକୁ ଫେରିଯିବାକୁ ଅନୁରୋଧ କଲେ।

ଇଏ ହେଲା ଉପାଖ୍ୟାନର ମାର୍ମିକ କଥା।

(କ୍ରମଶଃ...)

କେଶୁରା
ମୋ: ୮୨୪୯୨୧୩୦୪୦

### ପାକିସ୍ତାନ ବିପକ୍ଷ ମହିଳା ବିଶ୍ୱକପ୍ ମୁକାବିଲା

# ଭାରତର ସମ୍ମାନ ରଖିଲେ ହର୍ଲିନ, ଜେମିମା

କଲମ୍ବୋ,୫।୧୦(ସମିସ)



ଏଠାରେ ରବିବାର ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ମହିଳା ୱାର୍ଲ୍ଡ କପ୍ ମୁକାବିଲାରେ ହର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ୱେଜ୍ ଓ ପ୍ରତୀକା ରାୱଲଙ୍କ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ଯୋଗୁଁ ଭାରତ ସମ୍ମାନ ରକ୍ଷା କରିବାରେ ସମର୍ଥ ହୋଇଛି। ହର୍ଲିନ ୪୬, ଜେମିମା ୩୨ ଓ ପ୍ରତୀକା ରାୱଲ ୩୧ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୨୪୭ ରନ୍ କରିବାରେ ସମର୍ଥ ହୋଇଛି। ଅଲରାଉଣ୍ଡର ଦୀପ୍ତି ଶର୍ମା ୨୫, ଓପନର ସ୍ମୃତି ମନ୍ଧାନା ୨୩ ଓ ସ୍ନେହ ରାଣା ୨୦ ରନ୍‌ର ଉପଯୋଗୀ ସହାୟତା ଦେଇଥିଲେ। କିନ୍ତୁ ନଂ-୮ରେ ବ୍ୟାଟିଂ କରିବାକୁ ଆସିଥିବା ୱିକେଟକିପର ରିଚା ଘୋଷଙ୍କ ବିସ୍ଫୋରକ ବ୍ୟାଟିଂ (୨୦ ବଲ୍‌ରେ ଅପରାଜିତ ୩୫ରନ୍) ଯୋଗୁଁ ଦଳ ଏକ ସମ୍ମାନଜନକ ସ୍କୋର କରିବାରେ ସମର୍ଥ ହୋଇଥିଲା। ପାକିସ୍ତାନ ପକ୍ଷରୁ ଡାଏନା ବେଗ୍ ସର୍ବାଧିକ ୪ଟି, ସାଦିଆ ଇକ୍‌ବାଲ ଓ ଅଧିନାୟିକା ଫାତିମା ସାନା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

୨୪୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ୧୧ ଓଭର ଖେଳ ଶେଷସୁଦ୍ଧା ୨ ୱିକେଟ ହରାଇ ୨୬ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ସିଦ୍ରା ଅମିନ ୯ ଓ ଆଲିୟା ରିଆଜ ୨ ରନ୍‌ରେ ବ୍ୟାଟିଂ କରୁଥିଲେ। ଅସ୍ୱାଭାବିକ ସ୍ଥିତିରେ ମୁନୀବା ଅଲି ରନ୍‌ଆଉଟ ଓ ସଦାଫ ସମାସ କ୍ରାନ୍ତି ଗୌଡଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଯାଇଥିଲେ।

### ରେଫରିଙ୍କ ଲାଗି ଟସ୍ ଜିତିଲା ପାକିସ୍ତାନ

ଏହି ମ୍ୟାଚ୍‌ର ପ୍ରଥମ ଘଟଣା ଟସ୍‌କୁ ନେଇ ବିବାଦ ହୋଇଥିଲା। ଏଥିରେ ଭାରତ ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ପାକିସ୍ତାନୀ ଅଧିନାୟିକା ଫାତିମା ସାନା ଆମନ୍ତ୍ରଣ କରିଥିଲେ। ଭାରତ ଉନ୍ନତ ହାରରେ ରନ୍ ସଂଗ୍ରହ କରିଥିଲାବେଳେ ୪୮ ରନ୍‌ରେ ପ୍ରଥମ ୱିକେଟ ହରାଇଥିଲା। ଉପଅଧିନାୟିକା ସ୍ମୃତି ମନ୍ଧାନା ୨୩ ରନ କରିଥିଲାବେଳେ ଫାତିମା ତାଙ୍କୁ ଏଲବିଡବ୍ଲ୍ୟୁ ଆଉଟ କରି ପାକିସ୍ତାନକୁ ବ୍ରେକ୍ ଥ୍ରୁ ଦେଇଥିଲେ। ମନ୍ଧାନାଙ୍କ ଆଉଟ ପରେ ଭାରତ ନିୟମିତ ୱିକେଟ ହରାଇଥିଲା। କିନ୍ତୁ ଦଳର ସମସ୍ତ ବ୍ୟାଟର କିଛି ନା କିଛି ରନ୍ କରିବା ଫଳରେ ସ୍କୋରବୋର୍ଡ ଆଗକୁ ବଢ଼ିଥିଲା। କୌଣସି ଖେଳାଳି ଅର୍ଦ୍ଧଶତକ କରିବାରେ ସମର୍ଥ ହୋଇ ନ ଥିଲାବେଳେ ନଂ-୩ ହର୍ଲିନ ଦେଓଲ ସର୍ବାଧିକ ୪୬ ରନ୍ କରିଥିଲେ। ଓପନର ପ୍ରତୀକା ରାୱଲ ୩୧, ଅଧିନାୟିକା ହରମନ୍‌ପ୍ରୀତ କୌର ୧୯, ଜେମିମା ରୋଡ୍ରିଗ୍ୱେଜ୍ ୩୨ ରନ୍ କରିବାକୁ ସମର୍ଥ ହୋଇଥିଲେ। ୧୫୯ ରନ୍‌ରେ ଦଳ ୫ମ ୱିକେଟ ହରାଇବା ପରେ ଭାରତର ସ୍କୋର ୨୦୦ ଭିତରେ ସୀମିତ ରହିବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ଅଲରାଉଣ୍ଡର ଦୀପ୍ତି ଶର୍ମା ୩୩ ବଲ୍‌ରେ ୨୫, ସ୍ନେହ ରାଣା ୨୦ ଓ ଶେଷ ଭାଗରେ ୱିକେଟ କିପର ରିଚା ଘୋଷ ଅପରାଜିତ ୩୫ ରନ୍ କରିବା ଫଳରେ ଦଳ ୨୪୭ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ରିଚା ମାତ୍ର ୨୦ ବଲ୍ ଖେଳି ୩ ଚୌକା ଓ ୨ ଛକା ସହ ୩୫ ରନ୍ କରିଥିଲେ। ଶେଷ ଭାଗରେ କ୍ରାନ୍ତି ଗୌଡ଼ ୪ ବଲ୍‌ରୁ ୮ ରନ୍ କରିଥିଲେ ମଧ୍ୟ ଫାଷ୍ଟ ବୋଲର ଡାଏନା ବେଗ୍ ୨ଟି ୱିକେଟ ନେଇ ଭାରତର ରନ୍ ହାରକୁ ଅଟକାଇଥିଲେ।

ପାକିସ୍ତାନ ପକ୍ଷରୁ ଡାଏନା ସର୍ବାଧିକ ୪ଟି ୱିକେଟ ନେଇଥିଲେ। ସାଦିଆ ଇକ୍‌ବାଲ ଓ ଅଧିନାୟିକା ଫାତିମା ସାନା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

## ଖେଳକୁ ଅଟକାଇଲା ଟସ୍ ଓ ଧୂଆଁ




କଲମ୍ବୋ,୫।୧୦(ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ହାଇଭୋଲଟେଜ୍ ମହିଳା ବିଶ୍ୱକପ୍ ମ୍ୟାଚ୍ ମଧ୍ୟ ପଡ଼ିଆ ବାହାରର ଘଟଣାକୁ ନେଇ ଚର୍ଚ୍ଚାରେ ରହିଛି। ଏହି ମ୍ୟାଚ୍‌ରେ ଟସ୍‌କୁ ନେଇ ପ୍ରଥମେ ଭୁଲ ବୁଝାମଣା ହୋଇଥିଲା। ଟସ୍ ପକାଇବାବେଳେ ଭାରତୀୟ ଅଧିନାୟିକା ହରମନପ୍ରୀତ୍ କୌର ଟସ୍ ପକାଇଥିଲେ। ପାକିସ୍ତାନୀ ଅଧିନାୟିକା ଫାତିମା ସାନା ଟେଲ କଲ କରିଥିଲେ ମଧ୍ୟ ମ୍ୟାଚ୍ ରେଫରି ସାନ୍ଦ୍ରେ ଫ୍ରିଜ୍ ହେଡ କଲ କରିଥିଲେ ବୋଲି କହିଥିଲେ। ଫଳରେ ଫ୍ରିଜ୍‌ଙ୍କ ଯୋଗୁଁ ଭାରତ ଟସ୍ ହାରିଥିଲା। ସେହିପରି ଖେଳ ମଝିରେ ପଡ଼ିଆରେ ପୋକ ଉଡିଥିଲେ। ଏହାକୁ ଘଉଡ଼ାଇବା ଲାଗି ଆୟୋଜକମାନେ ପଡ଼ିଆରେ ଧୂଆଁ ପ୍ରୟୋଗ କରିଥିଲେ। ଯାହା ଫଳରେ କିଛି ସମୟ ଖେଳ ବନ୍ଦ ରହିଥିଲା। ସେହିପରି ପାକିସ୍ତାନ ଇନିଂସରେ ବ୍ୟାଟିଂ କରୁଥିବା ମୁନିବା ଅଲିଙ୍କୁ କ୍ରାନ୍ତି ଗୌଡ଼ ବୋଲିଂରେ ଏଲ୍‌ବିଡବ୍ଲ୍ୟୁ ଆଉଟ ଲାଗି ଆବେଦନ କରିଥିଲେ। ଏହି ସମୟରେ ମୁନିବା କ୍ରିଜ୍‌ରେ ନ ଥିବା ଜାଣି ଦୀପ୍ତି ଶର୍ମା ୱିକେଟ ଭାଙ୍ଗିଦେଇଥିଲେ। ବଲ ଖେଳିବା ପରେ ମୁନିବା ପପିଙ୍ଗ୍ କ୍ରିଜ୍‌କୁ ଛୁଇଁଥିଲେ, କିନ୍ତୁ ଏହାକୁ ଅମ୍ପାୟାର ଦେଖି ନ ଥିଲେ। କିନ୍ତୁ ୱିକେଟକୁ ବଲ ହିଟ୍ କଲାବେଳେ ତାଙ୍କ ବ୍ୟାଟ୍ କିମ୍ବା ଗୋଡ଼ ପପିଙ୍ଗ୍ କ୍ରିଜ୍‌ରେ ନ ଥିଲା। ଏଣୁ ତାଙ୍କୁ ଆଉଟ ଦିଆଯାଇଥିଲା। ଏହାକୁ ବିରୋଧ କରି ଫାତିମା ସାନା ଖେଳାଳିଙ୍କୁ ବାହାରକୁ ଆସିବା ଲାଗି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କୋଚ୍‌ଙ୍କ ପରାମର୍ଶ କ୍ରମେ ପାକିସ୍ତାନ ଖେଳାଳି ଏଥିରୁ ବିରତ ରହିଥିଲେ।

■ ବିଶ୍ୱ ପାରା ଆଥ୍ଲେଟିକ୍ସ ଚାମ୍ପିଅନସିପ୍

## ୨୨ ପଦକ ସହ ଭାରତର ଶ୍ରେଷ୍ଠ ପ୍ରଦର୍ଶନ

ନୂଆଦିଲ୍ଲୀ,୫ ।୧୦(ଏଜେନ୍ସି): ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମରେ ଅନୁଷ୍ଠିତ ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଦ୍ୱାଦଶ ସଂସ୍କରଣରେ ଆୟୋଜକ ଭାରତ କ୍ୟାରିଅର ଶ୍ରେଷ୍ଠ ପ୍ରଦର୍ଶନ କରିଛି। ୬ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୭ କାଂସ୍ୟ ସହ ମୋଟ୍ ୨୨ ପଦକ ଜିତି ପଦକ ତାଲିକାର ୫ମ ସ୍ଥାନରେ ରହି ଏହି ମେଗା ଇଭେଣ୍ଟରୁ ଅଭିଯାନ ଶେଷ କରିଛି। ମହିଳା ୧୦୦ ମି ଟି୧୨ରେ ସିମରନ ଶର୍ମା, ପୁରୁଷ ହାଇଜମ୍ପ ଟି୪୭ରେ ନିଶଦ କୁମାର, ପୁରୁଷ ଜାଭେଲିନ୍ ଥ୍ରୋ ଏଫ୍୬୪ରେ ସୁମିତ ଆଣ୍ଟିଲ, ପୁରୁଷ ଜାଭେଲିନ୍ ଏଫ୍ ୪୪ରେ ସନ୍ଦୀପ ସଞ୍ଜୟ ସାଗର, ପୁରୁଷ ଜାଭେଲିନ୍ ଏଫ୍୪୬ରେ ରିଙ୍କୁ ହୁଡା ଓ ପୁରୁଷ ହାଇଜମ୍ପ ଟି୬୩ରେ ଶୈଳେଶ କୁମାର ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ଏହି ଚାମ୍ପିଅନସିପ୍ ଗତ ୨୭ ତାରିଖରୁ ଆରମ୍ଭ ହୋଇ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ୧୦୪ଟି ଦେଶରୁ ୨,୦୦୦ ଆଥଲେଟ୍ ଅଂଶଗ୍ରହଣ କରିଥିଲେ।



## ସିଡନୀ ଗ୍ରେଡ୍ କ୍ରିକେଟରେ ହରଜସ୍ ସିଂହଙ୍କ ବିସ୍ଫୋରକ ତ୍ରିଶତକ



ସିଡନୀ, ୫ ।୧୦ (ଏଜେନ୍ସି): ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଅଷ୍ଟ୍ରେଲିଆ କ୍ରିକେଟର୍ ହରଜସ୍ ସିଂହ ସିଡନୀ ଗ୍ରେଡ୍ କ୍ରିକେଟ୍‌ର ଏକ ମ୍ୟାଚରେ ବିସ୍ଫୋରକ ତ୍ରିଶତକୀୟ ପାଳି ଖେଳିଛନ୍ତି। ୱେଷ୍ଟର୍ଣ୍ଣ ସୁବୁରବର୍ସ ଦଳ ପକ୍ଷରୁ ଖେଳୁଥିବା ହରଜସ୍ ୧୪୧ ବଲରେ ୩୧୪ ରନ ସଂଗ୍ରହ କରିଥିଲେ। ୨୦ ବର୍ଷୀୟ ଏହି ଭାରତୀୟ ବଂଶୋଦ୍ଭବ ପଞ୍ଜାବୀ ଖେଳାଳି ତାଙ୍କ ତ୍ରିଶକୀୟ ପାଳିରେ ୩୫ଟି ଛକା ଓ ୧୪ଟି ଚୌକା ମାରିଥିଲେ। ଫଳରେ ତାଙ୍କ ଦଳ ୫୦ ଓଭରରେ ୫ ୱିକେଟ ହରାଇ ୪୮୩ ରନର ବିଶାଳ ସ୍କୋର କରିଥିଲା। ସିଡନୀ ଗ୍ରେଡ୍ କ୍ରିକେଟ୍ ଇତିହାସରେ ଏହା ୩ୟ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର। ଏଥିପୂର୍ବରୁ ୧୯୦୩ ମସିହାରେ ଭିକ୍ଟର ଟ୍ରମ୍ପର ୩୩୫ ଓ ୨୦୦୭ରେ ଫିଲ୍ ହ୍ୟୁଗ୍ସ ୩୨୧ ରନ କରିଥିଲେ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ପ୍ରାରମ୍ଭରେ ଅଷ୍ଟ୍ରେଲିଆ ଦଳ ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିବାବେଳେ ହରଜସ୍ ଏଥିରେ ପ୍ରମୁଖ ସଦସ୍ୟ ରହିଥିଲେ।

ରାଜମାତା ଜିଜାବାଇ ଟ୍ରଫି

## ଗୋଆକୁ ହରାଇଲା ଓଡ଼ିଶା



କଟକ,୫।୧୦(ସମିସ): ୩୦ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ୍ ରାଜମାତା ଜିଜାବାଇ ଟ୍ରଫି ଫାଇନାଲ ରାଉଣ୍ଡର ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ବିଜୟୀ ହୋଇଛି। ଛତିଶଗଡ ନାରାୟଣପୁରର ଆରକେଏମ ଆଶ୍ରମ ଗ୍ରାଉଣ୍ଡରେ ଆଜି ଓଡ଼ିଶା ୪-୨ ଗୋଲରେ ଗୋଆକୁ ପରାସ୍ତ କରିଥିଲା। ଖେଳର ପ୍ରଥମାର୍ଦ୍ଧରେ ୩ଟି ଗୋଲ ସ୍କୋର କରି ଓଡ଼ିଶା ମ୍ୟାଚ୍‌ରେ ଆଧିପତ୍ୟ ବିସ୍ତାର କରିଥିଲା। ଅଧିନାୟିକା ପ୍ୟାରୀ ଖାଖା ୧୫ତମ ଏବଂ ୧୬ତମ ମିନିଟରେ ଲଗାତର ଦୁଇଟି ଗୋଲ ସ୍କୋର କରିଥିଲେ। ୩୫ତମ ମିନିଟରେ ସତ୍ୟବତୀ ଖାଡିଆ ଦଳ ପାଇଁ ୩ୟ ଗୋଲ ଦେଇଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ ଗୋଆ ପକ୍ଷରୁ କରିସ୍ମା ପୁରୁଷୋତ୍ତମ ୫୬ ଏବଂ ୬୪ତମ ମିନିଟରେ ଦୁଇଟି ଗୋଲ ଦେବା ଯୋଗୁଁ ମ୍ୟାଚ୍‌ର ସ୍ଥିତି ୩-୨ରେ ପହଞ୍ଚିଥିଲା। ଅବଶିଷ୍ଟ ସମୟରେ ଗୋଆ ଗୋଟିଏ ଗୋଲ ସୁଝାଇ ପାରିନଥିବା ବେଳେ ଓଡ଼ିଶା ଅଧିନାୟିକା ପ୍ୟାରୀ ବ୍ୟକ୍ତିଗତ ୩ୟ ଗୋଲ ଦେଇ ଓଡ଼ିଶାକୁ ବିଜୟୀ କରାଇଥିଲେ। ପ୍ରକାଶଥାଉକି, ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୦-୧ ଗୋଲରେ ପଶ୍ଚିମବଙ୍ଗ ଠାରୁ ପରାସ୍ତ ହୋଇଛି। ୭ ତାରିଖରେ ଛତିଶଗଡ ବିପକ୍ଷରେ ଓଡ଼ିଶା ୩ୟ ମ୍ୟାଚ୍ ଖେଳିବ।

## ରସେଲ ଜିତିଲେ ସିଙ୍ଗାପୁର ଫର୍ମୁଲା-୧ ଗ୍ରାଁ ପ୍ରି




ସିଙ୍ଗାପୁର, ୫ ।୧୦(ଏଜେନ୍ସି): ବ୍ରିଟେନର ମର୍ସିଡିଜ ଡ୍ରାଇଭର ଜର୍ଜ ରସେଲ ଏଥର ସିଙ୍ଗାପୁର ଫର୍ମୁଲା-୧ ଗ୍ରାଁପ୍ରିରେ ଟାଇଟଲ ଜିତିଛନ୍ତି। ରବିବାର ସ୍ଥାନୀୟ ମେରିନା ବେ ସର୍କିଟରେ ଅନୁଷ୍ଠିତ ଚୂଡାନ୍ତ ରେସ୍‌ରେ ୨୭ ବର୍ଷୀୟ ରସେଲ ମ୍ୟାକ୍ସ ଭର୍ଷ୍ଟାପେନ ଓ ଲାଣ୍ଡୋ ନୋରିସ୍‌ଙ୍କୁ ପଛରେ ପକାଇ ଚଳିତ ସିଜନରେ ତାଙ୍କ ଦ୍ୱିତୀୟ ଟାଇଟଲ ହାସଲ କରିଛନ୍ତି। ମାତ୍ର ୫ ସେକେଣ୍ଡ ପାଇଁ ଭର୍ଷ୍ଟାପେନଙ୍କୁ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ରସେଲ ୧ ମିନିଟ୍ ୪୦:୨୨.୩୬୭ ସେକେଣ୍ଡ ସମୟ ନେଇ ଶୀର୍ଷରେ ରହିଥିଲେ। ଭର୍ଷ୍ଟାପେନ ଅଧିକ ୫.୪୩୦, ମ୍ୟାକଲରେନ୍‌ର ଲଣ୍ଡୋ ନୋରିସ୍ ଅଧିକ ୬.୦୬୬ ସେକେଣ୍ଡ ସମୟ ନେଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଅଷ୍ଟ୍ରେଲିଆର ମ୍ୟାକଲରେନ ଡ୍ରାଇଭର ଓସ୍କାର ପିଆଷ୍ଟ୍ରି ଚତୁର୍ଥ ଓ ଇଟାଲୀର ମର୍ସିଡିଜ ଡ୍ରାଇଭର ଆନ୍ଦ୍ରିଆ କିମି ଆଣ୍ଟୋନେଲି ୫ମ ସ୍ଥାନରେ ରହିଥିଲେ।

## ଚାଇନା ଓପନ୍: ନୋସ୍କୋଭାଙ୍କୁ ହରାଇ ଆମାଣ୍ଡା ଚାମ୍ପିଅନ

ବେଜିଂ, ୫ ।୧୦ (ଏଜେନ୍ସି): ଆମେରିକାର ଆମଣ୍ଡା ଆନିସିମୋଭା ଏଠାରେ ଅନୁଷ୍ଠିତ ଚାଇନା ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ତୃତୀୟ ସିଡ୍ ଆମଣ୍ଡା ୬-୦, ୨-୬, ୬-୨ ସେଟରେ ଚେକ ଗଣରାଜ୍ୟର ଲିଣ୍ଡା ନୋସ୍କୋଭାଙ୍କୁ ପରାସ୍ତ କରି ଟାଇଟଲ୍ ହାସଲ କରିଛନ୍ତି। ୨୪ ବର୍ଷୀୟା ଆମଣ୍ଡାଙ୍କ ଏହା ୪ର୍ଥ ଡବ୍ଲ୍ୟୁଟିଏ ଟାଇଟଲ୍। ଅପରପକ୍ଷରେ କ୍ୟାରିୟରର ପ୍ରଥମ ଡବ୍ଲ୍ୟୁଟିଏ ଫାଇନାଲରେ ପ୍ରବେଶ କରିଥିବା ଲିଣ୍ଡାଙ୍କୁ ରନର୍ସଅପରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ପୂର୍ବରୁ ଆମଣ୍ଡା ସେମିଫାଇନାଲରେ ୬-୧, ୬-୧ ସିଧାସଳଖ ସେଟରେ ଡିଫେଣ୍ଡିଂ ଚାମ୍ପିଅନ ତଥା ସାଥୀ ଆମେରିକୀୟ ଖେଳାଳି କୋକୋ ଗଫ୍‌ଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଆମଣ୍ଡା ଚଳିତ ବର୍ଷ ୟୁଏସ୍ ଓପନ୍ ଓ ୱିମ୍ବଲଡନ ଗ୍ରାଣ୍ଡସ୍ଲାମରେ ରନର୍ସଅପ୍ ରହିଥିଲେ।

## ଜାତୀୟ ହ୍ୱିଲ ଚେୟାର ରଗବୀରେ ଟାଇଟଲ୍ ବଜାୟ ରଖିଲା ଓଡ଼ିଶା




ଭୁବନେଶ୍ୱର, ୫ ।୧୦ (ସମିସ): ମଧ୍ୟପ୍ରଦେଶର ଗ୍ୱାଲିୟରରେ ଅକ୍ଟୋବର ୩ରୁ ୫ ତାରିଖ ଯାଏ ଚାଲିଥିବା ୭ମ ଜାତୀୟ ହ୍ୱିଲଚେୟାର ରଗବୀ ଚାମ୍ପିଅନସିପ୍‌ରେ ଓଡ଼ିଶା ଚାମ୍ପିଅନ ହୋଇଛି। ଫାଇନାଲରେ ଓଡ଼ିଶା ହ୍ୱିଲଚେୟାର ରଗବୀ ଦଳ ୧୬-୧୧ ସ୍କୋରରେ ରାଜସ୍ଥାନକୁ ପରାସ୍ତ କରିଥିଲା। ଏଥିସହ ଓଡ଼ିଶା ଟାଇଟଲ୍ ବଜାୟ ରଖିବାରେ ମଧ୍ୟ ସଫଳ ହୋଇଛି। ଭାରତୀୟ ହ୍ୱିଲଚେୟାର ରଗବୀ ମହାସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ଗତ ସଂସ୍କରଣରେ ମଧ୍ୟ ଓଡ଼ିଶା ଦଳ ଟାଇଟଲ ଜିତିଥିଲା। ସୁରେନ୍ଦ୍ର ଜେନା ୧୦ ଜଣିଆ ଓଡ଼ିଶା ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ସେହିଭଳି ଉଦିତ ହରପାଲ୍ ମ୍ୟାନେଜର ଭାବେ ଗସ୍ତ କରିଥିଲେ।

**ଓଡ଼ିଶା ଦଳ**: ଲିଟନ ସାହୁ, ବିକ୍ରମାଦିତ୍ୟ ଜେନା, ପ୍ରଶାନ୍ତ ନାୟକ, ଗୌତମ ସିଂ, ସୁଜିତ କୁମାର ନନ୍ଦ, ଆକାଶ ବାଞ୍ଛୋର, ସୁଧୀର ମଲ୍ଲିକ, ମୁରଲି ବେନିଆନ।

ପିକେ ରଥ ସ୍ମାରକୀ ଚେସ୍

## ଆୟୁଷ୍ମାନ ଚାମ୍ପିଅନ

ଭୁବନେଶ୍ୱର, ୫।୧୦ (ସମିସ): କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧'ର ଛାତ୍ର ଆୟୁଷ୍ମାନ ବେହେରା ୫ମ ପିକେ ରଥ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ରବିବାର ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଆୟୁଷ୍ମାନ ଓ ବିଜେଇଏମ୍ ସ୍କୁଲ-୧ର ସାଇକ୍ରିଷ୍ଣା ସାମଲ ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ଆୟୁଷ୍ମାନ ପ୍ରଥମ ଓ ସାଇକ୍ରିଷ୍ଣା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୟୁନିଟ୍-୮ ଡିଏଭି'ର ଦୁଇ ଭାଇ ଆତୀଶ ନନ୍ଦ ଓ ଆରିଶ ନନ୍ଦ ସମାନ ପଏଣ୍ଟ ରଖିଥିଲେ ମଧ୍ୟ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଖଣ୍ଡଗିରି ମଦର୍ସ ପବ୍ଲିକ ସ୍କୁଲ୍‌ର ପ୍ରୀତମ ହୋତା ମଧ୍ୟ ନନ୍ଦ ଭାଇଙ୍କ ସହ ସମାନ ପଏଣ୍ଟ ରଖିଥିଲେ ମଧ୍ୟ ୫ମ ସ୍ଥାନରେ ରହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ କେଭି-୧ର ବରିଷ୍ଠ ଶିକ୍ଷକ ପୁରୁଷୋତ୍ତମ ବେହେରା ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।



● ବିନୁ ମଙ୍କଡ଼ ଟ୍ରଫି

## ସମ୍ବିତଙ୍କୁ ରାଜ୍ୟ ଦଳର ନେତୃତ୍ୱ

କଟକ,୫।୧୦(ସମିସ): ୧୯ ବର୍ଷରୁ କମ୍ ବାଳକ ବିନୁ ମଙ୍କଡ ଟ୍ରଫି ଆସନ୍ତା ୯ ତାରିଖରୁ ଆରମ୍ଭ ହେବ। ଏଥି ନିମନ୍ତେ ୧୮ ଜଣିଆ ରାଜ୍ୟ ଦଳ ଘୋଷଣା କରାଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ମିଳନୀ କକ୍ଷରେ ରାଜ୍ୟ ଜୁନିୟର ଦଳ ଚୟନ କମିଟି ଅଧକ୍ଷ ନଟରାଜ ବେହେରା ଏବଂ ୧୯ବର୍ଷରୁ କମ୍ ବାଳକ ଦଳର ମୁଖ୍ୟ କୋଚ୍ ପ୍ରଭଞ୍ଜନ ମଲ୍ଲିକ ଉପସ୍ଥିତ ରହି ଦଳ ଘୋଷଣା ନେଇ ସୂଚନା ଦେଇଥିଲେ।

ଘୋଷିତ ୧୮ ଜଣିଆ ଦଳରେ ସମ୍ବିତ ବେଜ୍ ଅଧିନାୟକ ରହିଛନ୍ତି। ଦଳରେ ଶୁଭାଶିଷ ମଲ୍ଲିକ, ପାନକଳ ମୋକ୍ଷିତ(ୱିକେଟ କିପର), ଆୟୂଷ ଚାନ୍ଦ, ପ୍ରୟାନ ସାମଲ, ବିଶ୍ୱଜିତ ପ୍ରଧାନ, ଆଦିତ୍ୟ ଆନନ୍ଦ, ରୁଦ୍ରପ୍ରସାଦ ମଲ୍ଲିକ, ଅଭିରୂପ ଦାସ(ୱିକେଟ କିପର), ମୃତ୍ୟୁଞ୍ଜୟ ମହାପାତ୍ର(ୱିକେଟ କିପର), ପ୍ରିୟାଂଶୁ ମହାନ୍ତି, କ୍ରୀଷ୍ଣା ମହାନ୍ତି, ଶିବୁନ ନନ୍ଦ, ଜନ୍ମେଜୟ ଜେନା, ଅର୍ଣ୍ଣବ ଶତପଥୀ, ଦିବ୍ୟମ ଛପାଡିଆ, ପିୟୂଷ ମନ୍ତ୍ରୀ, ସୟଦ ଟି ଅହମ୍ମଦ ସ୍ଥାନ ପାଇଛନ୍ତି। ହରିୟାଣା ଲାହଲିସ୍ଥିତ ଚୌଧୁରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ଗୁଜରାଟ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

## ତୃତୀୟଥର ଲାଗି ଇରାନୀ କପ୍ ଜିତିଲା ବିଦର୍ଭ




ନାଗପୁର, ୫ ।୧୦ (ଏଜେନ୍ସି)

ରଣଜୀ ଟ୍ରଫି ଚାମ୍ପିଅନ ବିଦର୍ଭ ଦଳକୁ ଆଉ ଏକ ବଡ଼ ସଫଳତା ମିଳିଛି। ଏଠାରେ ଅନୁଷ୍ଠିତ ଇରାନୀ କପ୍‌ରେ ଘରୋଇ ବିଦର୍ଭ ଚାମ୍ପିଅନ ହୋଇଛି। ଅକ୍ଷୟ ୱାଦକରଙ୍କ ନେତୃତ୍ୱାଧୀନ ବିଦର୍ଭ ୯୩ ରନରେ ଅବଶିଷ୍ଟ ଭାରତ ଦଳକୁ ପରାସ୍ତ କରିବା ସହ ୩ୟଥର ଲାଗି ଏହି ସମ୍ମାନଜନକ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛି। ବିଦର୍ଭ ଏଥିପୂର୍ବରୁ ୨୦୧୭-୧୮ ଓ ୨୦୧୮-୧୯ ସିଜନରେ କ୍ରମାଗତ ଭାବେ ଇରାନୀ କପରେ ଚାମ୍ପିଅନ ହୋଇଥିଲା। ବିଦର୍ଭର ପ୍ରଥମ ପାଳିରେ ୧୪୩ ରନର ମାରାଥନ ଶତକୀୟ ପାଳି ଖେଳିଥିବା ଅଥର୍ବ ତାଇଡେ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଏହି ମ୍ୟାଚରେ ବିଦର୍ଭ ପକ୍ଷରୁ ଧାର୍ଯ୍ୟ ୩୬୧ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଅବଶିଷ୍ଟ ଭାରତ ରବିବାର ମ୍ୟାଚର ଅନ୍ତିମ ତଥା ୫ମ ଦିବସରେ ଦ୍ୱିତୀୟ ପାଳିରେ ୨୬୭ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ୟଶ ଧୁଲ ସର୍ବାଧିକ ୯୨ ରନ କରିଥିଲେ। ସେହିଭଳି ବ୍ୟାଟିଂକ୍ରମର ୮ମ ସ୍ଥାନରେ ଆସିଥିବା ମାନବ ସୂତାର ୧୧୩ ବଲରେ ୫୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ଅବଶିଷ୍ଟ ଭାରତ ଦଳକୁ ଜିତାଇପାରି ନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱିକେଟ୍‌କିପର ଇଶାନ କିଶାନ ୩୫, ଅଧିନାୟକ ରଜତ ପଟିଦାର ୧୦, ଅଭିମନ୍ୟୁ ଇଶ୍ୱରନ ୧୭ ରନ କରିଥିଲେ। ବୋଲିଂରେ ପ୍ରତିପକ୍ଷ ବିଦର୍ଭର ବୋଲର ହର୍ଷ ଦୁବେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସେ ସର୍ବାଧିକ ୪ଟି ଏବଂ ଆଦିତ୍ୟ ଠାକରେ ଓ ୟଶ ଠାକୁର ୨ଟି ଲେଖାଏ ୱିକେଟ ନେଇ ବିଦର୍ଭକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ଏହି ପାଞ୍ଚଦିବସୀୟ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ବିଦର୍ଭ ପ୍ରଥମ ପାଳିରେ ୩୪୨ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଅବଶିଷ୍ଟ ଭାରତ ୨୧୪ ରନରେ ସୀମିତ ରହିଥିଲା। ଏହାପରେ ୧୨୮ ରନରେ ଆଗୁଆ ଥିବା ବିଦର୍ଭ ୨ୟ ପାଳିରେ ୨୩୨ ରନରେ ଅଲଆଉଟ୍ ହୋଇଥିଲା। ଉଲ୍ଲେଖଯୋଗ୍ୟ, ରଣଜୀ ଚାମ୍ପିଅନ ହୋଇଥିବା ଦଳ ଏବଂ ଅବଶିଷ୍ଟ ଭାରତ ଏକାଦଶ ମଧ୍ୟରେ ଇରାନୀ କପ୍ ଖେଳାଯାଇଥାଏ।

### ସଂକ୍ଷିପ୍ତ ସ୍କୋର

**ଅବଶିଷ୍ଟ ଭାରତ ପ୍ରଥମ ଇନିଂସ**
୨୧୪ (ରଜତ ପାଟିଦାର-୬୬, ଅଭିମନ୍ୟୁ ଈଶ୍ୱରନ-୫୨, ୟଶ ଠାକୁର-୪/୬୬)।

**ବିଦର୍ଭ ପ୍ରଥମ ଇନିଂସ**
୩୪୨ (ଅର୍ଥବ ତାଇଡେ-୧୪୩, ୟଶ ରାଠୋଡ-୯୧, ଆକାଶଦୀପ-୩/୫୧)।

**ଅବଶିଷ୍ଟ ଭାରତ ଦ୍ୱିତୀୟ ଇନିଂସ**
୨୬୭ (ୟଶ ଧୂଲ ୯୨, ମାନବ ସୂତାର-୫୬ ନଟ୍‌ଆଉଟ, ହର୍ଷ ଦୁବେ-୪/୭୩)।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS